


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-277 ◆SUNDAY ◆05 APRIL 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୭୭ ◆ରବିବାର ◆୦୫ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ଇରାନ ପରମାଣୁ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣ

# ବଢ଼ିଲା ବିକିରଣ ଭୟ

- ଉପସାଗରୀୟ ଦେଶଗୁଡ଼ିକୁ ଇରାନର ଚେତାବନୀ
- ବିକିରଣ କ୍ଷୟକ୍ଷତି ପାଇଁ ଦାୟୀ ରହିବନି ତେହେରାନ
- ଇରାନକୁ ଟ୍ରମ୍ପଙ୍କ ୪୮ ଘଣ୍ଟିଆ ଚରମ ଚେତାବନୀ
- ହର୍ମୁଜ ପ୍ରଣାଳୀ ନ ଖୋଲିଲେ ପରିଣତି ଭୟଙ୍କର
- ଇରାନକୁ ୧୦ ଦିନିଆ ମହଲତ ଦେଇଥିଲେ ଟ୍ରମ୍ପ



■ ତେହରାନ, ୪।୪ (ଏଜେନ୍ସି): ଇରାନ ସହ ଯୁଦ୍ଧରେ ସଫଳତା ମିଳୁନାହିଁ। ଅନ୍ୟପକ୍ଷରେ ଆମେରିକାର ଅନେକ ଯୁଦ୍ଧ ଜାହାଜକୁ ଗୁଳି କରି ଇରାନ ଖସାଇବା ସହିତ ଉପସାଗର ଅଞ୍ଚଳରେ ଥିବା ଆମେରିକାର ପ୍ରାୟ ସମସ୍ତ ସାମରିକ ପ୍ରତିଷ୍ଠାନକୁ ଆକ୍ରମଣ କରି ଛାରଖାର କରିଦେଇଛି। ଏଥିରେ ବ୍ୟସ୍ତ ଓ ବିବ୍ରତ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଆଜି ଇରାନକୁ ପୁଣି ଧମକ ଦେଇଛନ୍ତି। ସେ କହିଛନ୍ତି ଯେ ହର୍ମୁଜ ପ୍ରଣାଳୀ ଖୋଲିବା ସହ ଅସ୍ତ୍ରବିରତି ପାଇଁ ଚୁକ୍ତି କରିବା ଲାଗି ଗତ ୨୬ ତାରିଖରେ ଇରାନକୁ ୧୦ଦିନର ମହଲତ ଦିଆଯାଇଥିଲା। ଏହି ମହଲତ ସରିଆସୁଛି। ଇରାନ ପାଖରେ ଆଉ ମାତ୍ର ୪୮ ଘଣ୍ଟା ସମୟ ରହିଛି। ଏହି ସମୟ ମଧ୍ୟରେ ଚୁକ୍ତି ନ ହେଲେ ଇରାନ ଧ୍ୱଂସ ପାଇଁ ପ୍ରସ୍ତୁତ ରହୁ ବୋଲି ଧମକ ଦେଇଛନ୍ତି ଟ୍ରମ୍ପ।

ଇତିମଧ୍ୟରେ ଗୋଟିଏ ପରେ ଗୋଟିଏ ବିଫଳତା ପରେ ଇରାନର ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବା ସହିତ ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଚଳାଇଛନ୍ତି ଟ୍ରମ୍ପ। ଇସ୍ରାଏଲ ସହ ମିଶି ଆଜି ଇରାନର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ବୁଶେହର ପରମାଣୁ କେନ୍ଦ୍ର ପରିସରରେ କ୍ଷେପଣାସ୍ତ୍ର ମାଡ଼ କରିଛି ଆମେରିକା। ଏଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଏକ ସହାୟକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ତେବେ ମୁଖ୍ୟ ପରମାଣୁ କେନ୍ଦ୍ର ସୁରକ୍ଷିତ ରହିଛି ଏବଂ ସେଠାରେ ସ୍ୱାଭାବିକ କାର୍ଯ୍ୟ ଚାଲୁ ରହିଛି। ଏହି ଘଟଣାକୁ ନେଇ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ଗଭୀର ଚିନ୍ତା ପ୍ରକଟ କରିଛି। ଆଇଏଇଏ ମୁଖ୍ୟ ରାଫେଲ ଗ୍ରୋସି ଚେତାବନୀ ଦେଇ କହିଛନ୍ତି ଯେ, କୌଣସି ପରିସ୍ଥିତିରେ ପରମାଣୁ କେନ୍ଦ୍ରକୁ ଟାର୍ଗେଟ କରାଯିବା ଉଚିତ ନୁହେଁ, କାରଣ ଏହାଦ୍ୱାରା ବଡ଼ ଧରଣର ବିକିରଣ ଜନିତ ଦୁର୍ଘଟଣା ଘଟିବାର ଭୟ ରହିଛି। କେବଳ ସେତିକି ନୁହେଁ, ଇସ୍ରାଏଲ ବାୟୁସେନା ଶନିବାର ଇରାନର ଦକ୍ଷିଣ ଖୁଜେସ୍ତାନ ରାଜ୍ୟରେ ଥିବା ମହଶହର ପେଟ୍ରୋକେମିକାଲ ସ୍ୱେଶାଲ ▶ପୃଷ୍ଠା-୭

## ନିର୍ବାଚନ କମିସନ ସ୍ୱାଧୀନ ଭାବେ କାର୍ଯ୍ୟ କରୁ: ଜଷ୍ଟିସ ନାଗରତ୍ନ



■ ପାଟନା, ୪।୪ (ଏଜେନ୍ସି): ଭାରତୀୟ ନିର୍ବାଚନ କମିସନ ଭଳି ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ କୌଣସି ରାଜନୈତିକ ପ୍ରଭାବରେ ନରହି ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଉଚିତ ବୋଲି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବିଭି ନାଗରତ୍ନ କହିଛନ୍ତି। ଜଷ୍ଟିସ ନାଗରତ୍ନ କହିଛନ୍ତି ଯେ ନିର୍ବାଚନ କମିସନ, କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଏବଂ ଅର୍ଥ କମିସନ ଭଳି ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସାମ୍ବିଧାନିକ ଶାସନ ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ଏହି ସଂସ୍ଥାଗୁଡ଼ିକ ରାଜନୈତିକ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ନ ହେବା ଅତ୍ୟନ୍ତ ଆବଶ୍ୟକ। ଯଦି ନିର୍ବାଚନ ପରିଚାଳନା କରୁଥିବା ବ୍ୟକ୍ତିମାନେ ନିର୍ବାଚନ ଲଢୁଥିବା ବ୍ୟକ୍ତିମାନଙ୍କ ଉପରେ ନିର୍ଭରଶୀଳ ହୁଅନ୍ତି, ତେବେ ନିର୍ବାଚନ ପ୍ରକ୍ରିୟାରେ ନିରପେକ୍ଷତା ରହିବ ନାହିଁ। ସେ ଚେତାବନୀ ଦେଇ କହିଛନ୍ତି ଯେ ଅଧିକାରଗୁଡ଼ିକ କାଗଜପତ୍ରରେ ଠିକ୍ ଥିଲେ ମଧ୍ୟ ଯଦି ସାମ୍ବିଧାନିକ ଢାଞ୍ଚା ଧିରେ ଧିରେ ଦୁର୍ବଳ ହୋଇଯାଏ, ତେବେ ସମ୍ବିଧାନର ପତନ ଘଟିଥାଏ। ଯେତେବେଳେ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ପରସ୍ପର ଉପରେ ନଜର ରଖିବା ବନ୍ଦ କରିଦିଅନ୍ତି, ସେତେବେଳେ କ୍ଷମତାର ଅପବ୍ୟବହାର ହେବାର ଆଶଙ୍କା ବଢ଼ିଯାଏ।

ସେହିପରି ସେ କହିଛନ୍ତି ଯେ ରାଜ୍ୟ ସରକାରଗୁଡ଼ିକ କେନ୍ଦ୍ରର ଅଧସ୍ଥନ ନୁହନ୍ତି। ସେମାନଙ୍କୁ କେନ୍ଦ୍ର ସହଯୋଗୀ ଭାବେ ବ୍ୟବହାର କରିବା ଉଚିତ। ବିକାଶମୂଳକ ଯୋଜନା କ୍ଷେତ୍ରରେ କେନ୍ଦ୍ର ସରକାର ନିଜ ପସନ୍ଦ ଅନୁଯାୟୀ ବାଛିବା ନୀତି ଆପଣେଇବା ଉଚିତ ନୁହେଁ। ସବୁ ରାଜ୍ୟଗୁଡ଼ିକୁ ସମାନ ଭାବେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସହଯୋଗମୂଳକ ସଂଘୀୟ ବ୍ୟବସ୍ଥାକୁ ସେ ଗୁରୁତ୍ୱ ଦେଇଛନ୍ତି। କ୍ଷମତା ଯେତେ ବଡ଼ ହେଉ ନା କାହିଁକି, ତାହା ସବୁବେଳେ ଉତ୍ତରଦାୟୀ ରହିବା ଉଚିତ।

### ଆଉ ପାଦେ ଆଗକୁ ବଢ଼ିଲା ପୁରୀ ବିମାନବନ୍ଦର ପ୍ରକଳ୍ପ

## ଜଙ୍ଗଲ ଜମି ପାଇଁ ମିଳିଲା ଷ୍ଟେଜ୍-୧ ଅନୁମତି

**ସର୍ତ୍ତ ପୂରଣ କଲେ ଚୂଡ଼ାନ୍ତ ଅନୁମତି**

■ ପୁରୀ/ଭୁବନେଶ୍ୱର, ୪।୪ (ସମିସ): ଆକାଶପଥରେ ଯୋଡ଼ି ହେବ ପୁରୀ। ଏଥିପାଇଁ ୨୦୨୧ ମସିହାରୁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ହେଲେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦରକୁ ନେଇ ବିଭିନ୍ନ ସମୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ଏହାସତ୍ତ୍ୱେ ବିମାନବନ୍ଦର ପାଇଁ ଆସିଛି ଭଲ ଖବର, ମିଳିଛି କେନ୍ଦ୍ର ସରକାରଙ୍କ ଷ୍ଟେଜ୍-୧ ଅନୁମୋଦନ। ବହୁ ପ୍ରତୀକ୍ଷିତ ଓ ବହୁଚର୍ଚ୍ଚିତ ଶ୍ରୀଜଗନ୍ନାଥ ବିମାନବନ୍ଦର ପାଇଁ ମିଳିଛି ଜଙ୍ଗଲ ଜମି ଅନୁମତି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ପ୍ରକଳ୍ପକୁ ବାସ୍ତବତାର ରୂପ ଦେବାରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି।

ପୂର୍ବର ବିଜେଡି ସରକାର ସମୟରେ ବିମାନ ବନ୍ଦର ନିର୍ମାଣ ନେଇ କାମ ଆରମ୍ଭ କରାଯାଇଥିଲା। କିନ୍ତୁ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ମିଳି ନ ଥିଲା। ଫଳରେ ଏହି ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଥିବା ବେଳେ ଆସିଛି ଭଲ ଖବର। କେନ୍ଦ୍ର ▶ପୃଷ୍ଠା-୭

# ଓଡ଼ିଶାକୁ କେନ୍ଦ୍ରର ଆଉ ଏକ ଜଳ ଯନ୍ତ୍ରଣା

## ବଂଶଧାରାରେ ଆନ୍ଧ୍ରର ନେରେଡ଼ି ପ୍ରକଳ୍ପକୁ ଜଳଶକ୍ତି ମନ୍ତ୍ରଣାଳୟର ଅନୁମତି

- ଗଜପତି, ରାୟଗଡ଼ା ଜିଲ୍ଲାର ଚାଷୀଙ୍କ ଆଶଙ୍କା, ମରୁଭୂମି ପାଲଟିବ ଚାଷ ଜମି !
- ବିଭିନ୍ନ ମହଲର ମତ, ଚନ୍ଦ୍ରବାବୁ ନାଇଡୁଙ୍କୁ ଖୁସି କରିବାକୁ କେନ୍ଦ୍ର କରିଛି ଫନ୍ଦି
- ପିସିସି ସଭାପତିଙ୍କ ଦାବି, ତୁରନ୍ତ ବିଜ୍ଞପ୍ତି ରଦ୍ଦ କରୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ
- ମହାନଦୀ ଜଳବିବାଦର ଭାଗ୍ୟ ଏପରି ହେବା ନେଇ ଜଳ ବିଶେଷଜ୍ଞଙ୍କ ଆଶଙ୍କା

■ ଭୁବନେଶ୍ୱର, ୪।୪ (ସମିସ): ମହାନଦୀ, ପୋଲାଭରମ୍ ଓ ରେଳ ଡିଭିଜନ କଷଣରେ ଓଡ଼ିଶାବାସୀ ସନ୍ତୁଳି ହେଉଥିବା ବେଳେ କେନ୍ଦ୍ର ସରକାର ଓଡ଼ିଶାକୁ ଆଉ ଏକ ବଡ଼ ଝଟ୍‌କା ଦେଇଛନ୍ତି। ବଂଶଧାରା ନଦୀ ଜଳ ବିବାଦ ମାମଲାରେ ଗତ ୨ ତାରିଖର ଟ୍ରିବ୍ୟୁନାଲଙ୍କ ରାୟ ଆଧାରରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ଆନ୍ଧ୍ରପ୍ରଦେଶକୁ ନେରେଡ଼ି ବ୍ୟାରେଜ ନିର୍ମାଣ ପାଇଁ ଅନୁମତି ଦିଆଯାଇ ଗେଜେଟ୍ ନୋଟିଫିକେସନ୍ ଜାରି କରାଯାଇଛି। କେନ୍ଦ୍ରର ଏହି ବିଜ୍ଞପ୍ତି ଓଡ଼ିଶା ପାଇଁ ବଡ଼ ଝଟ୍‌କା ହୋଇଥିବା ବେଳେ ଆନ୍ଧ୍ର ପ୍ରଦେଶ ପାଇଁ ଲାଭଦାୟକ ହୋଇଛି। ରାୟ ଅନୁଯାୟୀ ଆନ୍ଧ୍ରର ନେରେଡି ବ୍ୟାରେଜ୍ ପ୍ରକଳ୍ପ ପାଇଁ ଥିବା ପ୍ରତିବନ୍ଧକ ଦୂର ହୋଇଥିବା ବେଳେ କ୍ଷତିଗ୍ରସ୍ତ ହେବାକୁ ଯାଉଛି ଓଡ଼ିଶା। କେନ୍ଦ୍ରର ଏପରି ଅନ୍ୟାୟପୂର୍ଣ୍ଣ ଆଚରଣକୁ ନେଇ ରାଜ୍ୟର ବିରୋଧୀ ଦଳଙ୍କଠାରୁ ଆରମ୍ଭ କରି ଜଳ ବିଶେଷଜ୍ଞ ଏବଂ ବିଭିନ୍ନ ସାମାଜିକ ସଂଗଠନ କ୍ଷୋଭ ପ୍ରକାଶ କରିଛନ୍ତି। ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ସହଯୋଗରେ କେନ୍ଦ୍ରରେ ବିଜେପି ସରକାର ଚଳାଉଛି। ତେଣୁ ନାଇଡୁଙ୍କୁ ଖୁସି କରିବାକୁ କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ଓଡ଼ିଶା ବିରୋଧୀ ନିଷ୍ପତ୍ତି ନେଉଛନ୍ତି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ୨୦୦୩ ମସିହାରେ ଆନ୍ଧ୍ର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜଶେଖର ରେଡି ନେରେଡ଼ି ପ୍ରକଳ୍ପର ଶୁଭାରମ୍ଭ ▶ପୃଷ୍ଠା-୭






### କୂଅକୁ ଖସିଲା କାର୍

## ୬ ଶିଶୁଙ୍କ ସମେତ ପରିବାରର ୯ ମୃତ

■ ନାସିକ୍, ୪।୪ (ଏଜେନ୍ସି): ମହାରାଷ୍ଟ୍ରର ନାସିକ ଜିଲ୍ଲା ଅନ୍ତର୍ଗତ ଡିଣ୍ଡୋରୀ ସହରର ଶିବାଜୀ ନଗର ଅଞ୍ଚଳରେ ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ବଡ଼ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ କୂଅକୁ ଖସିପଡ଼ିବା ଫଳରେ ଗୋଟିଏ ପରିବାରର ୯ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଜଣ କୋମଳମତୀ ଶିଶୁ (୫ ଝିଅ ଓ ଜଣେ ପୁଅ) ସାମିଲ ଅଛନ୍ତି। ଏହି ପରିବାର ଏକ ବ୍ୟାଙ୍କୁଏଟ୍ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଓ ଭୋଜି ସାରି ଘରକୁ ଫେରୁଥିଲେ। ସେହି ସମୟରେ ହଲ୍ ନିକଟରେ ଥିବା ଏକ କୂଅରେ କାର୍‌ଟି ଭାରସାମ୍ୟ ହରାଇ ଖସିପଡ଼ିଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ଅଧରାତିରେ ଦୁଇଟି କ୍ରେନ୍ ଓ ପହଁରାଳିଙ୍କ ସାହାଯ୍ୟରେ କାର୍ ଓ ଲୋକଙ୍କୁ ବାହାର କରିଥିଲେ। ଡାକ୍ତରଖାନା ନେବା ବାଟରେ କିମ୍ବା ଚିକିତ୍ସାଧୀନ ଅବସ୍ଥାରେ ସମସ୍ତଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଏହି ଘଟଣାର ଛାନଭିନ୍ କରୁଛି। ଅନ୍ଧାର ▶ପୃଷ୍ଠା-୭






ସକାଳ THE SAKALA
www.sakalaepaper.com

# ୪୦ ଟନ ଔଷଧ ନେବାକୁ ଆସିପାରିଲାନି ବିମାନ

ନୂଆଦିଲ୍ଲୀ, ୪।୪(ଏଜେନ୍ସି): ଇରାନ ପାଇଁ ଭାରତରୁ କିଣାଯାଇଥିବା ୪୦ ଟନ ଓଜନର ଔଷଧ ଏବେ ନୂଆଦିଲ୍ଲୀ ସ୍ଥିତ ଇରାନ ଦୂତାବାସରେ ପଡ଼ି ରହିଛି । ଯୁଦ୍ଧ କାରଣରୁ ଏହି ଔଷଧଗୁଡ଼ିକୁ ତେହରାନ ପଠାଇବା ପାଇଁ କୌଣସି ବିକଳ୍ପ ପଥ ମିଳୁନାହିଁ। ଗତ ସପ୍ତାହରେ ଇରାନର ମସାଦ ବିମାନବନ୍ଦର ଉପରେ ଆମେରିକା ଓ ଇସ୍ରାଏଲ ବାୟୁସେନା ପକ୍ଷରୁ ଭୟଙ୍କର ଏୟାର ଷ୍ଟ୍ରାଇକ କରାଯାଇଥିଲା । ଏଥିରେ ଇରାନର ମାହାନ ଏୟାରର ଏକ ବିମାନ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ସୂଚନା ଅନୁଯାୟୀ, ବିମାନଟି ଔଷଧ ନେବା ପାଇଁ ନୂଆଦିଲ୍ଲୀ ଆସିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ବିମାନଟି ଧ୍ୱଂସ ହୋଇଯିବା ଫଳରେ ଔଷଧ ପରିବହନ ବାଧାପ୍ରାପ୍ତ ହୋଇଛି। ଦୂତାବାସର ଜଣେ ଅଧିକାରୀ କହିଛନ୍ତି ଯେ ଆମେ ଏବେ ଏହି ୪୦ ଟନ୍‌ର ଔଷଧ ପଠାଇବା ପାଇଁ ଅନ୍ୟ କୌଣସି ବିକଳ୍ପ ମାଧ୍ୟମ ଖୋଜୁଛୁ । କିନ୍ତୁ ବର୍ତ୍ତମାନ ଯୁଦ୍ଧ ସ୍ଥିତି ଓ ଆକାଶମାର୍ଗ ବନ୍ଦ ଥିବା କାରଣରୁ ଏହା ସହଜ ହେଉନାହିଁ। ନୂଆଦିଲ୍ଲୀର ଏକ ସରକାରୀ ସୂତ୍ରରୁ ଜଣାଯାଇଛି ଯେ, ଇରାନ ପକ୍ଷରୁ ଦାନ କରାଯାଇଥିବା ପାଣ୍ଠିକୁ ବ୍ୟବହାର କରି ଭାରତରୁ ଔଷଧ କିଣିବା ପାଇଁ ସରକାର ପୂର୍ବରୁ ଅନୁମତି ଦେଇସାରିଛନ୍ତି ।

# ଥରୁର୍‌ଙ୍କ ଗାଡ଼ି ଅଟକାଇ ସୁରକ୍ଷାକର୍ମୀଙ୍କୁ ମାଡ଼

ମାଲାପୁରମ, ୪।୪(ଏଜେନ୍ସି): କେରଳର ମାଲାପୁରମ ଜିଲ୍ଲାରେ ଶୁକ୍ରବାର ରାତିରେ କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁରଙ୍କ ଗାଡ଼ିକୁ କିଛି ଦୁର୍ବୃତ୍ତ ଅଟକାଇବା ସହ ତାଙ୍କ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ୱାଣ୍ଡୁର ଅଞ୍ଚଳରେ ଏକ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ଥିରୁଭାଲ୍ଲୀ ଚେଲ୍ଲିଥୋଡ୍ଡୁ ନିକଟରେ ଘଟଣା ଘଟିଛି। ପ୍ରଦର୍ଶନକାରୀମାନେ ଥରୁରଙ୍କ ଗାଡ଼ିକୁ ଘେରିଯାଇ ପାଟିତୁଣ୍ଡ କରିଥିଲେ । ଏହି ସମୟରେ ତାଙ୍କର ଜଣେ ସୁରକ୍ଷାକର୍ମୀଙ୍କୁ ମାଡ଼ ମରାଯାଇଥିଲା । ତେବେ ଶଶି ଥରୁର ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ଶନିବାର ସକାଳେ ଥରୁର ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି ଯେ ସେ ଏହି ଘଟଣାରେ ମର୍ମାହତ କିନ୍ତୁ ଅବିଚଳିତ। ସେ କହିଛନ୍ତି ଯେ ମୋର ସୁରକ୍ଷାକର୍ମୀ ଏବେ ଭଲ ଅଛନ୍ତି ଏବଂ ମୁଁ ସୁରକ୍ଷିତ ଅଛି। ଏହା ସତ୍ତ୍ୱେ ଆମେ ଆମର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଜାରି ରଖିଛୁ । ଏହି ମାମଲାରେ ସୁରକ୍ଷାକର୍ମୀଙ୍କ ଅଭିଯୋଗ ଆଧାରରେ ୱାଣ୍ଡୁର ପୁଲିସ ମାମଲା ରୁଜୁ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖାଯିବା ସହ ଦୁଇଟି ଗାଡ଼ିକୁ ଜବତ କରାଯାଇଛି। କାଲିଭାରୁ ଅଞ୍ଚଳର ଉମ୍ମାରା ନାମକ ଜଣେ ବ୍ୟକ୍ତିଙ୍କ ବିରୋଧରେ ଜାମିନ ବିହୀନ ମାମଲା ରୁଜୁ କରାଯାଇଛି।

# ଦିଲ୍ଲୀରେ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ତେଲ ମନା

ନୂଆଦିଲ୍ଲୀ, ୪।୪(ଏଜେନ୍ସି): ରାଜଧାନୀ ଦିଲ୍ଲୀର ବାୟୁକୁ ସ୍ୱଚ୍ଛ କରିବା ପାଇଁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶୁକ୍ରବାର 'ବାୟୁ ପ୍ରଦୂଷଣ ପ୍ରଶମନ କାର୍ଯ୍ୟ ଯୋଜନା ୨୦୨୬'ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ପ୍ରଦୂଷଣକାରୀ ଗାଡ଼ି ଉପରେ କଟକଣା, ଧୂଳି ନିୟନ୍ତ୍ରଣ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି । ଗାଡ଼ି ଚଳାଚଳ ଉପରେ କଟକଣା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଯେଉଁ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନଥିବ ସେମାନଙ୍କୁ ପେଟ୍ରୋଲ ପମ୍ପରେ ତେଲ ମିଳିବ ନାହିଁ। ଏହାକୁ ସଠିକ ଭାବେ ଲାଗୁ କରିବା ପାଇଁ ଅଟୋମେଟିକ ନମ୍ବର ପ୍ଲେଟ୍ ଚିହ୍ନଟ (ଏଏନ୍‌ପିଆର) କ୍ୟାମେରା ବ୍ୟବହାର କରାଯିବ । ଆଗାମୀ ନଭେମ୍ବର ୧ରୁ ନୂଆ ନିୟମ ଲାଗୁ ହେବ । ଏହି ଅନୁସାରେ ଦିଲ୍ଲୀକୁ କେବଳ ବିଏସ୍-ଭିଆ ମାନଙ୍କର, ସିଏନ୍‌ଜି କିମ୍ବା ଇଲେକ୍ଟ୍ରିକ ସାମଗ୍ରୀ ପରିବହନ କରୁଥିବା ଗାଡ଼ି ପ୍ରବେଶ କରିପାରିବ । ସେହିପରି ଅଫିସ ସମୟ ପରିବର୍ତ୍ତନ, ପରିବହନ ବ୍ୟବସ୍ଥାରେ ସଂସ୍କାର, ଧୂଳି ନିୟନ୍ତ୍ରଣ ଓ ସହର ପରିମଳ, ସବୁଜିମା ଓ ବୃକ୍ଷରୋପଣ ଉପରେ ଏହି ଯୋଜନା ମାଧ୍ୟମରେ ଗୁରୁତ୍ୱ ଦିଆଯିବ। ପ୍ରଦୂଷଣ ଉପରେ ନଜର ରଖିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହାୟତାରେ ଏକ ପୋର୍ଟାଲ ଏବଂ ଏକ ଗ୍ରୀନ ୱାର ରୁମ୍ ସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀ ରେଖା କହିଛନ୍ତି ଯେ, ସ୍ୱଚ୍ଛ ବାୟୁ ଆମର ବିଳାସ ନୁହେଁ ବରଂ ମୌଳିକ ଅଧିକାର।

# ଆଇଏସ୍‌ଆଇ ସହ ସମ୍ପର୍କ; ୫ ଗିରଫ

ଚଣ୍ଡୀଗଡ଼, ୪।୪(ଏଜେନ୍ସି): ପଞ୍ଜାବ ବିଜେପି ମୁଖ୍ୟ କାର୍ଯ୍ୟାଳୟ ଉପରେ ହୋଇଥିବା ଗ୍ରେନେଡ ଆକ୍ରମଣ ମାମଲାରେ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବ ଶନିବାର ସୂଚନା ଦେଇଛନ୍ତି ଯେ ଏହି ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି ଏବଂ ଆକ୍ରମଣ କରିଥିବା ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କାରାଯାଇଛି । ସୂଚନାଯୋଗ୍ୟ ଯେ, ଗତ ବୁଧବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଚଣ୍ଡୀଗଡ଼ର ସେକ୍ଟର ୩୭ ସ୍ଥିତ ବିଜେପି କାର୍ଯ୍ୟାଳୟ ନିକଟକୁ ଏକ ଆଶୋଧିତ ଗ୍ରେନେଡ଼ ଫିଙ୍ଗାଯାଇଥିଲା । ଏଥିରେ କୌଣସି ଜୀବନହାନି ଘଟିନଥିଲା । ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଗ୍ରେନେଡ ଏବଂ କିଛି ମାରଣାସ୍ତ୍ର ଜବତ କରାଯାଇଛି। ଫରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ଆକ୍ରମଣ ପଛରେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ହାତ ରହିଛି। ଏହି ଘଟଣାକୁ ପର୍ତ୍ତୁଗାଲ ଓ ଜର୍ମାନୀରେ ଥିବା ହ୍ୟାଣ୍ଡଲରମାନେ ପରିଚାଳନା କରୁଥିଲେ । ନିଷିଦ୍ଧ ସଂଗଠନ 'ବବର ଖାଲସା ଇଣ୍ଟରନ୍ୟାସନାଲ'ର ସୁଖଜିନ୍ଦର ସିଂହ ବବର ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛି। ଘଟଣା ପରେ ଏକ ଭିଡ଼ିଓ ଭାଇରାଲ ହୋଇଥିଲା ।

# ଇରାନର ଯୁଦ୍ଧ ରଣନୀତିକୁ ନେଇ ଚିନ୍ତାରେ ଟ୍ରମ୍ପ







ତେହରାନ, ୪।୪(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ୩୬ ଦିନରେ ପହଞ୍ଚିଛି । କିନ୍ତୁ ଗତ ୨୪ ଘଣ୍ଟା ମଧ୍ୟରେ ଇରାନ ଦ୍ୱାରା ଦୁଇଟି ଆମେରିକୀୟ ଯୁଦ୍ଧବିମାନ ଏବଂ ଦୁଇଟି ଏ୧୦- ଥଣ୍ଡରବୋଲ୍ଟ ଏବଂ ଗୋଟିଏ ବ୍ଲାକ ହକ୍ ହେଲିକପ୍ଟର ଆକ୍ରମଣର ଶିକାର ହେବା ପରେ ସାରା ବିଶ୍ୱ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି । ଇରାନ ଆକାଶରେ ଅଖଣ୍ଡ ପ୍ରଭାବ ନେଇ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ଏହି ଘଟଣା ଏକ ବଡ଼ ଝଟ୍‌କା ଦେଇଛି । ଟ୍ରମ୍ପ ଦାବି କରିଥିଲେ ଯେ ଇରାନ ଆକାଶମାର୍ଗରେ ଆମେରିକାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି, କିନ୍ତୁ ଏହି ଘଟଣା ଟ୍ରମ୍ପଙ୍କ ଦାବିକୁ ଭୁଲ ବୋଲି ପ୍ରମାଣିତ କରିଛି। ଯୁଦ୍ଧରେ ଇରାନର ଏହି ଅପ୍ରତ୍ୟାଶିତ ପ୍ରତିକ୍ରିୟା ପ୍ରମାଣ କରିଛି ଯେ, ଆଧୁନିକ ଯୁଦ୍ଧ କ୍ଷେତ୍ରରେ କେବଳ ବଡ଼ ବଡ଼ ଦାବି ନୁହେଁ ବରଂ ଅସାମାନ୍ୟ ଯୁଦ୍ଧକଳା ଶକ୍ତିଶାଳୀ ଶତ୍ରୁକୁ ମଧ୍ୟ ଅଣନିଃଶ୍ୱାସୀ କରିପାରେ । ଇରାନ ନିଜର ପାରମ୍ପରିକ ପଦ୍ଧତି ପରିବର୍ତ୍ତେ ଅତ୍ୟାଧୁନିକ ଇନ୍‌ଫ୍ରାରେଡ ଟେକ୍ନୋଲୋଜି ଏବଂ ଗରିଲା ରଣନୀତି ବ୍ୟବହାର କରି ଆମେରିକାର ବାୟୁସେନାକୁ କଡ଼ା ଜବାବ ଦେଇଛି। ଫଳରେ ଦୀର୍ଘ ଦୁଇ ଦଶନ୍ଧି ପରେ ପ୍ରଥମଥର ପାଇଁ ଆମେରିକାର ଯୁଦ୍ଧ ବିମାନ ଶତ୍ରୁ ପକ୍ଷର ଆକ୍ରମଣରେ ଖସି ପଡ଼ିଛି ।

## ଆମେରିକାର ଯୁଦ୍ଧ ବିମାନକୁ କିଭଳି ଖସାଉଛି ଇରାନ

ଇରାନ ଏକ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ ଯୁଦ୍ଧ ବିମାନକୁ ଖସାଇ ଦେଇଛି। ଏହା ବ୍ୟତୀତ, କୁଏତ ଉପରେ ଏକ ଏ-୧୦ ୱାର୍ଟହଗ୍ ବିମାନ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉଦ୍ଧାର କାର୍ଯ୍ୟରେ ଲାଗିଥିବା ଦୁଇଟି ବ୍ଲାକ ହକ୍ ହେଲିକପ୍ଟରକୁ ମଧ୍ୟ ଇରାନ ଟାର୍ଗେଟ କରିଥିଲା।

୨୦୦୩ ଇରାକ ଆକ୍ରମଣ ପରଠାରୁ ପ୍ରାୟ ୨୦ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଶତ୍ରୁ ପକ୍ଷର ଆକ୍ରମଣରେ ଆମେରିକୀୟ ଯୁଦ୍ଧ ବିମାନ ନଷ୍ଟ ହୋଇଛି। ଏହାକୁ ଇରାନର ମାଜିଦ ସିଷ୍ଟମର କମାଲ ବୋଲି କୁହାଯାଉଛି । ବିଶେଷଜ୍ଞଙ୍କ ଅନୁଯାୟୀ, ଇରାନର ନୂତନ ମାଜିଦ୍ ଏୟାର ଡିଫେନ୍ସ ସିଷ୍ଟମ ଏହି ସଫଳତାର ମୁଖ୍ୟ କାରଣ। ଏହା ରାଡାର ପରିବର୍ତ୍ତେ 'ପାସିଭ ଇନ୍‌ଫ୍ରାରେଡ୍' ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଛି, ଯାହା ଫଳରେ ଏଫ୍-୩୫ ଭଳି ଆଧୁନିକ ଷ୍ଟେଲ୍‌ଥ ବିମାନ ମଧ୍ୟ ଏହାକୁ ଚିହ୍ନଟ କରିପାରିନାହିଁ। ଇରାନ ଏବେ ଯୁଦ୍ଧରେ ଏକ ନୂଆ ରଣନୀତି ଆପଣେଇଛି। ଇରାନ ଏବେ ଗୋଟିଏ ସ୍ଥାନରେ ସ୍ଥାୟୀ ଭାବେ ରହିବା ପରିବର୍ତ୍ତେ 'ସୁଟ୍-ଆଣ୍ଡ-ସ୍କୁଟ୍' ରଣନୀତି ଆପଣେଇଛି। ଏହା କ୍ଷେପଣାସ୍ତ୍ର ମାଡ଼ କରିବା ପରେ ତୁରନ୍ତ ନିଜର ସ୍ଥାନ ବଦଳାଇ ଦେଉଛି। ଇରାନ ନିଜର ଅଧିକାଂଶ ପ୍ରତିରକ୍ଷା ପ୍ରଣାଳୀକୁ ମାଟି ତଳେ ଥିବା ସୁଡଙ୍ଗ ଏବଂ ଗୁପ୍ତ ସହରରେ ଲୁଚାଇ ରଖିଛି, ଯାହାକୁ ଆମେରିକା ଗୁଇନ୍ଦା ସଂସ୍ଥା ଠାବ କରିବାରେ ବିଫଳ ହୋଇଛି । ଇରାନ ରୁଷିଆରୁ ଭର୍ବ ମ୍ୟାନ-ପୋର୍ଟେବଲ ସିଷ୍ଟମ ଏବଂ ଚୀନ୍‌ର ଉନ୍ନତ ଏଚ୍‌କ୍ୟୁ-୯ବି ମିସାଇଲ ସିଷ୍ଟମ ବ୍ୟବହାର କରୁଥିବା ସନ୍ଦେହ କରାଯାଉଛି ।

ମିଳିଥିବା ରିପୋର୍ଟ ଅନୁଯାୟୀ ୩୬ ଦିନରେ ଯୁଦ୍ଧରେ ଆମେରିକାର୧୮ ଟି ଯୁଦ୍ଧ ବିମାନକୁ କ୍ଷେଣାସ୍ତ୍ର ମାଡ଼ କରି ଇରାନ ଖସାଇଥିବା ବେଳେ ଶତାଧିକ ଡ୍ରୋନକୁ ନଷ୍ଟ କରିଛି । ଏଥିରେ ରହିଛି ୩ଟି ଏଫ୍-୧୫, ଦୁଇଟି ଏଫ୍-୩୫, ଦୁଇଟି ଏ-୧୦ ଥଣ୍ଡରବୋଲଟ, ୮ଟି କେସି-୧୩୫ ଏବଂ ଦୁଇଟି ଆୱାକ୍ସ ।

# ପାକିସ୍ତାନର ମଧ୍ୟସ୍ଥତାକୁ ଇରାନର ପ୍ରତ୍ୟାଖ୍ୟାନ

ଇସଲାମାବାଦ୍/ୱାସିଂଟନ, ୪।୪(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ପାଇଁ ହେଉଥିବା ଶାନ୍ତି ଆଲୋଚନାକୁ ବଡ଼ ଝଟ୍‌କା ଲାଗିଛି । ଏହି ଶାନ୍ତି ପ୍ରକ୍ରିୟା ଏବେ ବଡ଼ ବାଧାର ସମ୍ମୁଖୀନ ହୋଇଛି । ୱାଲଷ୍ଟ୍ରିଟ୍ ଜର୍ଣ୍ଣାଲ ଅନୁଯାୟୀ, ପାକିସ୍ତାନର ନେତୃତ୍ୱରେ ଚାଲିଥିବା ଏହି ଆଲୋଚନା ଏକ ପ୍ରକାର ବନ୍ଦ ହୋଇଯାଇଛି । ଇରାନ ସ୍ପଷ୍ଟ ଭାବେ ଜଣାଇଛି ଯେ, ସେ ଆଲୋଚନା ପାଇଁ ପାକିସ୍ତାନକୁ ନିଜର ପ୍ରତିନିଧି ପଠାଇବ ନାହିଁ। ଆମେରିକାର ସର୍ତ୍ତଗୁଡ଼ିକ ଅଗ୍ରହଣୀୟ ବୋଲି ତେହରାନ କହିଛି । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଓ ଏହାର ଆଲୋଚନା ପାଇଁ ପାକିସ୍ତାନ ଉପଯୁକ୍ତ ସ୍ଥାନ ନୁହେଁ । ସେପଟେ ବିଶିଷ୍ଟ ଇରାନ ବିଶେଷଜ୍ଞ ଭାଲି ନାସର ଏକ ଚମକାଇଲା ଭଳି ମନ୍ତବ୍ୟ ଦେଇଛନ୍ତି। ତାଙ୍କ ଅନୁଯାୟୀ, ପାକିସ୍ତାନ ଜରିଆରେ ଆମେରିକା ସହ ଆଲୋଚନା କରିବା ପାଇଁ ଦିଆଯାଇଥିବା ପ୍ରସ୍ତାବ ଏକ ଫାଶ ଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଇରାନର ବଡ଼ ଅଧିକାରୀମାନଙ୍କୁ ଗୋଟିଏ ସ୍ଥାନକୁ ଡାକି ସେମାନଙ୍କୁ ହତ୍ୟା କରିବା। ପାକିସ୍ତାନରେ

**'ଇରାନ ଅଧିକାରୀଙ୍କୁ ମାରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର'**

ଆଲୋଚନା ବିଫଳ ହେବା ପରେ ଏବେ ତୁର୍କୀ ଓ ମିଶର ଅନ୍ୟ ବିକଳ୍ପ ସ୍ଥାନ ଖୋଜୁଛନ୍ତି । ଆଗାମୀ ଦିନରେ କାତାର କିମ୍ବା ଇସ୍ତାନବୁଲ୍‌ରେ ଏହି ଆଲୋଚନା ହୋଇପାରେ । ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଇରାନ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଖୋଲା ନ କରିଛି, ସେ ପର୍ଯ୍ୟନ୍ତ ଆମେରିକା ଇରାନ ଉପରେ ଆକ୍ରମଣ ଜାରି ରଖିବ। ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ ସେ ଇରାନକୁ ପଥର ଯୁଗକୁ ଫେରାଇ ଦେବେ। ରିପୋର୍ଟ ଅନୁଯାୟୀ, ଆମେରିକା ଏକ ଚୁକ୍ତି କରିବାକୁ ଚାହୁଁଛି ଯେଉଁଥିରେ ଇରାନ ହର୍ମୁଜ ପ୍ରଣାଳୀକୁ ବାଣିଜ୍ୟିକ ଜାହାଜ ପାଇଁ ଖୋଲିବ ଏବଂ ଏହାର ବଦଳରେ ଆମେରିକା ଯୁଦ୍ଧ ବନ୍ଦ କରିବ। କିନ୍ତୁ ଇରାନ ଏହି ଦାବିକୁ ଭିତ୍ତିହୀନ ବୋଲି କହି ପ୍ରତ୍ୟାଖ୍ୟାନ କରିଛି। ଗୋଟିଏ ପଟେ ଆମେରିକାର ଭୟଙ୍କର ବୋମାମାଡ଼ ଏବଂ ଅନ୍ୟପଟେ ଇରାନର ଜିଦ୍ ଯୋଗୁଁ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଇରାନୀ ତୈଳ ଜାହାଜ ଚୀନ୍ ପଳାଇବା ପ୍ରସଙ୍ଗ

# ଜାହାଜ ଭାରତ ଆସୁନଥିଲା



ନୂଆଦିଲ୍ଲୀ, ୪।୪(ଏଜେନ୍ସି): ଇରାନରୁ ଭାରତ ଆସୁଥିବା ଅଶୋଧିତ ତୈଳ ଜାହଜ ପେମେଣ୍ଟ ବା ଅର୍ଥ ପୈଠ ସମସ୍ୟା ଯୋଗୁଁ ଚୀନ୍ ଅଭିମୁଖେ ଯାଇଥିବା ଖବରକୁ ଭାରତ ସରକାର ଶନିବାର ଦୃଢ଼ ଭାବେ ପ୍ରତ୍ୟାଖାନ କରିଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଏହି ରିପୋର୍ଟକୁ ତଥ୍ୟଗତ ଭାବେ ଭୁଲ ବୋଲି ବର୍ଣ୍ଣନା କରିଛନ୍ତି। ମନ୍ତ୍ରଣାଳୟ ଏ ନେଇ ସ୍ପଷ୍ଟୀକରଣ ଦେଇଛି । ସୋସିଆଲ ମିଡିଆ ଏବଂ କେତେକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଖବର ଅନୁସାରେ ପେମେଣ୍ଟରେ ବାଧା ଉପୁଜିବାରୁ ଗୁଜରାଟର ବାଦିନାର ଅଭିମୁଖେ ଆସୁଥିବା ଜାହାଜ ଚୀନ୍ ଚାଲିଗଲା । ତେବେ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଭାରତ କହିଛି । ଇରାନରୁ ତୈଳ ଆମଦାନୀ ପାଇଁ କୌଣସି ଆର୍ଥିକ ପ୍ରତିବନ୍ଧକ ନାହିଁ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ମନ୍ତ୍ରଣାଳୟ କହିଛି ଯେ, ଅନ୍ତର୍ଜାତୀୟ ତୈଳ ବ୍ୟାପାରରେ ଜାହାଜର ଗନ୍ତବ୍ୟ ସ୍ଥଳ ପରିବର୍ତ୍ତନ ହେବା ଏକ ସାଧାରଣ ବ୍ୟବସାୟିକ ନିଷ୍ପତ୍ତି। ବ୍ୟବସାୟିକ ସୁବିଧା ଓ କାର୍ଯ୍ୟକ୍ଷମ ନମନୀୟତା ଆଧାରରେ ଜାହାଜଗୁଡ଼ିକ ମଝି ସମୁଦ୍ରରେ ନିଜର ଦିଗ ବଦଳାଇଥାନ୍ତି। ଭାରତ ବିଶ୍ୱର ୪୦ଟିରୁ ଅଧିକ ଦେଶରୁ ତେଲ ଆମଦାନୀ କରୁଛି । ଆଗାମୀ ମାସଗୁଡ଼ିକ ପାଇଁ ଭାରତର ତୈଳ ଆବଶ୍ୟକତା ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ସତ୍ତ୍ୱେ ଯୋଗାଣ ବାଧାପ୍ରାପ୍ତ ହେବ ନାହିଁ ବୋଲି ମନ୍ତ୍ରଣାଳୟ ତରଫରୁ ସ୍ପଷ୍ଟ କରାଯାଇଛି । ପୁଣି ମନ୍ତ୍ରଣାଳୟ ଏଲ୍‌ପିଜି ସମ୍ପର୍କିତ ଗୁଜବକୁ ମଧ୍ୟ ଖଣ୍ଡନ କରିଛି । ସୂଚନା ଦିଆଯାଇଛି ଯେ, ୪୪ ଟିଏମ୍‌ଟି ଇରାନୀ ଏଲ୍‌ପିଜି ବହନ କରୁଥିବା ଜାହାଜ ସି ବାର୍ଡ ଏପ୍ରିଲ ୨ରେ ମାଙ୍ଗାଲୋର ବନ୍ଦରରେ ପହଞ୍ଚିଛି ଓ ବର୍ତ୍ତମାନେ ସେଠାରେ ଗ୍ୟାସ୍ ଖାଲି କରାଯାଉଛି । ସୂଚନାଯୋଗ୍ୟ, ୨୦୧୯ ପରଠାରୁ ଭାରତ ଇରାନରୁ ତେଲ ଆମଦାନୀ ପ୍ରାୟ ବନ୍ଦ କରିଦେଇଥିଲା । ନିକଟରେ ଆମେରିକା ୩୦ ଦିନ ପାଇଁ କିଛିଟା କୋହଳ ନୀତି ଆପଣେଇବା ପରେ ଏହି ଅମାଦାନୀ ପୁଣି ଚର୍ଚ୍ଚାକୁ ଆସିଛି । ପିଙ୍ଗ୍ ସୁନ୍ ନାମକ ଜାହାଜ ଭାରତ ଅଭିମୁଖେ ଆସୁଥିବା ବେଳେ ହଠାତ ଚୀନର ଡଙ୍ଗ୍‌ୟିଙ୍ଗ୍ ଅଭିମୁଖେ ଯାତ୍ରା କରିବାରୁ ଏହି ବିବାଦ ସୃଷ୍ଟି ହୋଇଥିଲା ।

# ହର୍ମୁଜ ପ୍ରଣାଳୀରେ ନୂଆ ସପିଙ୍ଗ ରୁଟ୍ ଭାରତୀୟ ଜାହାଜ ସମେତ ୪ଟି ବଡ଼ ଜାହାଜ ସୁରକ୍ଷିତ ପାର

ନୂଆଦିଲ୍ଲୀ, ୪।୪(ଏଜେନ୍ସି): ସାରା ବିଶ୍ୱରେ ଶକ୍ତି ଯୋଗାଣ ପାଇଁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ହର୍ମୁଜ ପ୍ରଣାଳୀରେ ଏକ ନୂଆ ସାମୁଦ୍ରିକ ପଥ ଚିହ୍ନଟ ହୋଇଛି । ଏହି ପଥ ଅନ୍ତର୍ଜାତୀୟ ଜଳସୀମାକୁ ଏଡ଼ାଇ ଓମାନର ଆଞ୍ଚଳିକ ଜଳସୀମା ମଧ୍ୟରେ ରହିଛି, ଯାହା ଫଳରେ ଜାହାଜଗୁଡ଼ିକ ଇରାନ କବ୍‌ଜାରୁ ବଞ୍ଚିପାରୁଛନ୍ତି। ଏଆଇଏସ୍ (ଅଟୋମେଟିକ ଆଇଡେଣ୍ଟିଫିକେଶନ ସିଷ୍ଟମ)ର ତଥ୍ୟ ଅନୁଯାୟୀ, ତେଲ ଏବଂ ଗ୍ୟାସ ବହନ କରୁଥିବା ୪ଟି ବଡ଼ ଜାହାଜ ଏହି ନୂଆ ରୁଟ୍ ବା ପଥ ଦେଇ ଗତି କରିଛନ୍ତି । ଏହି ପଥ ଓମାନର ମୁସାଣ୍ଡମ ଉପଦ୍ୱୀପ ନିକଟ ଦେଇ ଯାଇଛି । ଏହି ଜାହାଜଗୁଡ଼ିକ ମଧ୍ୟରେ ଏମ୍‌ଏସ୍‌ଭି କ୍ୟୁବା ଏମ୍‌ଏନ୍‌ଭି ୨୧୮୩ ନାମକ ଏକ ଭାରତୀୟ ପଣ୍ୟବାହୀ ଜାହାଜ ମଧ୍ୟ ସାମିଲ ଅଛି, ଯାହା ଦୁବାଇରୁ ଯାତ୍ରା ଆରମ୍ଭ କରିଥିଲା । ମାର୍ଶାଲ ଆଇଲ୍ୟାଣ୍ଡର ଦୁଇଟି ବଡ଼ ଅଶୋଧିତ ତେଲବାହୀ ଜାହାଜ (ହାବ୍ରୁଟ୍ ଓ ଧଲକୁଟ) ଏବଂ ପାନାମାର ଏକ ଏଲ୍‌ଏନ୍‌ଜି କ୍ୟାରିୟର (ସୋହର) ମଧ୍ୟ ଏହି ପଥରେ ସୁରକ୍ଷିତ ଭାବେ ଅତିକ୍ରମ କରିଛନ୍ତି । ଉଲ୍ଲେଖଥାଉ କି, ଯୁଦ୍ଧ ଆରମ୍ଭ ହେବା ପରେ ଇରାନ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ କଟକଣା ଲଗାଇଥିଲା। ଇରାନ ନିଜ ଜଳସୀମା ଦେଇ ନୂଆ ପଥ ତିଆରି କରିଥିଲା, ଯେଉଁଠାରେ ପ୍ରତି ବ୍ୟାରେଲ ପିଛା ୧ ହଜାର ଟୋଲ ବା ଶୁଳ୍କ ଆଦାୟ କରାଯାଉଥିଲା । ଏବେ ନୂଆ ଓମାନ ରୁଟ୍ ବ୍ୟବହାର କରିବା ଦ୍ୱାରା ଜାହାଜଗୁଡ଼ିକ ଇରାନର ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣରୁ ରକ୍ଷା ପାଇବା ସହ ଅନାବଶ୍ୟକ ଶୁଳ୍କରୁ ମଧ୍ୟ ବଞ୍ଚି ପାରୁଛନ୍ତି ।

# ଇରାନ ପ୍ରସଙ୍ଗରେ ରାହୁଲଙ୍କ ସହ କଂଗ୍ରେସ ନେତାଙ୍କ ମତଭେଦ

ନୂଆଦିଲ୍ଲୀ, ୪।୪(ଏଜେନ୍ସି): ଇରାନ ସହ ଚାଲିଥିବା ଯୁଦ୍ଧ ଏବଂ ଭାରତରେ ଏଲ୍‌ପିଜି ଯୋଗାଣ ସ୍ଥିତିକୁ ନେଇ କଂଗ୍ରେସ ଦଳ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି । ଦଳର ହାଇକମାଣ୍ଡ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ତୀବ୍ର ସମାଲୋଚନା କରୁଥିବା ବେଳେ, ୪ ଜଣ ବରିଷ୍ଠ କଂଗ୍ରେସ ନେତା ସରକାରଙ୍କ ରଣନୀତିକୁ ସମର୍ଥନ କରିଛନ୍ତି । କଂଗ୍ରେସର ପ୍ରଭାବଶାଳୀ ନେତା କମଲ ନାଥ, ଆନନ୍ଦ ଶର୍ମା, ଶଶି ଥରୁର ଓ ମନୀଷ ତିୱାରୀ କଂଗ୍ରେସ ଦଳର ଆଭିମୁଖ୍ୟଠାରୁ ପୃଥକ ରହି ସରକାରଙ୍କ ବୈଦେଶିକ ନୀତିକୁ ପ୍ରଶଂସା କରିଛନ୍ତି । ଆନନ୍ଦ ଶର୍ମା ମୋଦୀ ସରକାରଙ୍କ ପଦକ୍ଷେପକୁ ପରିପକ୍ୱ ଓ ଦକ୍ଷ ବୋଲି କହିଛନ୍ତି । ଏଭଳି ସଙ୍କଟ ସମୟରେ ଜାତୀୟ ଏକତା ଓ ସହମତିର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି । ସେହିପରି ରାହୁଲ ଗାନ୍ଧୀ ଭାରତର ବୈଦେଶିକ ନୀତିକୁ ଦୁର୍ବଳ କହୁଥିବା ବେଳେ, ଥରୁର ଏହାକୁ ଦାୟିତ୍ୱବାନ୍ ଶାସନକଳା ବୋଲି ବର୍ଣ୍ଣନା କରିଛନ୍ତି। ଦେଶରେ ଏଲ୍‌ପିଜି ବା ରନ୍ଧନ ଗ୍ୟାସର ଅଭାବ ଥିବା ନେଇ କଂଗ୍ରେସ କରୁଥିବା ଦାବିକୁ କମଲନାଥ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ କହିଛନ୍ତି ଯେ, ଗ୍ୟାସର କୌଣସି ଅଭାବ ନାହିଁ, କେବଳ ମିଥ୍ୟା ବାତାବରଣ ସୃଷ୍ଟି କରାଯାଉଛି। ପଶ୍ଚିମ ଏସିଆ ସଙ୍କଟରେ ସରକାର ସଠିକ୍ ପଦକ୍ଷେପ ନେଇଛନ୍ତି ବୋଲି ମନୀଷ ତିୱାରୀ କହିଛନ୍ତି। କଂଗ୍ରେସ ନେତାଙ୍କ ଏହି ଆଭିମୁଖ୍ୟ ପରେ ବିଜେପି ଆହୁରି ଆକ୍ରମଣାତ୍ମକ ହୋଇଛି । କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଯେ, ନିଜର ଦଳର ନେତାମାନେ ସତ୍ୟ ସ୍ୱୀକାର କରୁଥିବାରୁ କଂଗ୍ରେସ ଏବେ ମିଥ୍ୟା ପ୍ରଚାର ବନ୍ଦ କରିବା ଉଚିତ । ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ରାହୁଲ ଗାନ୍ଧୀଙ୍କୁ ସୁବିଧାବାଦୀ ବୋଲି ସମାଲୋଚନା କରିଛନ୍ତି । ପୂର୍ବରୁ ମଧ୍ୟ ଏଭଳି ସ୍ଥିତି ଉପୁଜିଛି । ୨୦୧୫ରେ ହୋଇଥିବା ଅପପରେସନ ସିନ୍ଦୂର ସମୟରେ ମଧ୍ୟ ଶଶି ଥରୁର ଓ ମନୀଷ ତିୱାରୀ ସରକାରଙ୍କ ସମର୍ଥନରେ ବାହାରିଥିଲେ। ସେତେବେଳେ ରାହୁଲ ଗାନ୍ଧୀ ସରକାରଙ୍କ ଇଚ୍ଛା ଉପରେ ପ୍ରଶ୍ନ ଉଠାଇଥିଲେ, କିନ୍ତୁ ଏହି ନେତାମାନେ ସେନା ଓ ସରକାରଙ୍କ ପକ୍ଷ ରଖିଥିଲେ । ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପ୍ରସଙ୍ଗରେ କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳ ଦଳ ପାଇଁ ଆଗାମୀ ଦିନରେ ଅଡୁଆ ସୃଷ୍ଟି କରିପାରେ।

## ପୁଅ ଆଶାରେ ପିଶାଚ ସାଜିଲା ବାପା

# ଦୁଇ ଜାଆଁଳା ଶିଶୁ କନ୍ୟାଙ୍କୁ କୂଅକୁ ଫିଙ୍ଗି ହତ୍ୟା କଲା



କାରିମନଗର (ତେଲଙ୍ଗାନା), ୪।୪(ଏଜେନ୍ସି): ତେଲଙ୍ଗାନାର କାରିମନଗର ଜିଲ୍ଲା ଅନ୍ତର୍ଗତ ଜୁବିଲି ନଗରରେ ଏକ ଅଭାବନୀୟ ଘଟଣା ଘଟିଛି । ପାରିବାରିକ କଳହ ଏବଂ ପୁଅ ପାଇବା ଜିଦ୍‌ରେ ଜଣେ ବ୍ୟକ୍ତି ନିଜର ଦୁଇ ନିଷ୍ପାପ ଜାଆଁଳା ଝିଅଙ୍କୁ କୂଅରେ ବୁଡ଼ାଇ ହତ୍ୟା କରିବାର ଅଭିଯୋଗ ହୋଇଛି । ଅଭିଯୁକ୍ତ ବାପାର ନାମ କାତୁ ଶ୍ରୀଶୈଳମ । ସେ ୬ ବର୍ଷ ତଳେ ମୌନିକାଙ୍କୁ ବିବାହ କରିଥିଲେ। ସେମାନଙ୍କର ଦୁଇ ଯମଜ ଝିଅ ଥିଲେ। ଏହି ଦୁଇ ଝିଅଙ୍କ ନାମ ଗୀତାଞ୍ଜଳି ଏବ ଗୀତାନଭିକା ଥିଲା । ପୁଲିସ ଓ ପରିବାର ଲୋକଙ୍କ କହିବା ଅନୁଯାୟୀ, ଶ୍ରୀଶୈଳମ ପୁଅ ଚାହୁଁଥିଲେ। କିନ୍ତୁ ଯମଜ ଝିଅ ଜନ୍ମ ହେବା ପରଠାରୁ ସେ ଖୁସି ନଥିଲେ। ଏହି କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟତଃ ସବୁବେଳେ ଝଗଡ଼ା ହେଉଥିଲା । ଶୁକ୍ରବାର ସନ୍ଧ୍ୟାରେ ପୁଣି ଥରେ କଳହ ହେବା ପରେ, ଶ୍ରୀଶୈଳମ ଦୁଇ ଝିଅଙ୍କୁ ଗାଁ ବାହାରେ ଥିବା ଚାଷ ଜମିକୁ ବୁଲାଇ ନେବାକୁ ଯାଇଥିଲେ । ସେଠାରେ ସେ ଦୁଇ ଝିଅଙ୍କୁ କୂଅ ଭିତରକୁ ଫିଙ୍ଗି ଦେଇଥିଲେ । ଘଟଣା ବିଷୟରେ ଜାଣିବା ପରେ ସ୍ଥାନୀୟ ଲୋକ ଏବଂ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପହଁରାଳିଙ୍କ ସାହାଯ୍ୟରେ କୂଅ ଭିତରୁ ଦୁଇଜଣ ଯାକ ଶିଶୁ କନ୍ୟାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଉତ୍ତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତ ବାପାକୁ କାବୁ କରି ମାଡ଼ ମାରିବା ସହ ପୁଲିସରେ ଜିମା ଦେଇଛନ୍ତି । ପୁଲିସ ଏବେ ତଦନ୍ତ ଜାରି ରଖିଛି । କୂଆ ଫିଙ୍ଗିବା ପୂର୍ବରୁ ପିଲାମାନଙ୍କୁ କୌଣସି ବିଷାକ୍ତ ଦ୍ରବ୍ୟ ଦିଆଯାଇଥିଲା କି ନା ସେ ନେଇ ପୁଲିସ ତଦନ୍ତ ଚଳାଇଛି । ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ଏବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦୁଃଖ ଓ ଶୋକର ବାତାବରଣ ଖେଳିଯାଇଛି ।

# ପାର୍ବତ୍ୟ ଅଞ୍ଚଳରେ ନିଖୋଜ ପାଇଲଟଙ୍କୁ ଖୋଜୁଛନ୍ତି ଆମେରିକା, ଇରାନ

ତେହରାନ, ୪।୪(ଏଜେନ୍ସି): ଆକ୍ରମଣ କରି ଇରାନର ସାମରିକ ଶକ୍ତିକୁ ଶୂନ କରି ଦିଆଯାଇଛି ବୋଲି ଟ୍ରମ୍ପ ଦାବି କରୁଥିବା ବେଳେ ଗତକାଲି ୨୪ ଘଣ୍ଟା ମଧ୍ୟରେ ଇରାନ ଦ୍ୱାରା ୪ଟି ଆମେରିକୀୟ ଯୁଦ୍ଧ ବିମାନ ଖସାଇ ଦିଆଯିବା ପରେ ପରସ୍ଥିତି ଅଧିକ ଜଟିଳ ହୋଇପଡ଼ିଛି । ପ୍ରାୟ ୨୮୯ କୋଟି ଟଙ୍କାର ଶକ୍ତିଶାଳୀ ଦୁଇଟି ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ ବିମାନକୁ ଇରାନ ଖସାଇ ଦେଇଛି । ଏଥିରେ ଥିବା ଦୁଇଜଣ ସଦସ୍ୟଙ୍କ ମଧ୍ୟରୁ ଜଣଙ୍କୁ ଆମେରିକା ସ୍ପେଶାଲ ଫୋର୍ସ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ ଏବେ ମଧ୍ୟ ନିଖୋଜ ଅଛନ୍ତି ବୋଲି ଆମେରିକା କହିଛି । ସେହିପରି ଦୁଇଟି ଏ-୧୦ ଥଣ୍ଡରବୋଲଟ୍ ବିମାନକୁ ମଧ୍ୟ କୁଏତ ଉପକୂଳରେ ଖସାଇଦେଇଛି ଇରାନ। ନିଖୋଜ ପାଇଲଟଙ୍କୁ ଖୋଜୁଥିବା ଦୁଇଟି 'ବ୍ଲାକ ହକ୍' ହେଲିକପ୍ଟର ମଧ୍ୟ ଇରାନ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି। ଏହି ପାଇଲଟମାନଙ୍କୁ ଖୋଜାଖୋଜି କରାଯାଉଛି। ଇରାନ ଗଣମାଧ୍ୟମ ଅନୁଯାୟୀ, ଯଦି କେହି ଆମେରିକୀୟ ପାଇଲଟଙ୍କୁ ଜୀବନ୍ତ ଧରିପାରିବେ, ତେବେ ତାଙ୍କୁ ବହୁମୂଲ୍ୟ ପୁରସ୍କାର ଦିଆଯିବ । ଯିଏ ପାଇଲଟଙ୍କୁ ଜୀବନ୍ତ ଧରିବ, ତାଙ୍କୁ ୧୦ ବିଲିୟନ ତୋମାନ ଅର୍ଥାତ ପ୍ରାୟ ୫୫ ଲକ୍ଷ ଟଙ୍କା ପୁରସ୍କାର ମିଳିବ। ଇରାନର ଆଇଆରଜିସି ଦକ୍ଷିଣ- ପଶ୍ଚିମ ଇରାନରେ ନିଖୋଜ ପାଇଲଟଙ୍କୁ ଖୋଜିବା ଜାରି ରଖିଛି। ଅନ୍ୟପଟେ, ଆମେରିକା ସେନା ତରଫରୁ ପାହାଡ଼ିଆ ଅଞ୍ଚଳରେ ନିଖୋଜଙ୍କୁ ଖୋଜିବା ପାଇଁ ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ ଜାରି ରହିଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଏକ ଯୁଦ୍ଧ ବିମାନ ହରାଇବା ଦ୍ୱାରା ଇରାନ ସହ ଚାଲିଥିବା ଆଲୋଚନା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ଏହା ଏକ ଯୁଦ୍ଧ ଓ ଏଥିରେ ଏହି ଭଳି ଘଟଣା ଘଟେ ବୋଲି ସେ ସ୍ପଷ୍ଟ ଭାବେ କହିଛନ୍ତି । ଉଲ୍ଲେଖଥାଉ କି, ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ୧,୯୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଲାଣି । ଇସ୍ରାଏଲରେ ୧୯ ଓ ଆମେରିକାର ୧୩ ଜଣ ସୈନ୍ୟ ପ୍ରାଣ ହରାଇଛନ୍ତି ।

### ଭଦ୍ରକରେ କାଳବୈଶାଖୀର ତାଣ୍ଡବ

# ଉପୁଡ଼ିଲା ଗଛ, ଭୁଶୁଡ଼ିଲା ଅପେରା ଟେଣ୍ଟ





ଭଦ୍ରକ/ଆରଡ଼ି, ୪।୪ (ସମିସ): ଶନିବାର ଅପରାହ୍ଣରେ କାଳବୈଶାଖୀ ଝଡ଼ତୋଫାନରେ ବଡ଼ବଡ଼ ଗଛ ଉପୁଡ଼ି ପଡ଼ିବା ସହ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଛି। ଆଖଣ୍ଡଳମଣି-ଭଦ୍ରକ ମୁଖ୍ୟ ରାସ୍ତା ସହ ସମସ୍ତ ରାସ୍ତାରେ ବଡ଼ବଡ଼ ଗଛ ପଡ଼ି ରହିଥିବାରୁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଛି। ସେହିପରି ଦୋହରାପାଟଣା ସହ ଅନେକ ସ୍ଥାନରେ ଅପେରା ଟେଣ୍ଟକୁ ପବନ ଉଡ଼ାଇ ନେଇଥିବାରୁ ଲକ୍ଷାଧିକ ଟଙ୍କାର ଜିନିଷପତ୍ର କ୍ଷୟକ୍ଷତି ଘଟିଛି। ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଉପୁଡ଼ି

**୪ ପଞ୍ଚାୟତର ୨୪ ଗାଁରେ ବିଦ୍ୟୁତ୍ ବିଚ୍ଛିନ୍ନ**

ପଡ଼ିଥିବାରୁ ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଓଳଗ ଆଦି ୪ଟି ପଞ୍ଚାୟତର ୨୪ଟି ଗାଁରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ମଣ୍ଡିରେ ପଡ଼ି ରହିଥିବା ଧାନବସ୍ତା ବର୍ଷାରେ ଓଦା ହୋଇଯାଇଛି।

# ୮ ତାରିଖ ଯାଏଁ ଜାରି ରହିବ କାଳବୈଶାଖୀ

### ଆଜି ୧୮ ଜିଲ୍ଲାରେ ପବନ, ବର୍ଷା ସହ ବିଜୁଳି ଆଶଙ୍କା

ଭୁବନେଶ୍ୱର,୪।୪(ସମିସ): ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ଶନିବାର ବିଭିନ୍ନ ସ୍ଥାନରେ ପବନ ସହ ବର୍ଷା ହୋଇଥିବା ବେଳେ ଏହା ଗରମରୁ ରାଜ୍ୟବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିଛି। ଆସନ୍ତା ୮ ତାରିଖ ଯାଏଁ କାଳବୈଶାଖୀ ଲାଗି ରହିବାକୁ ଥିବାବେଳେ ଏହାଦ୍ୱାରା ବିଭିନ୍ନ ସ୍ଥାନରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ହେବ ବୋଲି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏନେଇ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ଗଞ୍ଜାମ, ଗଜପତି ଓ ରାୟଗଡା ଜିଲ୍ଲାରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ସ୍ଥାନେ ସ୍ଥାନେ ବିଜୁଳି ଓ ଘଡଘଡି ମଧ୍ୟ ଦେଖାଯାଇପାରେ। ସେଥିପାଇଁ ଉପରୋକ୍ତ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ, ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ୩୦ରୁ ୪୦ କିମି ବେଗରେ ପବନ ସହ ବର୍ଷା ଓ ବିଜୁଳି ସମ୍ଭାବନା ରହିଛି। ସୋମବାର କାଳବୈଶାଖୀର ପ୍ରଭାବ ବୃଦ୍ଧି ପାଇବା ସହ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ୪୦ରୁ ୫୦ କିମି ବେଗରେ ପବନ ବହିପାରେ। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ବହିବାର ଆଶଙ୍କା ରହିଥିବା ନେଇ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯଇଛି।

## କରଞ୍ଜିଆ ଘୂର୍ଣ୍ଣିଝଡ଼ ମୃତ୍ୟୁସଂଖ୍ୟା ୪ରେ ପହଞ୍ଚିଲା



ବାରିପଦା/କରଞ୍ଜିଆ,୪।୪(ସମିସ): କରଞ୍ଜିଆ ଉପଖଣ୍ଡରେ ଘଟିଥିବା ଘୂର୍ଣ୍ଣିଝଡ଼ରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ଏଥିରେ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥିତ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସାଲରପଡ଼ା ଗ୍ରାମର ରାମ ମାଝୀ (୩୧)ଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ମୋଟ ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନା ମୁତାବକ, ଗତ ମାର୍ଚ୍ଚ ୧୫ ତାରିଖ ଅପରାହ୍ଣରେ କରଞ୍ଜିଆ ବ୍ଲକ୍ ବଳା ଓ ତାଟୋ ଦୁଇଟି ପଞ୍ଚାୟତର କିଆ, ପାନପୋଷି, ଡୁଭୁରିଆ, ବନ୍ଦସାହି, ତେନ୍ତୁଳିପୋଷି, ପୁରୁଣାପାଣି, ରଥିଆସାହି ଓ କଙ୍କଡାକୁ ମିଶାଇ ୮ଟି ଗ୍ରାମରେ ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୮ଜଣ ଗୁରୁତର ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଏବେ ରାମ ମାଝୀ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାରେ ୨ ହଜାର ପାଖାପାଖି ଲୋକ ପ୍ରଭାବିତ ହୋଇଥିବା ବେଳେ ୨୯୮ଟି ଘର ଭାଙ୍ଗିଥିଲା।

# ଟ୍ରାକ୍ଟର୍-ବାଇକ୍ ମୁହାଁମୁହିଁ ଧକ୍କା; ୨ ମୃତ

ଧାମନଗର, ୪।୪ (ସମିସ): ଶନିବାର ସକାଳ ପ୍ରାୟ ସାଢ଼େ ୮ଟାରେ ଭଣ୍ଡାରିପଦୀ ଛକ ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇଜଣ ନାବାଳକଙ୍କ ପ୍ରାଣହାନି ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛି। ମୃତାହତମାନେ ସ୍ଥାନୀୟ ହବିବ



ନଗର ଅଞ୍ଚଳର। ମୃତକଦ୍ୱୟ ହେଲେ, ସେକ୍ କଲିମୁଦ୍ଦିନଙ୍କ ପୁଅ ସେକ୍ ଆରମାନ (୧୭) ଓ ସେକ୍ ଡାଲୋଙ୍କ ପୁଅ ସେକ୍ ଆଜମେର୍ (୧୭)। ସେହିପରି ଆହତ ନାବାଳକଜଣଙ୍କ ହେଲେ, ସେକ୍ ଅଏନୁଲଙ୍କ ପୁଅ ସେକ୍ ସାବିର (୧୭)। ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ୩ଜଣ ଯାକ ଏକ ବାଇକ୍‌ରେ ଯାଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ଧାମନଗର ଛକ-ଧାମନଗର ପୂର୍ତ୍ତ ରାସ୍ତାର ଭଣ୍ଡାରିପଦୀ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଲି ବୋଝେଇ ଟ୍ରାକ୍ଟର୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ସେକ୍ ଆରମାନ ଓ ସେକ୍ ଆଜମେର(୧୭)କୁ ମୃତ ଘୋଷଣା କରିଥିଲେ। ସେକ୍ ସାବିରର ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ମୃତ୍ୟୁ ସହ ସଂଘର୍ଷ କରୁଛି। ଟ୍ରାକ୍ଟର୍ ଚାଳକ ସେକ୍ ଆସପାକ୍ ଫେରାର୍ ଥିବା ବେଳେ ଟ୍ରାକ୍ଟରକୁ ପୁଲିସ ହେପାଜତକୁ ନେଇଥିବା ଜଣାଯାଇଛି।

ଅନ୍ୟପକ୍ଷରେ, ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତା କାମ କରୁଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ମୃତ ପରିବାରଙ୍କୁ କ୍ଷତିପୂରଣ ଦାବିରେ ଧାମନଗର-ଭଦ୍ରକ ମୁଖ୍ୟ ରାସ୍ତାର ଟୋପିବାଲା ଛକଠାରେ ଶବକୁ ରାସ୍ତା ଉପରେ ରଖି ଅବରୋଧ କରିଥିଲେ। ଖବର ପାଇ ଧାମନଗର ଅତିରିକ୍ତ ତହସିଲଦାର ପଲ୍ଲୀଭାରତ ମହାଳିକ ଏବଂ ଥାନା ଅଧିକାରୀ ଶୁଭ୍ରଜିତ ଦାଶ ଓ ଅନ୍ୟ ଅଧିକାରୀ ସହ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀ ଓ ମୃତକଙ୍କ ପରିବାରଙ୍କୁ ବୁଝାସୁଝା କରିଥିଲେ। ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

**ଟ୍ରାକ୍ଟର ଚାଳକ ଫେରାର୍; କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**

ସୂଚନାଯୋଗ୍ୟ, ଜାତୀୟ ରାଜପଥର ଧାମନଗର ଛକଠାରୁ ଧାମନଗର ଦୀର୍ଘ ୯କି.ମି ରାସ୍ତା ଏବେ ନିର୍ମାଣ ଚାଲିଛି। ଏହି ରାସ୍ତା କାର୍ଯ୍ୟକୁ ଟେଣ୍ଡର୍ ନେଇଥିବା ଠିକାଦାର ଅତି ବେପରୁଆ ଭାବେ ଧିମା ଗତିରେ ରାସ୍ତା ନିର୍ମାଣ କରୁଛନ୍ତି। ପ୍ରାୟ ୨୦ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟବରାଦରେ ନିର୍ମାଣାଧୀନ ଏହି ରାସ୍ତାରେ ନାନା ଅନିୟମିତତା ପରିଲକ୍ଷିତ ହେଉଥିବା ଅଭିଯୋଗ ହେଉଛି। ଦୁଇପଟକୁ ପ୍ରଶସ୍ତୀକରଣ ହେଉଥିବା ଏହି ରାସ୍ତା ଗୋଟିଏ ପଟ ଖୋଳାଯାଇ ବାଲି ଫିଲିଂ ହୋଇନଥିବା ବେଳେ ଅନ୍ୟପଟେ ଖୋଳାଯାଇ ବିପଦ ସୃଷ୍ଟି କରାଯାଇଛି। ଏଥିପାଇଁ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

## ଗଛ କାଟୁଥିବା ବେଳେ ଚାପିଦେଲା ଡାଳ; ଯୁବକ ମୃତ



କପ୍ତିପଦା, ୪।୪ (ସମିସ): ଶରତ ଥାନା ଅନ୍ତର୍ଗତ କଟୁରିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗଛ କାଟୁଥିବା ବେଳେ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଶାଣଦେଇ ଗ୍ରାମର କୁଅଁର ହାଁସଦା (୩୨)। ସେ ଗଛରେ ଚଢ଼ି ଡାଳ କାଟୁଥିବା ବେଳେ ଉପରେ ଆଉ ଏକ ଡାଳ ପଡ଼ିଯାଇଥିଲା। ଫଳରେ ସେ ଗଛ ସନ୍ଧିରେ ଚାପି ହୋଇ ୨୦ଫୁଟ୍ ଉପରେ ଏକ ଘଣ୍ଟା ଝୁଲି ରହିଥିଲେ। ଏଥିରେ କୁଅଁରଙ୍କ ମୃତ୍ୟୁ ହୋଇଯାଇଥିଲା। ସୂଚନା ମୁତାବକ, ଶାଣଦେଇ ଗ୍ରାମର କୁଅଁର କଟୁରିଆ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଗଛ କାଟିବା ପାଇଁ ଚଢ଼ିଥିଲେ। ଗଛର ଡାଳ କାଟିବା ପରେ ହଠାତ୍ ଉକ୍ତ ଗଛ ଉପରେ ପଡ଼ି ରହିଥିବା ଅନ୍ୟ ଏକ ଡାଳ କୁଅଁରଙ୍କ ଉପରେ ଚାପି ହୋଇରହିଥିଲା। ପ୍ରାୟ ୨୦ ଫୁଟ୍ ଉପରେ ସେ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖି ଦମକଳ ବିଭାଗକୁ ଖବର ଦିଆଯାଇଥିଲା। କପ୍ତିପଦା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି କୁଅଁରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରାଜ୍ୟସ୍ତରୀୟ ଶିଶୁ ବାଟିକା ପ୍ରବେଶ ଉତ୍ସବ

# ପିଲାଙ୍କୁ ଖଡ଼ି ଛୁଆଁ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୪।୪ (ସମିସ): ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଖଡ଼ି ଛୁଆଁଇ ବିଦ୍ୟାରମ୍ଭ କରିଛନ୍ତି। ରାଜ୍ୟର ପ୍ରତି ଗାଁ ଓ ଗଳିକନ୍ଦିରେ ବିଦ୍ୟାରମ୍ଭ ପର୍ବକୁ ଉତ୍ସବ ଭାବେ ପାଳନ କରାଯାଉଛି ଏବଂ ଏହାଦ୍ୱାରା ପିଲାଙ୍କ ସମେତ ଅଭିଭାବକଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ହେଉଥିବା ସେ କହିଛନ୍ତି। ପିଲାମାନଙ୍କୁ ଖଡ଼ି ଓ ସିଲଟରେ ମା' ଓ ବାପା ଶବ୍ଦ ଲେଖାଇବା ସହ ପିଲାଙ୍କ ମନ କଥା ପଚାରି ବୁଝିଛନ୍ତି। ପିଲାମାନଙ୍କୁ ଶିକ୍ଷା ସହାୟତା ସାମଗ୍ରୀ କିଟ୍ ପ୍ରଦାନ କରିଛନ୍ତି। ଖଡ଼ିଛୁଆଁ ଆମ ଓଡ଼ିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା। ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟରେ ଗତବର୍ଷଠାରୁ ସରକାରୀସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ, ତାହା ସୁନିଶ୍ଚିତ କରିବା ପାଇଁ ଏହି ଉତ୍ସବ ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ବିଧାୟକ ବାବୁ ସିଂ, ପ୍ରଶାନ୍ତ କୁମାର ଜଗଦେବ ଓ ଅନନ୍ତ ନାରାୟଣ ଜେନା, ମେୟର୍ ସୁଲୋଚନା ଦାସ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଭାଗୀୟ ସଚିବ ଏନ୍. ଥିରୁମାଲା ନାୟକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

### ଖରାରେ ସିଝିଲେ ଛାତ୍ରଛାତ୍ରୀ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବଢୁଥିବାରୁ ସମସ୍ତ ବିଦ୍ୟାଳୟରେ ସକାଳୁଆ ପାଠପଢ଼ା କରାଯାଇଛି। ସକାଳ ସାଢ଼େ ୧୦ଟାରେ ବିଦ୍ୟାଳୟ ଛୁଟି କରିବା ସହିତ ଖରା ସଂସ୍ପର୍ଶରେ ଛାତ୍ରଛାତ୍ରୀମାନେ ଯେପରି ନ ଆସିବେ, ସେଥିପାଇଁ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଖଡ଼ିଛୁଆଁ ଉତ୍ସବରେ ଏହାର ଧଜିଆ ଉଡ଼ିଛି। ବିଦ୍ୟାଳୟ ଛୁଟି ହେବା ସମୟ ଅର୍ଥାତ୍ ପାଖାପାଖି ସାଢ଼େ ୧୦ଟାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସାଢ଼େ ୧୧ଟାରେ ଶେଷ ହୋଇଥିଲା। କୋମଳମତି ଶିଶୁଙ୍କ ସମେତ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଖରାରେ ଦହଗଞ୍ଜ ହୋଇଥିଲେ। ଏପରିକି, ମୁଖ୍ୟମନ୍ତ୍ରୀ ମଞ୍ଚରେ ଭାଷଣ ଦେଉଥିବା ବେଳେ ଛାତ୍ରଛାତ୍ରୀମାନେ ଖରାରେ ଖେଳୁଥିଲେ ମଧ୍ୟ ଶିକ୍ଷକ ବା ଅଧିକାରୀଙ୍କ ନଜର ପଡ଼ିନଥିଲା। ଏହାକୁ ନେଇ ବିରୋଧୀ ଦଳ କଟାକ୍ଷ କରିଛନ୍ତି। କଂଗ୍ରେସ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର ଏକ୍ସରେ ପୋଷ୍ଟ କରି କୋମଳମତି ଶିଶୁଙ୍କ ଜୀବନ ସହ ଏହା ଖେଳ ବୋଲି ଅଭିଯୋଗ କରିଛନ୍ତି। ଖରାଦିନେ ଶିଶୁଙ୍କ ସୁରକ୍ଷା ନେଇ ସମସ୍ତେ କିପରି ବେଫିକର୍ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଶିଶୁବାଟିକାରେ ମିଶିବ ଅଙ୍ଗନୱାଡ଼ି

ଭୁବନେଶ୍ୱର, ୪।୪ (ସମିସ): ଶିଶୁବାଟିକାରେ ମିଶିବ ଅଙ୍ଗନବାଡ଼ି କେନ୍ଦ୍ର। ପର୍ଯ୍ୟାୟକ୍ରମେ ଶିଶୁବାଟିକାରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ମିଶ୍ରଣ କରାଯିବ ବୋଲି ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ପ୍ରତି ଗାଁରେ ମଡେଲ ସ୍କୁଲ ଖୋଲାଯିବ। ୫ ଏକର ଜାଗାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ ନିର୍ମାଣ ହେବ। ୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ବିଦ୍ୟାଳୟଗୁଡ଼ିକ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

## ମହିଳାଙ୍କୁ ହତ୍ୟା କରି ଜଙ୍ଗଲରେ ଫୋପାଡ଼ିଦେଲେ

ତୁରୁମୁଙ୍ଗା, ୪।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ୍ ଦାମାହୁଦା ପଞ୍ଚାୟତ ସୁନାପଶି ଗାଁ ନିକଟ ଜଙ୍ଗଲରୁ ଶନିବାର ଗୋଟିଏ ମଣିଷ ଖପୁରି ସହ କିଛି ହାଡ଼ ଜବତ ହୋଇଛି। ଜଙ୍ଗଲରେ ହାଡ଼ ଓ ଖପୁରି ପଡ଼ିଥିବା

- ଖପୁରି, ହାଡ଼ ଜବତ ପରେ ତନାଘନା ଆରମ୍ଭ
- ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରୁଛି ପୁଲିସ
- ନିଖୋଜ ମହିଳାଙ୍କ ଝିଅ ଦେଲେ ଏତଲା



ଦେଖି ସ୍ଥାନୀୟ ଲୋକ ପୁଲିସକୁ ସୂଚନା ଦେଇଥିଲେ। ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଖପୁରି ନିକଟରୁ ଗୋଟିଏ ଶାଢ଼ି ଓ ଏକ ବ୍ୟାଗ୍ ମଧ୍ୟ ଜବତ ହୋଇଛି। ଏହା ଜଣେ ମହିଳାଙ୍କ ଖପୁରି ଓ ହାଡ଼ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। କେହି ଦୁର୍ବୃତ୍ତ ମହିଳାଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଶବକୁ ଜଙ୍ଗଲରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

ଅନ୍ୟପକ୍ଷରେ, ବନବୀର ଗ୍ରାମର ସାଲଗେମ ମାଝୀ ୨୨ଦିନ ହେବ ନିଖୋଜ ଥିବା ନେଇ ଝିଅ ଘୁମି ମାଝୀ ଅଭିଯୋଗ କରିଥିଲେ। ଏହି ଖପୁରି ଓ ହାଡ଼ ତାଙ୍କ ମା' ସାଲଗେମ ମାଝିଙ୍କ ବୋଲି ଘୁମି ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜବତ ଖପୁରି ଓ ହାଡ଼କୁ ଡିଏନ୍‌ଏ ଟେଷ୍ଟ ପାଇଁ ପୁଲିସ ପଠାଇଛି। ମାଜିଷ୍ଟ୍ରେଟ୍ ଭାବେ ସାହାରପଡ଼ା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଡାକ୍ତର ଶୁଭେନ୍ଦୁ ସାଗର ନାଏକ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ଏସ୍‌ଆଇ ଲକ୍ଷ୍ମଣ ମାଝୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୁଣ୍ଡ ଖପୁରି ଗୋଡ଼ ହାଡ଼କୁ ଜବତ କରିଛନ୍ତି। ମୃତକଙ୍କ ପରିଚୟ ଓ ଘଟଣାର ସତ୍ୟତା ଜାଣିବାକୁ ପୁଲିସ ତଦନ୍ତକୁ ଜୋରଦାର୍ କରିଛି।

# ପର୍ଯ୍ୟଟକଙ୍କ ପସନ୍ଦ ଡେବ୍ରିଗଡ଼

### ୨୦୨୫-୨୬ରେ ଦେଢ଼ ଲକ୍ଷ ପର୍ଯ୍ୟଟକ , ୬ କୋଟି ରାଜସ୍ୱ

ସମ୍ବଲପୁର, ୪।୪ (ସମିସ): ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ। ଡେବ୍ରିଗଡ଼ ଇକୋ-ଟୁରିଜିମ୍ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ୬.୦୨ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛି। ଏହାସହ ୧.୪ଲକ୍ଷ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି। ଗତ ଆର୍ଥିକ ବର୍ଷ ୨୦୨୪-୨୫ରେ ୮୫ ହଜାର ପର୍ଯ୍ୟଟକ ଆସିଥିବା ବେଳେ ୫.୦୧ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିଲା। ଚଳିତ ଆର୍ଥିକ ବର୍ଷରେ ୫୦ ପ୍ରତିଶତ ପର୍ଯ୍ୟଟକ ଓଡ଼ିଶାର ହୋଇଥିବା ବେଳେ ବାକି ୫୦ ପ୍ରତିଶତ ଭାରତର ବିଭିନ୍ନ ପ୍ରାନ୍ତ ଏବଂ ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଇଟାଲୀ, କାନାଡା, ଜର୍ମାନୀ, ସ୍ପେନ୍, ବ୍ରାଜିଲ୍ ଆଦି ଦେଶରୁ ଆସିଥିବା ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଡିଏଫଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

୨୫-୨୬ର ନୂତନ ଆକର୍ଷଣ ଦୁଇଟି ସ୍ୱତନ୍ତ୍ର ସୁବିଧା ଆରମ୍ଭ ହୋଇଛି। ଜଙ୍ଗଲ ଭିତରେ ହୋମ-ଷ୍ଟେ' ଓ ପକ୍ଷୀ ନିରୀକ୍ଷଣ ପାଇଁ ଏକ ସ୍ୱତନ୍ତ୍ର ୨ କିଲୋମିଟର ଲମ୍ବା ରାସ୍ତା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି। ଏଠାରେ





ପର୍ଯ୍ୟଟକମାନେ ସହଜରେ ଭାରତୀୟ ବାଇସନ୍ (ଗୟଳ), କଳରାପତରିଆ ବାଘ, ବଳୁଆ କୁକୁର, ସମ୍ବର, ଚିତ୍ରା ମୃଗ, ଭାଲୁ, ବରାହ ଏବଂ ମୟୂର ସହ ଅନେକ ବିରଳ ପକ୍ଷୀ ଦେଖିବାର ସୁଯୋଗ ପାଉଛନ୍ତି। ରହିବା ପାଇଁ ୨୫ଟି ରୁମ୍, ହୀରାକୁଦ କ୍ରୁଜ୍, ବ୍ୟାଟ୍ ଆଇଲ୍ୟାଣ୍ଡ, କ୍ୟାଟଲ୍ ଆଇଲ୍ୟାଣ୍ଡ ଓ ସନସେଟ୍ ଆଇଲ୍ୟାଣ୍ଡ, ଆଇଲ୍ୟାଣ୍ଡ କାଫେ, ଜଙ୍ଗଲ ସଫାରୀ, ହାଇକିଂ (୨ରୁ ୨୦ କିମି), ଟ୍ରେକିଂ ଓ କ୍ୟାମ୍ପିଂ, କାୟାକିଂ, ସାଇକେଲିଂ, ବନ୍ୟପ୍ରାଣୀ ଲାଇବ୍ରେରୀ ଏବଂ ଫଟୋଗ୍ରାଫି ଟୁର୍‌ର ମଜା ଉଠାଇ ପାରୁଛନ୍ତି।

ଡେବ୍ରିଗଡ଼ ଇକୋଟୁରିଜିମ୍, ଇକୋ-ଟୁରିଜିମ୍ ସଂରକ୍ଷଣ ଏବଂ ସମ୍ପ୍ରଦାୟ କଲ୍ୟାଣ ମଧ୍ୟରେ ଏକ ଶକ୍ତିଶାଳୀ ସେତୁ ଭାବରେ ଉଭା ହୋଇଛି। ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ଏହା ପ୍ରାକୃତିକ ସମ୍ପଦ ଉପରେ ଚାପ ହ୍ରାସ କରିବା ସହ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିଛି। ବିଭିନ୍ନ ଗ୍ରାମର ପ୍ରାୟ ୧୨୦ ପରିବାର ବର୍ତ୍ତମାନ ଗାଇଡ୍, ସଫାରି ଡ୍ରାଇଭର, ଡଙ୍ଗା ପରିଚାଳକ, ହୋମ-ଷ୍ଟେ' ହୋଷ୍ଟ ଏବଂ ପରିବେଶ ଅନୁକୂଳ ସୁବିଧାରେ କର୍ମଚାରୀ ଭାବରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି। ବିଶେଷକରି, ମହିଳା ଏବଂ ଯୁବପିଢ଼ି ଘର ପାଖରେ ଅର୍ଥପୂର୍ଣ୍ଣ ନିଯୁକ୍ତି ପାଉଛନ୍ତି, ଯାହା ଆର୍ଥିକ ସ୍ଥିରତା ଏବଂ ସାମାଜିକ ସଶକ୍ତୀକରଣକୁ ସୁଦୃଢ଼ କରୁଛି। ସମ୍ପ୍ରଦାୟର ୪୦ ପ୍ରତିଶତ ସଦସ୍ୟ ମହିଳା ସଫାରି ଡ୍ରାଇଭର୍, ଇକୋ-ଗାଇଡ୍ ଭାବେ ନିୟୋଜିତ ଅଛନ୍ତି। ଆସନ୍ତା ଗ୍ରୀଷ୍ମଋତୁ ଶେଷ ସୁଦ୍ଧା ଡେବ୍ରିଗଡ଼ ଇକୋ-ଟୁରିଜମ୍‌ରେ ୩୨ଟି ନୂଆ କଟେଜ୍, କାନୋପି-ୱାକ୍ ସଫାରି ଓ କ୍ରୁଜ୍ ପାଇଁ ନୂତନ ଗାଡ଼ି ଓ ନୌକାର ବ୍ୟବସ୍ଥା କରାଯିବ ବୋଲି ଡିଏଫ୍ଓ କହିଛନ୍ତି।

- ବନ୍ୟପ୍ରାଣୀ ସହ ଜଙ୍ଗଲ ହୋମ ଷ୍ଟେ ଆକର୍ଷଣ ବିନ୍ଦୁ
- ଏ ବର୍ଷ ହେବ କେନୋପି ୱାକ୍ ସହ ୩୨ ନୂଆ କଟେଜ୍

ସକାଳ
THE SAKALA



## ପୁନଃ ଅବସ୍ଥାପିତ ହେଲେ ବିଷ୍ଣୁପୁର ସରପଞ୍ଚ

କାଳିପଦା, ୪।୪ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମ ପଞ୍ଚାୟତର ଚଳିତ ୨୦୨୨ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଲୋକଙ୍କ ଦ୍ୱାରା ନିର୍ବାଚନରେ ବିଜୟ ଲାଭ କରିଥିଲେ ସରପଞ୍ଚ ମହେଶ୍ୱର ଜେନା। କିନ୍ତୁ ତାଙ୍କ ନାଁରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ କୋର୍ଟରେ ଚାରୋଟି ସନ୍ତାନ ଥିବା ନେଇ ଓ ତାଙ୍କର ଶିକ୍ଷାଗତ ଯୋଗ୍ୟତାକୁ ନେଇ କୋର୍ଟରେ ମାମଲା ରୁଜୁ କରିଥିଲେ। ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ପ୍ରଥମ ଦଫାରେ କୋର୍ଟ ମହେଶ୍ୱର ଜେନାଙ୍କୁ ତାଙ୍କ ସରପଞ୍ଚ ପଦବୀରୁ ବହିଷ୍କୃତ କରିଥିଲେ। ମାତ୍ର ମହେଶ୍ୱର ଜେନା ଏହି ହାଇକୋର୍ଟର ରାୟଙ୍କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇ ଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଏସ ଏଲ ପି ନଂ ୭୨୮୮ ଦିଆ ଯାଇଥିବା ମାମଲାରେ ଶୁଣାଣି କରି ହାଇକୋର୍ଟଙ୍କ ରାୟକୁ ସ୍ଥଗିତାଦେଶ ଜାରି କରିଛନ୍ତି। ପୁନଶ୍ଚ ସୁପ୍ରିମକୋର୍ଟର କୌଣସି ପ୍ରକାର ରାୟ ନ ବାହାରିବା ପର୍ଯ୍ୟନ୍ତ ବିଷ୍ଣୁପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ମହେଶ୍ୱର ଜେନା ଦାୟିତ୍ୱରେ ରହିବେ। ଏହି ଅର୍ଡର କପି ବାଲେଶ୍ୱର ଜିଲ୍ଲାପାଳ, ବାଲେଶ୍ୱର ଜିଲ୍ଲା ପଞ୍ଚାୟତିରାଜ ବିଭାଗ ଅଧିକାରୀ ଓ ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଅଛି। ଏବେ ବିଷ୍ଣୁପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ନେବେ ଶ୍ରୀ ଜେନା।



## ସୟଦନା ସେଖ ଅହମ୍ମଦ ପୀରବାବାଙ୍କ ଉର୍ସ ଉତ୍ସବ

ବାଲେଶ୍ୱର,୪।୪(ସମିସ): ସୁନହଟସ୍ଥିତ ସୟେଦନା ଶେଖ ଅହମ୍ମଦ ବାବା ରେହେମାତୁଲ୍ହା ଆଲାୟେ (ବଡା ଆସ୍ତାନା)ଙ୍କ ଦୁଇଦିନିଆ ୬୯ତମ ବାର୍ଷିକ ଉର୍ସ ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ବାବା ଭୁଜାଖିଆ ପୀରଙ୍କ ଉର୍ସ ଉତ୍ସବ ପାଳନର ଗୋଟିଏ ସପ୍ତାହ ପୂର୍ବରୁ ବଡ ଭାଇ ବଡା ଆସ୍ତାନାଙ୍କ ଉର୍ସ ଉତ୍ସବ ପାଳିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଗୋସାଲ ସରିଫରୁ ଉତ୍ସବର ଶୁଭାରମ୍ଭ ହୋଇଥିଲା। ଉତ୍ସବର ଶେଷ ଦିନ ସକାଳେ ନମାଜ ପାଠ ପରେ ଦିବସବ୍ୟାପୀ କୋରାନ ସରିଫ ପାଠ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଆସ୍ତାନରେ ପହଂଚି ବାବାଙ୍କୁ ଚାଦର ଚଢ଼ାଇଥିଲେ। ସନ୍ଧ୍ୟାରେ କୁଲସାରିଫ ଫାତେହା ସହିତ ଭକ୍ତମାନଙ୍କୁ ଲଙ୍ଗର ବଣ୍ଟନ କରାଯାଇଥିଲା। ସୟେଦ ନସୀମ ଅହେମ୍ମଦ ରାଜା ଓ ଯୁବନେତା ଭାଗବତ ସାହୁ ଏହି ଲଙ୍ଗର ବିତରଣର ଶୁଭାରମ୍ଭ କରିଥିଲ। ଶେଷ ପର୍ଯ୍ୟାୟରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭାରତର ବିଶିଷ୍ଟ ଉର୍ଦ୍ଦୁ କବିମାନଙ୍କ ଦ୍ୱାରା ମୁଶାଏରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ସେଖ ସାଉଦ୍ଦିନ, ଉପସଭାପତି ଅବଦୁଲ କାମିଲ, ସମ୍ପାଦକ ଶେଖ ଅବଦୁଲ ଜାହିଦ, ସୟେଦ ନସୀମ ଅହେମ୍ମଦ ରାଜା, ହାଜି ଶେଖ ଅବଦୁଲ ସାଜିଦ, ଶେଖ ଅବଦୁଲ ରଜାକ, ଶେଖ ଗୋଲାମ୍ ମଜାମ୍ମିଲ, ଅବଦୁଲ ଜାକିର ଖାନ, ଶେଖ ରୋହିତ, ଶେଖ ଫରହାଦ, ହାଜି ଶେଖ ସାଦିରୁଦ୍ଦିନ, ଶେଖ ସାଦିକ୍, ଅବଦୁଲ ହାଫିଜ୍ ଖାନ୍, ଶେଖ ହାସୀମ, ଶେଖ ଇମାମୁଦ୍ଦିନ, ଶେଖ ସାଜନ୍, ଶେଖ ସାଦିକିନ ପ୍ରମୁଖ ଦୁଇ ଦିନ ଧରି ଉର୍ସ ଉତ୍ସବର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

# ବାଲେଶ୍ୱର ଡିଏଚ୍‌ଏଚ୍‌ରେ ଡେଙ୍ଗୁ ମେଲେରିଆ ଲାବ୍ ବନ୍ଦ

ବାଲେଶ୍ୱର, ୪।୪ (ସମିସ)

ଆଉଟ ଡୋର ସମୟରେ ଡାକ୍ତର ରୋଗୀ ଦେଖୁଥିବା ବେଳେ ତାଲା ଦେଇ ଛୁ' ମାରିଛନ୍ତି ଡେଙ୍ଗୁ ଏବଂ ମେଲେରିଆ ରୋଗ ପରୀକ୍ଷା ଲ୍ୟାବର ଅଧିକାରୀ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବେ ଡେଙ୍ଗୁ ଓ ମେଲେରିଆ ପରୀକ୍ଷା କରାଯାଉଛି, ଯେଉଁଥି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବେ ଏହି ୨ ରୋଗର ରକ୍ତ ପରୀକ୍ଷା କରାଯିବା ପାଇଁ ସ୍ୱତନ୍ତ୍ର ଭାବେ ଲ୍ୟାବ ରହିଛି। ହେଲେ ଏହି ରୋଗ ପରୀକ୍ଷା ପାଇଁ ଡାକ୍ତର ରୋଗୀଙ୍କୁ ପ୍ରେସକ୍ରାଇବ କରୁଥିବା ବେଳେ ଏହି ପରୀକ୍ଷା କେନ୍ଦ୍ରରେ ଆଉଟଡୋର ସମୟରେ ଝୁଲୁଛି ତାଲା। ନା ମିଳୁଛି ପରୀକ୍ଷା ରିପୋର୍ଟ ନା ହୋଇପାରୁଛି ରୋଗ ପରୀକ୍ଷା। ଏହା କୌଣସି ଛୋଟ ହସ୍ପିଟାଲ ନୁହେଁ, ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟର ଅସଲ ଚିତ୍ର। ମେଡ଼ିକାଲରେ ସ୍ୱାସ୍ଥ୍ୟ ବ୍ୟବସ୍ଥା କିଭଳି ଭୁଶୁଡି ପଡ଼ିଛି, ଏହି ତାଲା ତାହାକୁ ସ୍ପଷ୍ଟ କରିଦେଉଛି। ରୋଗୀ ଜୀବନ ମୃତ୍ୟୁ ସହ ଲଢୁଛନ୍ତି, କିନ୍ତୁ ଯେଉଁଠାରେ ତୁରନ୍ତ ଟେଷ୍ଟ ହେବା ଦରକାର, ସେଠାରେ ଲ୍ୟାବରେ ତାଲା ଝୁଲୁଛି। ଭିତରେ କେହି ନାହାନ୍ତି, ବାହାରେ ରୋଗୀ ହନ୍ତସନ୍ତ। ଏହା କେବଳ ଅବ୍ୟବସ୍ଥା ନୁହେଁଏହା ରୋଗୀଙ୍କ ଜୀବନ ସହ ଖେଳ ସହ ଦାୟୀତ୍ୱରେ ଗୁରୁତର ଅବହେଳା ବୋଲି ସ୍ପଷ୍ଟ ହେଉଛି। ବର୍ତ୍ତମାନ ସମୟରେ ଗ୍ରୀଷ୍ମ ପ୍ରବାହ ଜାରୀ ରହିଥିବା ବେଳେ ଏପ୍ରିଲ ମାସରୁ ଉପର ଓଳି ୬ ଘଟିକା ପର୍ଯ୍ୟନ୍ତ ମେଡ଼ିକାଲ ଆଉଟ ଡୋର ଖୋଲା ଯିବାର ନିୟମ



ରହିଛି। ହେଲେ ଏହି ନିୟମ କୁ ଫୁ କରି ଡାକ୍ତର ରୋଗୀ ଦେଖୁଥିବା ବେଳେ ୫ଟା ସମୟରୁ ତାଲା ଦେଇ ମେଡ଼ିକାଲର ଡେଙ୍ଗୁ ଓ ମେଲେରିଆ ପରୀକ୍ଷା କେନ୍ଦ୍ରର ଲ୍ୟାବ ଅଧିକାରୀ ଛୁ ମାରିଥିବାର ରୋଗ ପରୀକ୍ଷା ପାଇଁ ଆସିଥିବା ରୋଗୀମାନେ ଅଭିଯୋଗ ଆଣିଛନ୍ତି। କର୍ମଚାରୀ ଅନୁପସ୍ଥିତ, ଦାୟିତ୍ୱହୀନତା ଚରମ ସୀମାରେ ପହଁଚିଛି। ଯେଉଁ ସମୟରେ ଡେଙ୍ଗୁ ଓ ମେଲେରିଆ ଭଳି ଜନଘାତୀ ରୋଗ ବଢୁଛି, ସେହି ସମୟରେ ଏପରି ଅବହେଳାକୁ ନେଇ ରୋଗୀ ପ୍ରଶ୍ନ ଉଠାଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖୋଦ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ରହୁଥିବା ବେଳେ ଯଦି ମୁଖ୍ୟ ଚିକିତ୍ସାଳୟରେ ଏମିତି ସ୍ୱାସ୍ଥ୍ୟ ସେବାରେ ଚରମ ଅବହେଳା ଘଟୁଛି, ତେବେ ଗ୍ରାମାଞ୍ଚଳରେ କିଭଳି ସ୍ୱାସ୍ଥ୍ୟ ସେବା ଯୋଗା ଯାଉଥିବ, ତାହା ଜଳଜଳ ଦିଶୁଛି। ଏନେଇ ବାଲେଶ୍ୱର ସିଡ଼ିଏମଓ ଡା. ଅମୁଲ୍ୟ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ ଏ ଦିଗରେ ଦୃଷ୍ଟି ଦିଆଯିବା ସହ ତଦନ୍ତ କରାଯାଇ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ଭୋଗରାଇ, ୪।୪ (ସମିସ): ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଏକ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ଶୈବାଳ କାନ୍ତି ପ୍ରଧାନ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡ. ଧିରେନ୍ଦ୍ର କୁମାର ଜେନା ଅତିଥି ନିମନ୍ତ୍ରଣ, ଅତିଥି ପରିଚୟ ଓ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମଞ୍ଚାସୀନ ଅତିଥି ବୃନ୍ଦକୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ପ୍ରଦାନ ସହିତ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀ ବିଦାୟୀ ଛାତ୍ରଛାତ୍ରୀ ଓ ବିଦାୟୀ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଧାନଙ୍କ ରାଜନୀତି ବିଜ୍ଞାନ ବିଭାଗ ତଥା ମହାବିଦ୍ୟାଳୟକୁ ତାଙ୍କର ଅବଦାନ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ କେଦାର ସିଂ ଦାସ, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଜଗଦୀଶ ଚନ୍ଦ୍ର ଗିରି ଶ୍ରୀ ପ୍ରଧାନଙ୍କର ଆଗାମୀ ଜୀବନ ସୁଖ ଓ ସମୃଦ୍ଧି କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଭାଗୀୟ ମୁଖ୍ୟ ସବିତା ପ୍ରଧାନ ଓ ଅଧ୍ୟାପିକା ସୁଶୀଳା ମିଶ୍ର ବକ୍ତବ୍ୟ ରଖିଥିଲେ। ଛାତ୍ର ଆଶିଷ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ପାଳିଲା ଶତକୀୟ ଆଭାସୀ ପାଠଚକ୍ର

ନୀଳଗିରି, ୪।୪ (ସମିସ): ସାଧାରଣ ମଣିଷ ନିକଟରେ ସାହିତ୍ୟରେ ଥିବା ଗୁଣାତ୍ମକତାର ଜ୍ଞାନ ନାହିଁ। ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରରେ ସାହିତ୍ୟ ସମାଲୋଚନାକୁ ବଞ୍ଚାଇ ରଖିବାର ପ୍ରୟାସ ପ୍ରଶଂସନୀୟ। ଆଧ୍ୟାତ୍ମିକ ଦିଗକୁ ବୁଝୁଥିବା ଲୋକ ହିଁ ଆଧୁନିକ। ସର୍ବୋପରି ଠାକୁର ପୂଜା କରୁ ନଥିବା ଲୋକ ବି ବ୍ରହ୍ମତ୍ୱର ଉପଲବ୍ଧ କରେ ବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୧୦୦ ତମ ଆଭାସୀ ପାଠଚକ୍ରରେ ଅତିଥି ଭାବରେ ଯୋଗଦେଇ ବର୍ଷୀୟାନ ସାହିତ୍ୟିକ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଓଡ଼ିଆ ଭାଷାର ଶାସ୍ତ୍ରୀୟତା ନାମକ ଶୀର୍ଷକରେ ପ୍ରଶ୍ନ ଆଧାରିତ ଆଲୋଚନାରେ ଆଲୋଚକ ଭାବରେ ପ୍ରଫେସର ନଟବର ଶତପଥୀ, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପ୍ରଫେସର ଅନନ୍ତ କିଶୋର ଜେନା, ଡ. ସୁବ୍ରତ କୁମାର ପୃଷ୍ଟି ଯୋଗଦେଇ ଅତ୍ୟନ୍ତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରାରମ୍ଭରେ କୁମାରୀ ଭାର୍ଗବୀ ରାଉତ୍ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ଜଳେଶ୍ୱରର ଓଡିଆ ବିଭାଗର ଅଧ୍ୟାପିକା ଡ. ମୋନାଲିସା ଚାନ୍ଦ ସମସ୍ତ ଆଲୋଚକ ଓ ଅତିଥିଙ୍କୁ କୃତଜ୍ଞତା ଓ ଉପସ୍ଥିତ ଓଡ଼ିଶାର କୋଣଅନୁକୋଣରୁ ବରିଷ୍ଠ ଅନ୍ୟ ଅଧ୍ୟାପକ ଅଧ୍ୟାପିକାଙ୍କୁ ଧନ୍ୟବାଦ ପ୍ରଦାନ ତଥା ପାଠକ ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ବ୍ୟବସାୟୀଙ୍କ ଘରୁ ସୁନା ଅଳଙ୍କାର ଏବଂ ଟଙ୍କା ଲୁଟ୍ ଘଟଣାରେ ୩ କୋର୍ଟଚାଲାଣ

ନୀଳଗିରି, ୪।୪ (ସମିସ): ଗତ ମାର୍ଚ୍ଚ ୨୫ ତାରିଖରେ ନୀଳଗିରି ଏନ୍.ଏ.ସି ଅନ୍ତର୍ଗତ ୯ ନଂ ୱାର୍ଡ କାହାଳିଆ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ଗୋବିନ୍ଦା ସିଂହଙ୍କ ଘରେ ୬ ଜଣ ଅଜ୍ଞାତ ଲୁଟେରା ବନ୍ଧୁକ, ତେଲେଙ୍ଗା କଟୁରୀ ଆଦି ମାରଣାସ୍ତ୍ର ଦେଖାଇ ପ୍ରାୟ ୩୦ ଲକ୍ଷରୁ ଉଦ୍ଧ୍ୱର୍ ମୂଲ୍ୟର ସୁନା ଅଳଙ୍କାର ସହିତ ନଗଦ ୨୦ ଲକ୍ଷ ଟଙ୍କା ଲୁଟିନେଇ ଖସି ପଳାଇ ଯାଇଥିଲେ। ଏନେଇ ନୀଳଗିରି ଥାନାରେ ଅଭିଯୋଗ ପରେ ପୋଲିସ ସକ୍ରିୟ ହୋଇ ଲୁଟେରାଙ୍କ ପିଛା କରିଥିଲା। ଉକ୍ତରାତି ପ୍ରାୟ ୯.୩୦ ସମୟରେ ସିଂହ ପରିବାରର ସମସ୍ତ ସଦସ୍ୟ ଖାଇବାକୁ ବସିଥିବା ବେଳେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଧରି ଭୟଭୀତ କରିବା ସହିତ ଗୋବିନ୍ଦା ସିଂହଙ୍କ ସମେତ ପରିବାରର ଅନ୍ୟ ମହିଳାମାନଙ୍କୁ ମୁହଁରେ ବ୍ଲାକଟେପ୍ ଲଗାଇ ମୁହଁ ବନ୍ଦ କରିବା ସହିତ ସମସ୍ତଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। ପରେ ଗଡରେଜ୍ ଚାବିଭାଙ୍ଗି ପ୍ରାୟ ୨୦ଲକ୍ଷ ଟଙ୍କାର ନଗଦ ରାଶି



ସହ ୩୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇ ଯାଇଥିଲେ। ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ପୁଲିସ ନଂ.୧୫୫/୨୬ରେ ମାମଲା ରୁଜୁ କରି ନୀଳଗିରି ଏସଡିପିଓ ପ୍ରମୋଦ ମଲିକ, ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ସମେତ ବାଲେଶ୍ୱରରୁ ସାଇଣ୍ଟିଫିକ ଦଳ ଘଟଣା ସ୍ଥଳରେ ପହଞ୍ଚି ଅପରାଧୀଙ୍କ ପିଛା କରୁଥିବା ବେଳେ ଗତ ୪ ଦିନ ଧରି ଫୋନ ଟ୍ୟାପିଂ ମାଧ୍ୟମରେ ଶୁକ୍ରବାର ଉକ୍ତ ଲୁଟେରା ଗ୍ରୁପର ୩ ଜଣଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଥିଲେ। ଗିରଫ ଅଭିଯୁକ୍ତ ମଧ୍ୟରେ ହେଲେ ଖନ୍ତାପଡ଼ା ଥାନା ଅଧୀନ ସେରଗଡ଼ ନିକଟ ବରୁଣ ସିଂ ଗାଁର ବିଲାତି ଓରଫ ସୂର୍ଯ୍ୟକାନ୍ତ ନାୟକ (୨୨), ଖନ୍ତାପଡ଼ା ରାମନଗରର ଅଞ୍ଚଳର ସମୀର ଖାଁ (୧୯) ଏବଂ ରେମୁଣା ଥାନା ଅଧୀନ ସୋମନାଥପୁର ନିକଟ ଜଗନ୍ନାଥପୁର ଗାଁର ସେକ୍ ସାହିଲ(୨୬) ବୋଲି ସୂଚନା ମିଳିଛି। ୩୦ ଲକ୍ଷ ଟଙ୍କାର ଗହଣା ଓ ୨୦ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ବେଳେ ସେମାନଙ୍କଠାରୁ ମାତ୍ର ୨ଟି ବାଇକ, ୩ ଟି ମୋବାଇଲ, ଗୋଟେ ତେଲଙ୍ଗା କଟୁରି, ୩ ଟି ମାଙ୍କଡ଼ ଟୋପି ଜବତ କରିଛି। ଶନିବାର ନୀଳଗିରି ପୁଲିସ ପକ୍ଷରୁ ସେକସନ୍ ୩୩୩,୩୧୦(୨)୩୧୨ ବି.ଏନ.ଏସ. ୨୫ ଆର୍ମସ୍ ଏକ୍ଟ ରେ କୋଟ ଚାଲାଣ ହୋଇଛି।

## ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ

ନୀଳଗିରି, ୪।୪ (ସମିସ): ଏକ ଆଧାତ୍ମିକ ପରିବେଶରେ ଗତ ୨୭ତାରିଖ ପବିତ୍ର ରାମନବମୀ ଠାରୁ ନଅଦିନ ଧରି ନୀଳଗିରି ଗୁଣ୍ଡିଚାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଏବଂ ପ୍ରବଚନ ସମାପ୍ତ ହୋଇଯାଇଛି। ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ନୀତି ଆଦର୍ଶ, ବଚନରକ୍ଷା, ସର୍ବୋପରି କର୍ତ୍ତବ୍ୟପରାୟଣତା ଉପରେ ଆଧାରିତ ଏଭଳି ପବିତ୍ରଗାଥାକୁ ସମାଜସେବୀ ବ୍ରହ୍ମାନନ୍ଦ ଦାସ, ଅନନ୍ତ କୁମାର ବେହେରା, ପିତାମ୍ବର ପାତ୍ର, ନବକିଶୋର ଦାସଙ୍କ ଭଳି ସୁଜ୍ଞାନିଙ୍କ ଉଦ୍ୟମରେ ଦୀର୍ଘ ନଅଦିନଧରି ଏଭଳି ଆୟୋଜନ କରାଯାଇଥିଲା।

## ଭୋଳାନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଚନ୍ଦନେଶ୍ୱର, ୪।୪ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ହୁଗୁଳି ପଞ୍ଚାୟତ ଅଧୀନ ବାଡ଼ସରିଷାସ୍ଥିତ ଭୋଳାନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ କହିଥିଲେ ଯେ ପ୍ରତ୍ୟେକ ବିଦ୍ୟାଳୟ ଏକ ପ୍ରୟୋଗଶାଳା ସମାନ। ଆଦର୍ଶ ଶିକ୍ଷକ ହିଁ ଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ସମ୍ଭାବନାକୁ ଚିହ୍ନଟ କରି ସେମାନଙ୍କୁ ସଠିକ୍ ପଥରେ ଆଗୁଆ କରନ୍ତି। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ନେତା ଶ୍ରୀନିବାସ ଚନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ ଯେ ଶିକ୍ଷା ଏକ ଶକ୍ତିଶାଳୀ ମାଧ୍ୟମ, ଯାହା ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ମୁଖ୍ୟ ଭୂମିକା ନିଭାଏ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ କବି ଡ଼. ସନ୍ତୋଷ କୁମାର ପାତ୍ର, ସୁବାସ ଦତ୍ତ, ଦିଲ୍ଲୀପ କୁମାର ପାତ୍ର, ଚନ୍ଦନେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡର ମୌରସୀ ତପନ ପଣ୍ଡା, ଦକ୍ଷିଣ ଭୋଗରାଇ ଓଷ୍ଟାର ସଭାପତି ମହେଶ୍ୱର ଗିରି, ଦକ୍ଷିଣ ତେଘରୀ ଲକ୍ଷ୍ମୀକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌର ଗୋପାଳ ପ୍ରଧାନ, ଗୋପାଳ ଚନ୍ଦ୍ର ମହାନ୍ତି, ଶିକ୍ଷକ ଦେବଶଙ୍କର ଦାଶ, ସମିତି ସଦସ୍ୟ ଗୋବିନ୍ଦ ଦାସ, ଭାରପ୍ରାପ୍ତ ସରପଞ୍ଚ ବିଭୁତି ପ୍ରଧାନ, ପରିଚାଳନା କମିଟିର ସଭାପତି ପ୍ରଦୀପଧଡ଼ା, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ବନମାଳୀ ପାଳ ଯୋଗଦେଇ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଦୀନବନ୍ଧୁ ଶଙ୍ଖୁଆ ଅତିଥି ପରିଚୟ ଦେଇଥିବା ବେଳେ ସୁଧାଂଶୁ ଶେଖର ମଣ୍ଡଳ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଦିଲ୍ଲୀପ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

## ରାଜପଥରେ ଜଳିଗଲା କଣ୍ଟେନର

ବାଲେଶ୍ୱର, ୪।୪ (ସମିସ) : ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ସେରଗଡ଼ ନିକଟରେ ଏକ କଣ୍ଟେନରରେ ନିଆଁ ଲାଗି ଜଳିଯାଇଛି। ଶନିବାର ମଧ୍ୟାହ୍ନ ସମୟରେ କଲିକତାରୁ ଚିଙ୍ଗୁଡ଼ି ଖାଲିକରି ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଏକ ଚିଙ୍ଗୁଡ଼ି କଣ୍ଟେନର ୧୬ନମ୍ବର ଜାତୀୟ ରାଜପଥରେ ଯାଉଥିବା ସମୟରେ ହେଲ୍ପର ରୋଷେଇ କରୁଥିଲେ। ହଠାତ କେବିନ ରେ ନିଆଁ ଲାଗିବା ସହିତ



ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଡ୍ରାଇଭର ଗାଡିରୁ ବାହାରି ଚାଲିଯାଇଥିଲେ। ଘଟଣା ସ୍ଥଳରେ ଖନ୍ତାପଡ଼ା ଥାନା ଆଇଆଇସି ଅନୁରାଗ ମହାନ୍ତି ଜାତୀୟ ରାଜପଥ ପୋଲିସ ଜେପି ଖାନ ପହଞ୍ଚି ଥିଲେ। ନିଆଁକୁ ଆୟତ୍ତ କରିବା ପାଇଁ ଦମକଳ ବାହିନୀ ସେଠାରେ ପହଁଚି ନିଆଁ ଲିଭା କାର୍ଯ୍ୟରେ ସହଯୋଗ କରିଥିଲେ। ପ୍ରାୟ ଅଧଘଣ୍ଟା ସମୟ ପାଇଁ ଅଞ୍ଚଳଟି ଧୂଆଁମୟ ହେବା ସହିତ ଗାଡି ଚଳାଚଳ ବନ୍ଦ ରହିଥିଲା। ପରେ ଜାତୀୟ ରାଜପଥ ସ୍ୱାଭାବିକ ହୋଇଥିଲା।

## 'ଓଡ଼ିଆ ଭାଷାରେ ନାମଫଳକ' ସଚେତନତା ପଦଯାତ୍ରା

ବାଲେଶ୍ୱର, ୪।୪ (ସମିସ) : ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଓଡ଼ିଆ ପକ୍ଷ ୨୦୨୬ ଅବସରରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ "ଓଡ଼ିଆ ଭାଷାରେ ନାମଫଳକ - ସଚେତନତା ପଦଯାତ୍ରା" ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ବାଲେଶ୍ୱର ପୌରପାଳିକାର ମୁଖ୍ୟ ରାସ୍ତା ପରିକ୍ରମା କରି ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡିକୁ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ସମ୍ବନ୍ଧରେ ସଚେତନ କରିବା ସହ ଲିଫଲେଟ ପ୍ରଦାନ କରାଯାଇଥିଲା। ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ପଦଯାତ୍ରାରେ ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ, ଜିଲ୍ଲା ସହକାରୀ ଶ୍ରମ ଅଧିକାରୀଣୀ ଶିବଙ୍ଗି ହେମ୍ବ୍ରମ, ଶୈଳସୂତା ଦାସ, ଅଧିକାରୀ କୁମାର ବାସୁଦେବ ପଣ୍ଡା, ତୁଷାରକାନ୍ତ ଜେନା, କନିଷ୍ଠ ସହାୟକ ପ୍ରିୟବ୍ରତ ଦାସ ଓ ରାଜେନ୍ଦ୍ର ମାଝୀଙ୍କ ସହିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ଏହି ପଦଯାତ୍ରାରେ ସାମିଲ ଥିଲେ।



## କବିବର ରାଧାନାଥଙ୍କ ୧୧୮ ତମ ଶ୍ରାଦ୍ଧ ଓ ସାଂସ୍କୃତିକ ସମାରୋହ

ସୋର, ୪।୪ (ସମିସ)

ସୋର ରାଧାନାଥ ପାଠାଗାର ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କବିବର ରାଧାନାଥ ରାୟଙ୍କ ୧୧୮ ତମ ଶ୍ରାଦ୍ଧ ଓ ୮୧ ତମ ସାଂସ୍କୃତିକ ସମାରୋହ ଦ୍ୱିତୀୟ ସଂଧ୍ୟାରେ ରାଧାନାଥ ପାଠାଗାର ସଭାପତି ପର୍ଶୁରାମ ଧଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡ. କମଳାକାନ୍ତ ଜେନା ଯୋଗଦେଇ ବଡ଼ଙ୍କ ଅବଦାନ ଓ ଚେତନା କେଉଁଠିନା କେଉଁଠି ସୀମା ଲଂଘନ ହୋଇଥିଲେ ମଧ୍ୟ ସୂକ୍ଷ୍ମ ଚେତନାଟି ନିଜସ୍ୱ ସଂସ୍କୃତି ନିର୍ମାଣର ପରିପନ୍ଥ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ରୋଜାଲିନ ଜେନା ଯୋଗଦେଇ ବିଶ୍ୱ ସାହିତ୍ୟରେ ଥିବା ପ୍ରକୃତି ଚେତନା ରାଧାନାଥଙ୍କ ସାହିତ୍ୟରେ ପ୍ରକୃତିକୁ କଥା କହିବାର କଳା ତାଙ୍କ



କାବ୍ୟକୁ ଅନନ୍ୟ କରିଥିଲା। ବରେଣ୍ୟ ଅତିଥି ଭାବେ କୃଷ୍ଣଚନ୍ଦ୍ର ବଳ ଯୋଗଦେଇ କବିତା ଶାଶ୍ୱତୀକୁ ଦେଖେ ଯାହା ରାଧାନାଥଙ୍କ ସାହିତ୍ୟରେ ପ୍ରେମ ଓ ପ୍ରକୃତି ଅପେକ୍ଷା ଜାତୀୟତାର ବିପ୍ଳବ ବର୍ତ୍ତା ଅଧିକ ଭାବେ ପରିଦୃଶ୍ୟ ବୋଲି କହିଥିଲେ। ରାଧାନାଥ ସାହିତ୍ୟରେ ଆଙ୍ଗିକା ଏବଂ ଶୈଳୀରେ ବିପ୍ଳବ ଆଣି ସାହିତ୍ୟରେ ନବ ଯୁଗାନ୍ତ ସୃଷ୍ଟିକାରୀ ଭାବେ ପରିଚିତି ସୃଷ୍ଟି କରିଥିଲେ। ଦେବେନ୍ଦ୍ର କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କଟଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ତ୍ରିବେଣୀ କଳା କେନ୍ଦ୍ରର କଳାକାର ମାନେ ଭାରତ ଗୀତିକା ଗାନ କରିଥିବା ବେଳେ ପୁଷ୍ପାଞ୍ଜଳି ନାୟକ କବି ବନ୍ଦନା ଗାନ କରିଥିଲେ। ସଂପାଦକ ଦାମୋଦର ଦାଶ ମହାପାତ୍ର, ଅଶୋକ କୁମାର ମହାନ୍ତି, ମନ୍ମଥ ଦୀକ୍ଷିତ, ମହେଶ୍ୱର ପଣ୍ଡା ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ। ମନୋରଂଜନ କାର୍ଯ୍ୟକ୍ରମରେ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପୂର୍ବାହ୍ନରେ ଶ୍ରୀ ଧଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ ଯୋଗଦେଇ କହିଲେ ଯେ ହୃଦୟକୁ ଛୁଇଁ ପାରିଥିବା କବିତା କାଳଜୟୀ ହୋଇଥାଏ ବୋଲି କହିଥିଲେ। ଏଥିରେ ସଂଯୋଜନା କରିଥିଲେ ରଂଜନ ମହାନ୍ତି ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କବି ମାନଙ୍କ ମଧ୍ୟରେ ପ୍ରଥମେ ଏକ ବ୍ୟଙ୍ଗ ହାସ୍ୟ କବିତା ପାଠ ଏବଂ ପରେ ନିମନ୍ତ୍ରିତ କବିମାନେ ସ୍ୱରଚିତ କବିତାପାଠ କରିଥିଲେ। ଶେଷରେ ସ୍ଥାନୀୟ ବରେଣ୍ୟ କବିମାନେ କବିତାପାଠ କରିଥିଲେ। ସେମାନଙ୍କ ମଧ୍ୟରେ ବାଇଧର ମାଝୀ, ଗଗନ ସେଠୀ, ପ୍ରଭାକର ସାହୁ, ବିଶ୍ୱନାଥ ପରିଡ଼ା, ଗୋକୁଳାନନ୍ଦ ରାଉତ, ପଦ୍ମଲୋଚନ ପ୍ରଧାନ, ସଂଜିତ ବଳ, ବିପ୍ଳବ ରଂଜନ ପତି, ପ୍ରୀତିଲେଖା ଦାସ, ପ୍ରିୟଦର୍ଶିନୀ ନାୟକ, ଯୋଗ୍ୟଶ୍ରୀ ସାମଲ, ଲାବଣ୍ୟ ନାୟକ, ନିହାରିକା ରଥ, ସୁବାସିନୀ ଜୀ, ବିଚିତ୍ରାନନ୍ଦ ଜେନା,ଅଜିତ କୁମାର ମଲ୍ଲିକ, ଓମ ପଣ୍ଡା, ସରୋଜ ପାଗଳ, ପ୍ରଦୀପ୍ତ ଦାସ, ବିଭୂତି ଗ୍ରହାଚାର୍ଯ୍ୟ,ଦେବେନ୍ଦ୍ର ମହାଳିକ ଓ ଅନ୍ୟ କବିମାନେ କବିତା ଆବୃତ୍ତି କରିଥିଲେ।

## ଭୋଗରାଇ ବ୍ଲକସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ

ବାଲେଶ୍ୱର(ଉତ୍ତର), ୪।୪ (ସମିସ): ଶିଶୁମାନେ ହେଉଛନ୍ତି କୁନି ଈଶ୍ୱର। ସେମାନଙ୍କ ଭିତରେ ସବୁ ଜ୍ଞାନ, ପ୍ରଜ୍ଞା ଓ ଦିବ୍ୟ ଚେତନା ସଂଗୁପ୍ତ ହୋଇ ରହିଛି। ସେହି ପ୍ରଜ୍ଞାର ପ୍ରଦୀପକୁ ଗୁରୁ ମାନେ ପ୍ରଜ୍ୱଳିତ କରିବାର ଦାୟିତ୍ୱ ତୁଲାନ୍ତି ବୋଲି ଆଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଗୌତମବୁଦ୍ଧ ଦାସ ମତବ୍ୟକ୍ତ କରିଛନ୍ତି। ଭୋଗରାଇର ଜୟରାମପୁର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ବ୍ଲକ୍‌ସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦାସ ଯୋଗଦେଇ ପିଲାମାନଙ୍କ ଗହଣରେ କିଛି ମହତ୍ୱପୂର୍ଣ୍ଣ ସମୟ ଅତିବାହିତ କରିବା ସହ ପିଲାଙ୍କୁ ଖଡ଼ି ଛୁଆଁ କରିବା ସହ ଉତ୍ସବକୁ ଉଦଘାଟିତ କରିଥିଲେ। ଭୋଗରାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସିଆରସିସି ସୌଭାଗ୍ୟ ସୁରଙ୍କ ସହ ସମସ୍ତ କ୍ଲଷ୍ଟରର ସିଆରସିସି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଦେ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟନ୍ତ ଦେ, ପରିଚାଳନା କମିଟିର ସଦସ୍ୟ ବିଦ୍ୟୁତ କୁମାର ସାମଲ ଙ୍କ ସହ ସମସ୍ତ ସଦସ୍ୟା, ସଦସ୍ୟ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



## ବାଇକ୍ ଓ ସ୍କୁଟି ଧକ୍କାରେ ଦମ୍ପତି ମୃତ

**ବିଞ୍ଝାରପୁର,୪।୪(ସମିସ):** ଯାଜପୁର ଟାଉନ ଥାନା ଅନ୍ତର୍ଗତ କପାସି ଛକ ନିକଟରେ ଗତ ମାର୍ଚ୍ଚ ୨୮ ତାରିଖରେ ହୋଇଥିବା ବାଇକ ଓ ସ୍କୁଟି ମୁହାଁମୁହିଁ ଧକ୍କା ଘଟଣାରେ ଗୁରୁତର ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ସ୍ୱାମୀ ଓ ସ୍ତ୍ରୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ମୃତ ସ୍ୱାମୀ ସ୍ତ୍ରୀ ହେଲେ ବିଞ୍ଝାରପୁର ଅନ୍ତର୍ଗତ କଏଣା-ରଘୁନାଥପୁରର ପ୍ରଶାନ୍ତ ବର୍ମା (୬୦)ଓ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ବର୍ମା (୫୫)। ସ୍ୱାମୀ ଓ ସ୍ତ୍ରୀଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟଣା ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଘଟଣା ମୁତାବକ ପ୍ରଶାନ୍ତ ବର୍ମା ଓ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ନିଜ ସ୍କୁଟି ଯୋଗ କୌଣସି କାର୍ଯ୍ୟରେ ଯାଜପୁର ଯାଉଥିଲା ବେଳେ ଯାଜପୁର-ସିଂହପୁର ମୁଖ୍ୟରାସ୍ତା କପାସି ଛକ ନିକଟକ ସମ୍ମୁଖ ପଟରୁ ଏକ ବାଇକ୍ ଧକ୍କା ଦେଇଥିଲା। ଗୁରତର ଅବସ୍ଥାରେ ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ କଟକ ବଡ ମେଡିକାଲର ଚିକିତ୍ସକ ପ୍ରଶାନ୍ତଙ୍କର ମୃତ୍ୟୁ ହୋଇ ଯାଇଥିବା ଘୋଷଣା କରିଥିଲେ। ସ୍ତ୍ରୀ ଅନ୍ନପୂର୍ଣ୍ଣା ଗୁରୁତର ଅବସ୍ଥାରେ କଟକ ବଡ଼ମେଡ଼ିକାଲରେ ଚିକିତ୍ସିତ ହେଉଥିଲାବେଳେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଛି। ଦମ୍ପତିଙ୍କ ଅକାଳ ମୃତ୍ୟୁରେ ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସରପଞ୍ଚ ନିଶିପ୍ରଭା ଜେନା, ନାରାୟଣ ଚନ୍ଦ୍ର ଜେନା, ସାମାଜିକ କର୍ମୀ କୈଳାସ ସେଠୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବ୍ଲକ ସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ



**ମଇଁଦା,୪।୪(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତର ବରୁଣେଶ୍ୱର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବଳରାମ ପତିଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତ କୁମାରୀ ଦାସ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଜମି ଅଧିଗ୍ରହଣ ଅଧିକାରୀ ବାସୁଦେବ ନାୟକ, ସମ୍ମାନିତ ବକ୍ତାଭାବେ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟଭୁଷଣ ବିଶ୍ୱାଳ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସେକ ନିଜାମୁଦ୍ଦିନ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ, ବିପିନ ବିହାରୀ ସାହୁ, ହବିବୁଲ ମୋହିନି, କବିତା ସାହୁ, ସସ୍ମିତା ସାହୁ, ଭାଗ୍ୟଶ୍ରୀ ଦାଶ, ସେକ ସମିମ ଖାଁ, ରଞ୍ଜିତା ମିଶ୍ର, ନମିତା ରାଉଳ, ସସ୍ମିତା ରାଉଳ, ବହୁ ଅଭିଭାବକ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ବିଦ୍ୟାସାଗର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ୍ବେଦକର ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଦାନାଗଦି,୪।୪(ସମିସ): ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ପାଳନ କରାଯିବ। ଏଥି ପାଇଁ ଏକ ପ୍ରସ୍ତୁତି ବୈଠକ ଦାନଗଦି ବିଜେଡି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକର କମିଟି ସଭାପତି ଆଡଭୋକେଟ ପ୍ରହଲ୍ଲାଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ.ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇଥିଲେ। କମିଟି ସମ୍ପାଦକ ରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ହି ବୈଠକରେ ବାବୁଲି ପାତ୍ର, ରମେଶ ଚନ୍ଦ୍ର ମୁର୍ମୁ, ୩୭ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ଜେମା ଚାଖି, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ତପସ୍ୱିନୀ ମଲ୍ଲିକ, ପ୍ରମୋଦ ଜେନା, ଦାନଗଦି ବ୍ଲକ ବିଜେଡ଼ି ସଭାପତି ଗୋପାଳ ବାରିକ, ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ସମାଜସେବୀ ପ୍ରଦୀପ ମହାନ୍ତି, ବିଭୁତି ଜେନା, କାଳନ୍ଦୀ ସେଠିଙ୍କ ସମେତ ଶତାଧିକ ଆମ୍ବେଦକର ପ୍ରେମୀ ଓ ଦଳିତ ନେତା ମାନେ ଯୋଗଦେଇଥିଲେ।

## ଦାନଗଦିରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ



ଦାନଗଦି,୪।୪(ସମିସ): ଯାଜପୁର ଜିଲ୍ଲାର ଦାନଗଦି ବ୍ଲକ୍ ଅଧୀନସ୍ଥ ଆଶ୍ୱସ୍ତପାଳ ନୋଡାଲ ଉପ୍ରା ବିଦ୍ୟାଳୟରେ ଶନିବାର ଖଡ଼ିଛୁଆଁ, ପ୍ରବେଶ ଉତ୍ସବ ଓ ଶିକ୍ଷା ସଚେତନ ରଥ କାର୍ଯ୍ୟକ୍ରମ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଶିଶୁମାନେ ପ୍ରଥମଥର ପାଇଁ ଖଡ଼ି ଧରି ଅକ୍ଷର ଲେଖି ଶିକ୍ଷା ଜୀବନର ଆରମ୍ଭ କରିଥିଲେ।ଏହି ଅବସରରେ ଶିକ୍ଷା ସଚେତନ ରଥ ଗ୍ରାମ ପରିକ୍ରମା କରି ଶିକ୍ଷାର ଗୁରୁତ୍ୱ ବିଷୟରେ ଲୋକମାନଙ୍କୁ ସଚେତନ କରିଥିଲା। ଶିଶୁମାନଙ୍କୁ ବିଦ୍ୟାଳୟମୁଖୀ କରିବା, ନିୟମିତ ଉପସ୍ଥାନ ଓ ଗୁଣାତ୍ମକ ଶିକ୍ଷା ପ୍ରତି ଆକର୍ଷଣ ବଢ଼ାଇବାକୁ ଏହି ରଥ ମାଧ୍ୟମରେ ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମୂଖ୍ୟଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣ, ଶିକ୍ଷକ-ଶିକ୍ଷୟିତ୍ରୀ, ସ୍ଥାନୀୟ ପ୍ରତିନିଧି ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ବିଭିନ୍ନ ସାଂଗିକ କାର୍ଯ୍ୟକ୍ରମ, ଗୀତ ଓ ଖେଳକୁଦ ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଓ ମଣ୍ଡଳ ଶିକ୍ଷାଧିକାରୀ ଶିକ୍ଷା ଶୁଭ୍ରାଂଶୁ ପୁହାଣ ସଚେତନ ରଥକୁ ଉଦ୍‌ଘାଟନ କରିଥିଲେ। ଶିଶୁ ବାଟିକା ପ୍ରଥମ ଶ୍ରେଣୀ ପିଲା ମାନଙ୍କୁ ସ୍କୁଲ ବ୍ୟାଗ କିଟ୍ ବଣ୍ଟନ କରିଥିଲେ।

### ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ମାମଲା

# ୪ ଡେସିମିଲ ଗୋଚର ଜମି ଯୋଗେଇ ଦେବାକୁ ନିର୍ଦ୍ଦେଶ

ମଙ୍ଗଳପୁର,୪।୪(ସମିସ):



ଜଗନ୍ନାଥଙ୍କ ପ୍ରିୟସଖା ତଥା ତାଙ୍କ ପରମଭକ୍ତ ବନ୍ଧୁ ମହାନ୍ତିଙ୍କ ଜୀବନ କାଳ ଯେତିକି ସଂଘର୍ଷ ପୂର୍ଣ୍ଣଥିଲା ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଧ୍ୟ ସେତିକି ସଂଘର୍ଷ କରିବାକୁ ପଡ଼ିଲାଣି। ବନ୍ଧୁ ମହାନ୍ତିଙ୍କ ଜନ୍ମ ସ୍ଥାନ ଦଶରଥପୁର ବ୍ଲକ ଦଉପୁର ପଞ୍ଚାୟତ ଦଉପୁରଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବିଦ୍ଧିବଧ ଭାବରେ ସରକାରଙ୍କ ତରଫରୁ ଘୋଷଣା ହେବା ସହିତ ୩-୫-୨୫ରିଖରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ବନ୍ଧୁ ମହାନ୍ତିଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ହୋଇସାରିଛି। ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ କିଛି ଦିନ ବାକି ଥିବାବେଳେ ଦଉପୁର ପଞ୍ଚାୟତର କିଛି ଲୋକ ଉକ୍ତ ସ୍ଥାନଟି ଗୋଚର ଜମି ଉପରେ କେମିତି ପ୍ରତିମୂର୍ତ୍ତି ସ୍ଥାପନ କରାଗଲା ଏନେଇ ପ୍ରଥମେ ଯାଜପୁର ଜିଲ୍ଲାପାଳ ଓ ପରେ ୭-୫-୨୫ରିଖରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଯାଜପୁର ଜିଲ୍ଲାପାଳଙ୍କୁ ତନଖି କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ୧୫-୫-୨୫ରେ ନିର୍ଦ୍ଦେଶ ଦେଇଥିଲେ। ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ସଠିକ ଢଙ୍ଗରେ ସମସ୍ତ ନୀତିନିୟମ ଭିତରେ ସମସ୍ତ କାର୍ଯ୍ୟ କରିଛନ୍ତି ବୋଲି ଯାଜପୁର ଜିଲ୍ଲାପାଳ ୨୯-୧-୨୫ ରିଖରେ -ଉଚ୍ଚ ନ୍ୟାୟାଳୟଙ୍କୁ ଜଣାଇଥିଲେ। ଦଉପୁର ମୌଜା ଖାତା ନମ୍ବର ୧୪୩୨ ପ୍ଲଟ ନମ୍ବର ୩୧୭୮ରେ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହାକୁ ଚାଲେଞ୍ଜ କରି ଦଉପୁର ପଞ୍ଚାୟତର କିଛି ଲୋକ ଉଚ୍ଚ ନ୍ୟାୟାଳୟରେ କେସ ନମ୍ବର -ଡବ୍ଲୁ. ପି(ସି)ନମ୍ବର-୬୩୧୮/୨୦୨୬ରେ ଆବେଦନର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ଯାଜପୁର ଜିଲ୍ଲାପାଳଙ୍କ ଆଦେଶକୁ କାଏମ ରଖି ଉକ୍ତ ପ୍ଲଟ ଉପରେ ଏ୦.୦୪ ଡେସିମିଲ ଉପରେ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଅନୁମତି ଦେବା ସହିତ ପ୍ରତିପକ୍ଷଙ୍କ ଆବେଦନକୁ ଖାରଜ କରିଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ନିର୍ଦ୍ଦେଶ ପରେ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ବାଟ ଫିଟିଛି। ଉକ୍ତ ନିର୍ଦ୍ଦେଶ ପରେ ବେଶ ଆନନ୍ଦ ପ୍ରକାଶ କରିଛନ୍ତି ଜଗନ୍ନାଥ ପ୍ରେମୀ।

## ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

**ଦଶରଥପୁର,୪।୪(ସମିସ):** ଆଜି ଦଶରଥପୁର ବ୍ଲକ ଖଣ୍ଡରା ସ୍ଥିତ ପିଏମଶ୍ରୀ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ଏଥିରେ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ସବିତା ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ପାର୍ବତୀ ସାହୁ, ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ମଲ୍ଲିକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ସାବିତ୍ରୀ ସେଠୀ, ସ୍ଥାନୀୟ ସରପଞ୍ଚ କୁଞ୍ଜବିହାରୀ ଦାସ, ସମିତିସଭ୍ୟ ରମାକାନ୍ତ ସେଠୀ, ସିଡିପିଓ ଶାନ୍ତିଲତା ସେଠୀ, ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୁଷାରକାନ୍ତି ମିଶ୍ର, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଚନ୍ଦ୍ରମଣି ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବ ଦିବାକର ବିହାରା ପ୍ରମୁଖ ନବାଗତ କୁନି ଛାତ୍ରଛାତ୍ରୀଙ୍କ ହାତଧରି ଖଡ଼ି ଛୁଆଁଇବା ସହିତ ସିଲଟରେ ପ୍ରଥମ ଅକ୍ଷର ଭାବେ ମା' ଲେଖାଇ ଅକ୍ଷର ଶିକ୍ଷା ଆରମ୍ଭ କରାଇଥିଲେ। ପରେ ମୁଖ୍ୟ ଅତିଥିଙ୍କ ସହିତ ସମସ୍ତ ଅତିଥିମାନେ ପତାକା ପ୍ରଦର୍ଶନ ପୂର୍ବକ ସଚେତନତା ଆଧାରିତ ଶିକ୍ଷାରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ବେହେରା, ପ୍ରଜ୍ଞା ପରମିତା ପଣ୍ଡା, ଅର୍ପିତା ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିକ୍ଷଣ ସାମଗ୍ରୀ ଷ୍ଟଲ ପରିଦର୍ଶନ କରି ଶିଶୁବାଟିକାର ପଠନ ପ୍ରଣାଳୀ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଶିକ୍ଷୟତ୍ରୀ ପଦ୍ମିନୀ ପଣ୍ଡାଙ୍କ ସଂଚାଳନରେ ବିଦ୍ୟାଳୟର କୁନି ଛାତ୍ରୀଙ୍କ ଦ୍ୱାରା ଶିକ୍ଷା ସଚେତନତା ଆଧାରିତ ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ସ୍ୱାଗତ ଭାଷଣ ସହିତ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କୁଆଖିଆ ଓଡ଼ଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲ ମଞ୍ଚ ସଂଚାଳନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ପଣ୍ଡା, ରଘୁନାଥ ମହାନ୍ତି, ପ୍ରକାଶ କୁମାର ରାଉତ, ତ୍ରିନାଥ ନାୟକ, ସାଗର କୁମାର କର, ଅଶ୍ୱିନୀ ବିଶ୍ୱାଳ, ଶିକ୍ଷୟିତ୍ରୀ ରତ୍ନପୂର୍ଣ୍ଣା ବାରିକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନାଦି ପଣ୍ଡା ଓ ସମସ୍ତ କର୍ମଚାରୀ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



## ପୂର୍ବତନ ବିଧାୟକଙ୍କ ସହଯୋଗୀକୁ କୋର୍ଟଚାଲାଣ

**ପାଣିକୋଇଲି/ଧର୍ମଶାଳା ୪।୪(ସମିସ):** ଦିନକୁ ଦିନ ଧର୍ମଶାଳା ରାଜନୀତି ବିବାଦ ମଧ୍ୟକୁ ଠେଲି ହୋଇଯାଉଛି। ରାଜନୈତିକ ଚାପର ବଶବର୍ତୀ ପୁଲିସ ଉଠବସ ହେଉଛି। ଏମିତିକି ବିନା କାରଣରେ ମିଥ୍ୟା ମକଦ୍ଦମା କରି ଯୁବକଙ୍କୁ ରାସ୍ତାରୁ ଉଠାଇ ଆଣି ଜଣେ ବଡ ଅପରାଧି ଭଳି ପାଣିକୋଇଲି ଥାନାରେ ରଖି କୁଆଖିଆରେ କାଗଜ ପ୍ରସ୍ତୁତ କରି ଅଦାଲତ ଚାଲାଣ କରିଛି। ଯାହାକୁ ନେଇ ଅଶାନ୍ତ ଓ ଭୟଭୀତ ହୋଇଛନ୍ତି ପରିବାର। ଏନେଇ ଆଜି ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଛନ୍ତି ଯୁବକ ପ୍ରଦୋଷ ନାୟକଙ୍କ ମାଆ ମିନତୀ ନାୟକ। ପ୍ରକାଶଯେ ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ବେତଣ୍ଡା ଗ୍ରାମର ପ୍ରଫୁଲ୍ଲ ନାୟକଙ୍କ ସ୍ତ୍ରୀ ମିନତୀ ନାୟକଙ୍କ ଅଭିଯୋଗ ମୁତାବକ ତାଙ୍କ ପୁଅ ପ୍ରଦୋଷ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଜଣେ ବଳିଷ୍ଠ ସହଯୋଗୀ ଭାବେ କାର୍ଯ୍ୟକରେ। ପୂର୍ବରୁ ମଧ୍ୟ ତାଙ୍କୁ ଶାସକ ଦଳର ସମର୍ଥକ ପନ୍ତୁରୀ ଠାରେ ଆକ୍ରମଣ କରିଥିଲେ। ବିରୋଧି ଦଳ ଛାଡି ଶାସକ ଦଳରେ ଯୋଗଦେବାକୁ ପ୍ରଦୋଷ ଉପରେ ଚାପ ପଡୁଥିଲା। କିନ୍ତୁ ସେ ରାଜି ନହେବାରୁ ଶେଷରେ ତାଙ୍କୁ ମିଥ୍ୟା ମକଦ୍ଦମା କରି ଆଜି ସେ ଘରୁ ଜାରକା ଯାଉଥିବା ବେଳେ ଧର୍ମଶାଳା ପୁଲିସ ଉଠାଇନେଇଥିଲା। ଖବର ପାଇ ପରିବାର ଲୋକ, ପୂର୍ବତନ ବିଧାୟକ, ଏବଂ ତାଙ୍କ ସମର୍ଥକ ଧର୍ମଶାଳା ଥାନାରେ ପହଞ୍ଚିଥିଲେ ହେଁ ସେଠାରେ ପ୍ରଦୋଷକୁ ପାଇନଥିଲେ। ପୁଲିସ ପ୍ରଦୋଷକୁ ଉଠାଇ ଆଣି ପାଣିକୋଇଲି ଥାନାରେ ରଖିଥିଲା। ଜଣେ ସାଧାରଣ ଯୁବକକୁ ହାର୍ଡକୋର ଅପରାଧି ଭଳି ଉଠାଇ ଆଣି ଥାନା ପରିବର୍ତ୍ତନ କରି ରଖିବା ଯୋଗୁ ପରିବାର ଓ ପୂର୍ବତନ ବିଧାୟକ ପାଣିକୋଇଲି ଥାନାରେ ପହଞ୍ଚିଥିଲେ। ହଠାତ କୁଆଖିଆ ଥାନାରେ କାଗଜାଦି ପ୍ରସ୍ତୁତ କରି ପାଣିକୋଇଲି ଆସି ତାକୁ ନେଇ କୋର୍ଟଚାଲାଣ କରାଯାଇଥିଲା। ପୁଲିସ କେଉଁ ଅଭିଯୋଗ ଆଧାରରେ ଗିରଫ କଲା ଓ ସେ ନେଇ ସତ୍ୟାସତ୍ୟର ତଦନ୍ତ ନକରି ହଠାତ୍ ଉଠାଇ ଆଣିବା ଯୋଗୁ ପୁଲିସର କାର୍ଯ୍ୟାଧାର ପ୍ରତି ସାଧାରଣରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏନେଇ ଏସ୍‌ପି ୟସ ପ୍ରତାପ ଶ୍ରୀମଲଙ୍କୁ ଭେଟିବା ପରେ ଏହି ଘଟଣାର ତଦନ୍ତ ଏସ୍‌ଡିପିଓଙ୍କ ଦ୍ୱାରା କରାଯିବାକୁ ପ୍ରତିଶୃତି ଦେଇଥିଲେ। ଅନ୍ୟପଟେ ଏହି ଘଟଣାକୁ ନେଇ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ନିନ୍ଦା କରିବା ସହିତ ନିଜ ସାମାଜିକ ଗଣମାଧମରେ ପୋଲିସର କାର୍ଯ୍ୟକଳାପକୁ ନିନ୍ଦା କରିଛନ୍ତି। ଶାସକ ଦଳର ଇଙ୍ଗିତରେ ପୁଲିସ ବିରୋଧୀ ଉପରେ ଏଭଳି ଦାଉ ସାଜୁଥିବା ସେ ଅଭିଯୋଗ କରିଛନ୍ତି।

## 'ଓଡ଼ିଆରେ ନାମ ଫଳକ' ସଚେତନତା ପଦଯାତ୍ରା




**ବ୍ୟାସନଗର,୪।୪(ସମିସ):** ଏପ୍ରିଲ ପହିଲାରୁ ୧୪ ତାରିଖ ଯାଏଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଓଡ଼ିଆରେ ନାମଫଳକ ଲେଖା ସଚେତନତା ପଦଯାତ୍ରା ଓ ତତ୍ ସମ୍ବନ୍ଧୀୟ ଏକ ସଚେତନତା ସଭା ବ୍ୟାସନଗର ପୌରପାଳିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶ କ୍ରମେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟଠାରେ ପତାକା ଦେଖାଇ ଏହି ପଦଯାତ୍ରା ଓ ପ୍ରଚାର ଗାଡ଼ିର ଉଦ୍‌ଘାଟନ କରିଥିଲେ। ଏଥିରେ ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଦେବାଶିଷ ଜେନା ଓ ବ୍ୟାସନଗର ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଉପସ୍ଥିତ ଥିଲେ। ଉକ୍ତ ପଦଯାତ୍ରାରେ ବ୍ୟାସନଗରର ସମସ୍ତ ବ୍ୟବସାୟୀ ସଂଘ, ଶ୍ରମିକ ସଂଗଠନ ପ୍ରତିନିଧି, ସ୍ୱେଚ୍ଛାସେବୀ, ବ୍ୟାସନଗର କଲେଜର ଛାତ୍ରଛାତ୍ରୀ ସହର ପରିକ୍ରମା କରିବା ସହିତ ଶ୍ରମ ବିଭାଗ ଦ୍ୱାରା ଓଡ଼ିଆରେ ନାମଫଳକ ଲାଗି ନଥିବା ବ୍ୟବସାୟ ପ୍ରତିଷ୍ଠାନ ତଥା ଦୋକାନ ଗୁଡିକରେ ପ୍ରଚାରପତ୍ର ଓ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସହକାରୀ ଶ୍ରମ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥି ସହିତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ପ୍ରଚାର ବାଣୀ ଓ ପ୍ରଚାର ପତ୍ର ମାଧ୍ୟମରେ ଯାଜପୁର ରୋଡ ତଥା ଯାଜପୁର ଟାଉନରେ ସଚେତନତା ସୃଷ୍ଟି କରାଯାଇଥିଲା। ଏତଦ ବ୍ୟତୀତ ସ୍ୱତନ୍ତ୍ର ଦଳ ଗଠନ କରି ସହକାରୀ ଶ୍ରମ ଅଧିକାରୀମାନେ ଏକ ସ୍ୱତନ୍ତ୍ର ଅଭିଯାନରେ ନିରୀକ୍ଷଣ କରିବା ପରେ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନକୁ ଆସନ୍ତା ୭ ଏପ୍ରିଲ ମଧ୍ୟରେ ନୋଟିସ୍ ଜାରି କରାଯିବ। ଏଥିରେ ଖିଲାଫ କଲେ ଓଡିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ଅନୁସାରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି।

## ଚଣ୍ଡିଖୋଲରେ କାଳ ବୈଶାଖୀ ର ତାଣ୍ଡବ

**ବଡଚଣା,୪।୪(ସମିସ):** ବଡ଼ଚଣା ବ୍ଲକ ଚଣ୍ଡିଖୋଲ ଅଞ୍ଚଳରେ କାଳ ବୈଶାଖୀରେ ଚଣ୍ଡିଖୋଲ ଛକର ଉଠାଦୋକାନୀଙ୍କ ବ୍ୟାପକ କ୍ଷୟକ୍ଷତି ଘଟିଥିବାର ଦେଖିବାକୁ ମିଳିଛି। ଆଜି ଅପରାହ୍ନରେ କାଳବୈଶାଖୀ ଆସି ଚଣ୍ଡିଖୋଲ ଛକରେ ଅସ୍ଥାୟୀ ଭାବେ ଉଠା ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ଦୋକାନୀଙ୍କ ଉଠା ଦୋକାନ ଘର ସହ ଜିନିଷପତ୍ର ଉଡ଼ାଇ ନେଇ ଯାଇଥିଲା। ପ୍ରବଳ ପବନ ସାଙ୍ଗକୁ ବର୍ଷାରେ ସବୁ ଜିନିଷ ପତ୍ର ଓଦା ଯାଇଥିଲା। ସେହିପରି ଜାତୀୟ ରାଜପଥରେ ଗଛ ଡାଳ ପତ୍ର ଭାଙ୍ଗିରୁଜି ଯାଇଛି। ସୁଙ୍ଗୁଡା ଗ୍ରାମର ଦଳିତ ସାହି ଦିଟା ମଳିକର ଆଜବେଷ୍ଟସ ଛପର ଉଡ଼ି ଯାଇଥିବା ଖବର ପାଇ ଯୁବ ନେତା ସଞ୍ଜୟ ସ୍ୱାଇଁ ଏବଂ ପୂର୍ବତନ ନାଏବ ସରପଞ୍ଚ ପାଇଁ ବଡ଼ଚଣା ନିରୀକ୍ଷକ ବିରଜା ପ୍ରସାଦ ରାୟଙ୍କୁ ଜଣାଇଥିଲେ ସଙ୍ଗେ ସଙ୍ଗେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ନିର୍ଦ୍ଦେଶ କ୍ରମେ ତାଙ୍କୁ ପାଲ ବ୍ୟବସ୍ଥା କରାଯାଇଥିଲା ଏହି ବିଜୁଳି ଘଡଘଡ଼ି ହୋଇ ଥିବାରୁ ଖବର ଲେଖାଯିବା ବେଳକୁ କୌଣସି ଜନ ଜୀବନର କ୍ଷୟକ୍ଷତି ହୋଇନଥିବା ଜଣାପଡିଛି।

## ପାଣିକୋଇଲି ପିଏମ୍‌ଶ୍ରୀ ବିଦ୍ୟାଳୟରେ ଖଡ଼ିଛୁଆଁ

**ପାଣିକୋଇଲି,୪।୪(ସମିସ):** ଆଜି ପାଣିକୋଇଲିସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏଲଏଓ କଳଙ୍ଗନଗର ପ୍ରଜ୍ଞା ହୋତା, ମୁଖ୍ୟବକ୍ତାଭାବେ ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ସମ୍ମାନିତ ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଂଜିତ କୁମାର ମହାନ୍ତି, ଏବିଇସ ବିଜୟମଲ୍ଲିକ , ପରିଚାଳନା କମିଟିର ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ, ପଂଚସଖା କମିଟିର ସଭାପତି ସୁଧାଂଶୁ ଶେଖର ଘଡାଇ ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଗାୟତ୍ରୀ ନାୟକ, ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରତା ପହୀ କାର୍ଯ୍ୟକ୍ରମ ସଂଯୋଜନା କରିଥି ବେଳେ ଶିକ୍ଷକ, ଶିକ୍ଷୟତ୍ରୀ ପରିଚାଳନା କମିଟି ସଦସ୍ୟ ସମସ୍ତ ସିଆରସିସି ଉପସିତ ଥିଲେ। ଶିଶୁ ବାଟିକାର ମୋଟ ୨୪ ଜଣ ଛାତ୍ରଛାତ୍ରୀ ପାଣିକୋଇଲି ପ୍ରାଥମିକ ବିଦ୍ୟାଳୟ, ପଥରପଦା ବିଦ୍ୟାଳୟ, ଓଚିନ୍ଦା ବିଦ୍ୟାଳୟ, ତାଜପୁର ବିଦ୍ୟାଳୟ ଓ ନୂଆପଦା ବିଦ୍ୟାଳୟରୁ ଯୋଗଦେଇ ଖଡି ଛୁଇଁଥିଲେ। ସେମାନଙ୍କୁ ସରକାରଙ୍କ ପକ୍ଷରୁ ବ୍ୟାଗ ସହିତ କିଟ ପ୍ରଦାନ କରାଯାଇଥିଲା।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଧର୍ମଶାଳା,୪।୪(ସମିସ):** ଧର୍ମଶାଳା ପ୍ରାଥମିକ ଉପ୍ରା ବିଦ୍ୟାଳୟରେ ପ୍ରବେଶଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟରେ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଖଡ଼ି, ସିଲଟର ବ୍ୟବହାର ଉପରେ ଶିକ୍ଷା ପ୍ରଦାନ କରିଥିଲେ। ଏଥିସହ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ବ୍ୟାଗ, ସିଲଟ, ଖଡ଼ି, ମିଠା, ଚକଲେଟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ମିନତୀ ସାହୁ, ଯାଜପୁର ଏଡିଏମଓ, ଜିଲ୍ଲା କ୍ରୀଡା ଅଧିକାରୀ ଫକିର ମୋହନ ଟୁଡୁ,ବ୍ଲକ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା, ଅତିରିକ୍ତ ଶିକ୍ଷା ଅଧିକାରୀ ମମିତା ମହାନ୍ତି ଓ ମାନିକ ପ୍ରସାଦ ରାୟ, ବିଡ଼ିଓ ଜୌତିର୍ମୟ କର, ତହସିଲଦାର ସମିର ରଞ୍ଜନ ଦାସ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଧିର କୁମାର ସାହୁ, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବରାଜ ମିଶ୍ର, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ସାହୁ,ଚହଟା ପଂଚାୟତର ସରପଂଚ ସୁମିତ୍ରା ସ୍ୱାଇଁ, ସମିତିସଭ୍ୟା ସସ୍ମିତା ନାୟକ, ଜାରକା ଜୋନ ସଭାପତି ଦେବଦତ ପଣ୍ଡା ପ୍ରମୁଖ ଯୋଗଦେଇ ଯେକୌଣସି ବର୍ଗର ପିଲାମାନେ ଯେଭଳି ପାଠ ପଢ଼ାରୁ ବଂଚିତ ନହେବେ ସେ ସମ୍ପର୍କରେ ଆଲୋକପାତ କରିବା ସହ ପ୍ରବେଶ ଉତ୍ସବ ସମ୍ପର୍କରେ କହିଥିଲେ।

# ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଯାଜପୁର, ୪।୪(ସମିସ):

ଚଳିତ ବର୍ଷ ୨୦୨୬ ଅପ୍ରେଲ ଓ ମଇ ମାସରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲଙ୍କ ଜିଲ୍ଲାସ୍ତରୀୟ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବା ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ଜନ ସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡିକୁ ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଆରକ୍ଷୀ ଅଧିକ୍ଷକ ମିଳିତ ଭାବେ ଅଭିଯୋଗ ଗୁଡିକର ତତ୍କାଳ ସମାଧାନ କରିବେ। ଚଳିତ ଅପ୍ରେଲ ମାସରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଗୁଡିକର କାର୍ଯ୍ୟସୂଚୀ ଅନୁଯାୟୀ ୬ ତାରିଖ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ଯାଜପୁର ଠାରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ , ୧୩ରେ କେଏନ୍‌ଡିଏ ସମ୍ମିଳନୀ ଗୃହ, କଳିଙ୍ଗନଗରଠାରେ, ୨୦ରେ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ୨୭ରେ ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଯଥାକ୍ରମେ ପୂର୍ବାହ୍ନ ୭ଟାରୁ ଟିକା ସମୟରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ସେହିପରି ମଇ ମାସ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଗୁଡିକର କାର୍ଯ୍ୟସୂଚୀ ଅନୁଯାୟୀ ୪ ତାରିଖ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ଯାଜପୁରଠାରେ, ୧୧ରେ ଦାନଗଦି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ୧୮ ରେ ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏବଂ ୨୫ରେ ଦଶରଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଯଥାକ୍ରମେ ସକାଳ ୭ରୁ ୧୦ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ମଣ୍ଡଳ ସ୍ତରୀୟ ଖଡ଼ିଛୁଆଁ ଉତ୍ସବ

ଯାଜପୁର,୪।୪(ସମିସ): ଯାଜପୁର ମଣ୍ଡଳ ଅଧୀନସ୍ଥ ବିଚିତ୍ରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ ଦେବିଲାଲ୍ ମଲ୍ଲିକ ସଭାପତିତ୍ୱ କରିଥିଲେ। ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ପ୍ରସାର ଓ ଶିଶୁମାନଙ୍କ ଭବିଷ୍ୟତ ଗଠନରେ ଏପରି କାର୍ଯ୍ୟକ୍ରମର ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟକ୍ରମ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଆଜିର ଶିଶୁ କାଲି ଦେଶର ଭବିଷ୍ୟତ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବଜମ୍ ଆରା ବେଗମ ଓ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା ଉପସ୍ଥିତ ଥିଲେ। ଏହା ସହ ସରପଞ୍ଚ ଦେବାଶିଷ ପଣ୍ଡା, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ନିର୍ମଳ ଚନ୍ଦ୍ର ଜେନା, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବରଦା ଭୂଷଣ ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକମାନେ ଓ ଶିକ୍ଷକ ସଂଘର ସଭାପତି ସହ ବହୁ ସଂଖ୍ୟକ ଅଭିଭାବକ ଏହି କାର୍ଯ୍ୟ କ୍ରମରେ ଯୋଗଦେଇଥିଲେ।



ପୀତାମ୍ବର ତରାଇ

# ଦାରିଦ୍ର୍ୟ



ସରକାରୀ କର୍ମଚାରୀ ଭାବରେ ନିଶିକାନ୍ତ ନିଜର ମାସିକ ଦରମା ଗଣ୍ଡାକ ଉପରେ ନିର୍ଭରଶୀଳ। ସେଥିରୁ ବଡ଼ ଖର୍ଚ୍ଚ ହେଉଛି ତେଜରାତି ଦୋକାନରୁ ଏକକାଳୀନ ଗୋଟେ ମାସର ସଉଦାପତ୍ର ସାରିଦେଲେ ଝିନ୍‌ଝଟ ଯାଏ। ମାସ ଦୁଇ ତାରିଖରେ ଦରମା ଗଣ୍ଡାକ ମିଳିଥିବାରୁ ନିଶିକାନ୍ତ ବ୍ୟାଗ୍ ଧରି ଚାଲିଲେ କୁଜଙ୍ଗ ବଜାର। ସଦା ଭାଇନା ତେଜରାତି ଦୋକାନରେ ପହଞ୍ଚି ମାସିକିଆ ସଉଦା ବରାଦ ଦେଲେ। ସଦା ମଉସା ତାଲିକାନୁଯାୟୀ ଜିରା, ଲଙ୍କା, ପିଆଜ, ଅଦା ଦେବା ପରେ ଡାଲି କେଜିଏ ଓଜନ କରିବାକୁ ବରାଦ ଦେଲେ ମାଧକୁ। ମାଲିକ ଆଦେଶ ଅନୁଯାୟୀ ଚାକର ମାଧ ଡାଲି ଓଜନ କରି ନିଶିକାନ୍ତ ବାବୁଙ୍କ ହାତକୁ ଦେବା ପାଇଁ ଯାଉଛି ତ, ନିଶିକାନ୍ତ ବାବୁଙ୍କର ଡାଲି ଓଜନରେ ସନ୍ଦେହ ହେଲା, ସେ ଆଉଥରେ ଓଜନ କରିବାକୁ କହିବାରୁ ଦୋକାନ ମାଲିକ ନିଜେ ଓଜନ କରି ଦେଖିଲେ ଏକ କେଜି ଡାଲି ବଦଳରେ ନଶହ ଗ୍ରାମ, ଶହେ ଗ୍ରାମ କମ୍ ଅଛି।

ନିଶିକାନ୍ତ ବାବୁ ବିରକ୍ତ ହୋଇ କହିଲେ,"ସଦା ଭାଇନା! ମୁଁ ତମର ନାଗୁଆ ଗରାଖ। ସାରା ବର୍ଷ ତମ ପାଖରୁ ଘରର ସମସ୍ତ ସଉଦାପତ୍ର ନେଉଛି। ଯଦି ଆଜି କିଲେ ଡାଲିରେ ଶହେ ଗ୍ରାମ ଠକିଲ, ତାହେଲେ ସାରା ବର୍ଷ କେତେ ଠକିଛ !"

ନିଶିକାନ୍ତଙ୍କ କଥା ସରି ନାହିଁ, ଦୋକାନୀ ସଦାନନ୍ଦ ଚାକର ପିଲାର ଗାଲରେ ବ୍ରହ୍ମ ଚାପଡ଼ାଟାଏ ଲଗାଇ କହିଲା, "ହାରାମଜାଦା ! ଗରାଖ ଈଶ୍ୱର, ତୁ ମୋ ଈଶ୍ୱରଙ୍କୁ ଠକୁଛୁ।" ଆଉ ଚାପଡ଼ାଏ ମାରିବାକୁ ଯାଉଛି ତ ନିଶିକାନ୍ତ ଅଟକାଇ କହିଲେ, "ଥାଉ। ପିଲାଲୋକ। ନିକିତି କଥା, କ'ଣ କେମିତି ଚହଲି ଯାଇଥିବ। ଏଇଥର କ୍ଷମା କରିଦିଅ।"

ଦୋକାନୀ ପିଲା ଗାଲରେ ମାଲିକର ବ୍ରହ୍ମ ଚାପୁଡ଼ା ନିଶିକାନ୍ତଙ୍କୁ ସହ୍ୟ ହେଲା ନାହିଁ। ସାଇକେଲରେ ଘରକୁ ଫେରିଲା ବେଳେ ଭାବୁଥିଲେ, ଶହେଗ୍ରାମ ଡାଲି ଠକାମିରେ ଯାଇଥିଲେ ଯାଇଥାନ୍ତା ପଛେ, ଅଭିଯୋଗ କରି ସେ ଭୁଲ୍ କଲେ। ବିଚରା ପିଲାଟି ମାଡ଼ଖାଇ କାନ୍ଦି ପକାଇଲା, ସେହି ଲୁହ ଜଡ଼ସଡ଼ ଉଦାସ ମୁହଁଟି ନିଶିକାନ୍ତଙ୍କୁ ଦୋଷୀ କଲାଭଳି ଲାଗୁଥାଏ। ଘର ଧରିବା ଯାଏ ତାଙ୍କ ମନରୁ ପିଲାଟିର ବିକଳ ମୁହଁର ଚିତ୍ର ଯାଉ ନଥାଏ। ଆହାଃ, ବିଚରା ନିରୀହ ପିଲାଟି ! କାହାକୁ କିଛି ନକହି ଖବରକାଗଜ ପଢ଼ି ଭୁଲି ଯିବାକୁ ଚେଷ୍ଟା କରିବାକୁ ଲାଗିଲେ ସେ।

ଦୁଇମାସ ପରେ ନିଶିକାନ୍ତ ବାବୁ କୁଜଙ୍ଗ ବଜାରରେ ହଠାତ୍ ଦେଖିଲେ ସେଦିନ ଦୋକାନୀ ସଦାନନ୍ଦ ପାଖରୁ ମାଡ଼ ଖାଇଥିବା ମାଧ ଗୋଟେ ହୋଟେଲ୍ ପାଖରେ ଛିଡ଼ା ହୋଇଛି। ବହୁତ ଶୁଖି ଯାଇଛି। ତା' ପାଖକୁ ଯାଇ ପଚାରିଲେ, "ମାଧ କିରେ ! ତୁ କ'ଣ ସେ ଦୋକାନରେ ନାହୁଁ କି ? ଭଲ କଲୁ ସେଠାରେ ନରହି। ଏମିତି କ'ଣ ମାଡ଼ ମାରନ୍ତି। ମୁଁ ସେଦିନ ଭଲରେ ଶୋଇ ପାରି ନାହିଁ। କିଲେ ଡାଲିର ଓଜନ ଧରିଲି ବୋଲି, ମାଡ଼ ଖାଇଲୁ। ତୋ ମାଡ଼ ଖାଇବା ମୋତେ ବି କଷ୍ଟ ଦେଇଛି।"

ମାଧ କହିଲା, "ନାଇଁ ଆଜ୍ଞା। କିଲେକୁ ନଶହ କରିବାକୁ ମାଲିକର ନିର୍ଦ୍ଦେଶ ଥାଏ। ଯୋଉଦିନ ଗ୍ରାହକ ଆଖିରେ ଠକାମି ଧରା ପଡ଼ିଯାଏ, ସେଦିନ ମୁଁ ଗୋଟାଏ ବ୍ରହ୍ମ ଚାପୁଡ଼ା ଖାଇଥାଏ। ଏଇ ମାଡ଼ ପାଇଁ ମୁଁ ଅଧିକ ଦଶ ଟଙ୍କା ବକ୍‌ସିସ୍ ପାଇଥାଏ।"

ମାଧର କଥା ଶୁଣି ନିଶିକାନ୍ତ ବାବୁଙ୍କ ମୁଣ୍ଡ ଭିତରଟା ଯେମିତି ନିସ୍ପନ୍ଦ ହୋଇ ଆସୁଥିଲା। ସେ ଆଉ କିଛି ଭାବି ପାରୁ ନଥିଲେ। ଦାରିଦ୍ର୍ୟ ପାଇଁ ଏମିତି କିଛି ପୀଡ଼ା ଭୋଗିବାକୁ ପଡ଼େ, ଏ ଭାଗ୍ୟର ବିଡ଼ମ୍ବନା ନୁହେଁ ତ ଆଉ କ'ଣ କୁହାଯିବ?

ଅଶ୍ରୁନୀଡ଼, ମଙ୍ଗରାଜପୁର
କୁଜଙ୍ଗ, ଜଗତସିଂହପୁର
ମୋ: ୯୪୩୭୧୬୩୪୨୧

## ଗୋଟେ ଗୀତର ଶେଷଧାଡ଼ି

ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ



ଏମିତି ଏମିତି ଶେଷ ହୋଇଯିବ
ବସନ୍ତ ଓ ଖରାବେଳଠୁ
ଧାର ଆଣିଥିବା
କିଛି ଗୀତର ଧାଡ଼ି,
ଶ୍ରୋତା ନାହାଁନ୍ତି କେହି,
ଏମିତି କି ପବନ
ସ୍ଥିର ଅବିଚଳ ନଈଘାଟ
ଅନ୍ୟମନସ୍କ ଘରଚଟିଆ
ନାହିଁ
କେହି ବି କେହି।
ଶୁଣିବାକୁ ରତୁର ଗୀତ ଧାଡ଼ି।
ଆହା!
ସେଇମାନଙ୍କ ପାଇଁ ସାଇତିଲି
ଭଙ୍ଗ କଣ୍ଠରେ ସୁର
ସାଇତିଥିଲି ଦିଗ୍‌ବଳୟରେ
ଆଲୋକର ଅବିର।
ହାର୍ମୋନିୟମରେ
ବାନ୍ଧିଥିଲି
ଅଳନ୍ଧୁର ସ୍ୱର।
କାହାକୁ ମନେ ପକେଇକି ଆଉ
ବେଳକୁ ବେଳ
ଭୁଲିଯାଉଛ।
ପୁରୁଣା ଦରଜ ଓ ବିମ୍ବ।
ବେଳକୁ ବେଳ
ଖଣ୍ଡିଉଡ଼ା ଦେଇଥିବା ପକ୍ଷୀର
କୂଜନ ହଜିଯାଉଛି
ବର୍ଷାର ଛମ୍ ଛମ୍‌ରେ
ଯାଃ
ଆଉ ଗୀତ ପିତ ନାହିଁ
ଏତେକାଳ ଆଉ
ସ୍ୱର ଓ ବୟସକୁ
ବାନ୍ଧି ରଖିବାର ମାନେ କିଛି ନାହିଁ।

ପୂର୍ବତନ ବିଧାୟକ, ଖୋର୍ଦ୍ଧା
ସେନାଧକ୍ଷ, ପ୍ରେରଣା ଗ୍ରୀନ୍ ଆର୍ମି
ମୋ: ୯୪୩୭୨୮୭୮୦୬



## ଗୀତ

ରବି ଶତପଥୀ



ମୋର ସବୁ
ନୀରବତାକୁ ଭାଙ୍ଗିଦେଇ
କେହି ଜଣେ ଗୀତଟିଏ
ଗାଇଦେଇ ଯାଏ,
କୁଆଡ଼େ ସେ ଯାଏ ?
ଗୋଟେ ପ୍ରଶ୍ନଚିହ୍ନ ମୋ ମନରେ
ବାଡ଼ ହୋଇ ଠିଆହୁଏ।
ମୁଁ ବ୍ୟସ୍ତ ହୋଇ ସେ ବାଉଳା
ପବନକୁ ଡାକି ପଚାରେ,
ଯିଏ ଟିକେ ହସିଦେଇ ଚାହୁଁ ଚାହୁଁ
ଚୋରେଇ ନିଏ ସେ ଗୀତ।

କେହି ନଥିଲା ବେଳେ ବି
ମୁଁ ସେଇ ମନଛୁଆଁ ଗୀତ ଶୁଣିପାରେ
କିଏ ଶୁଣାଏ, ମୁଁ ତାକୁ ଖୋଜେ
ପାଏ ପୁଣି ପାଏନାହିଁ।
ଦଲକାଏ ପବନ ମୋତେ ଛୁଇଁଦେଇ
ଲୁଚିଯାଏ ଅନ୍ଧାରରେ
ମୁଁ କାନ୍ଦ କାନ୍ଦ ହୋଇ
ଅବୁଝା ମନକୁ ବୁଝାଏ।

ସ୍ୱର, ଲୟ କି ତାଳ ସଂପର୍କରେ
ସାମାନ୍ୟ ଧାରଣା ନଥିବା
ବେରସିକ ମଣିଷଟେ ମୁଁ
ସେଇ ଗୀତ ପଛରେ ହିଁ ପଡ଼ିଥାଏ,
ଯେଉଁ ଗୀତ କିଏ କେଉଁଠି
ନଗାଇଲେ ବି
କେବେ ପାଖରୁ ତ,
କେବେ ଦୂରରୁ ମୋତେ ଶୁଭେ।
ଶେଷରେ ମୁଁ ଫୁ କରି
ଦଗାଦିଆ ପବନ ସାଥିରେ
ଉଡ଼େଇ ଦିଏ ସେ ଗୀତକୁ,
ଯେତେବେଳେ ମୁଁ ଜାଣିପାରେ
ଗୀତ ଗାଉଥିବା ସେ ପକ୍ଷୀ
କେଉଁକାଳରୁ ନୀରବରେ ବସିଛି
ମୋ ମନର ଅଦୃଶ୍ୟ ଡାଳରେ।

ଅଧ୍ୟାପକ ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ମୋ: ୯୪୩୭୭୮୪୮୫୯

## ପୁସ୍ତକ ପରିଚୟ

### ମୁହୂର୍ତ୍ତ

ସୁଚରିତା ବେହେରା



ବ୍ଲାକ୍ ଇଗଲ୍ ବୁକ୍ସ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ : ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ଘଟଣା ବହୁଳ ଜୀବନର ବାସ୍ତବ ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି ଗାଳ୍ପିକା ସୁଚରିତା ବେହେରାଙ୍କ 'ମୁହୂର୍ତ୍ତ' ପୁସ୍ତକର ଗପଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ 'ଗ୍ଲାନି', 'ସଂପର୍କ', 'ଆଲୋକର ରଙ୍ଗ', 'ଲୋଭ', 'ମୁକ୍ତି', 'ମୁଖା', 'ବିଦଗ୍ଧ ଯନ୍ତ୍ରଣା', 'କୋହ', 'ଅପ୍ରତ୍ୟାଶିତ', 'ବିଶ୍ୱାସଘାତକତା', 'ଅବ୍ୟକ୍ତ ବେଦନା', 'ବେଲୁନବାଲା', 'କାଳୀ ଝିଅ', 'ଭୋକ', 'ଅଭିଶପ୍ତ', 'ନିରବ ପ୍ରେମ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। 'ମୁକ୍ତି' ଗପରେ ଜଣେ ନାରୀର ସଂଘର୍ଷମୟ ଜୀବନ ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି। ଯିଏ ସ୍ୱାମୀର ନିର୍ଯାତନା ଅପେକ୍ଷା ସ୍ୱାବଲମ୍ବୀଭାବେ ଆନନ୍ଦମୟ ଜୀବନ ବଞ୍ଚିବାକୁ ଶ୍ରେୟସ୍କର ମଣିଛି। ସେହିପରି 'ମୁଖା' ଏକ ସାମାଜିକ ବାସ୍ତବଧର୍ମୀ ଗପ। ଅନେକ ମଣିଷଙ୍କ ବାହାରେ ଗୋଟିଏ ରୂପ ଓ ଭିତରେ ଅନ୍ୟ ଏକ ରୂପ ଥାଏ। ଏଭଳି ଚରିତ୍ରକୁ ଗାଳ୍ପିକା ନିଜ ଗଳ୍ପରେ ଚିତ୍ରିତ କରି ଏକ ସାମାଜିକ ବାର୍ତ୍ତା ପ୍ରଦାନ କରିଛନ୍ତି। ସୁଚରିତାଙ୍କ ଗଳ୍ପଗୁଡ଼ିକ ସଂକ୍ଷିପ୍ତ, ଅଥଚ ଗଭୀର ଆବେଦନଧର୍ମୀ। ଅନେକ ଗପରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷର ସୁଖ, ଦୁଃଖ, କୋହ, ଲୁହ ଓ ଯନ୍ତ୍ରଣାର ଚିତ୍ର ପ୍ରତିଫଳିତ ହୋଇଛି। 'ମୁହୂର୍ତ୍ତ'ର ଗଳ୍ପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।

### ଜୀବନର ପରିଭାଷା

ଚନ୍ଦ୍ରଶେଖର ରାଉତ



ଏମ୍.ଆର୍. ଏଣ୍ଟରପ୍ରାଇଜେସ୍
ଏମ୍. ଆର୍. ପ୍ରେସ୍
ବରଗଡ଼
ପ୍ରଥମ ସଂସ୍କରଣ : ୨୦୨୬
ମୂଲ୍ୟ: ୧୪୦ ଟଙ୍କା

କବି କେବେ ସ୍ୱପ୍ନ ଦେଖନ୍ତି ଫୁଲଟିଏ ହୋଇ ଫୁଟିବା ପାଇଁ, ପୁଣି କେବେ ପକ୍ଷୀଟିଏ ହୋଇ ଖୋଲା ଆକାଶରେ ଉଡ଼ିବୁଲିବାକୁ। ଏଭଳି କିଛି ସ୍ୱପ୍ନ, ଅନୁଭବ ଓ ଅନୁଭୂତି ପ୍ରକାଶ ପାଇଛି କବି ଚନ୍ଦ୍ରଶେଖର ରାଉତଙ୍କ 'ଜୀବନର ପରିଭାଷା' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ 'ଠିକଣା ଖୋଜୁଛି ମଳୟ', 'ଅପେକ୍ଷା', 'ବର୍ଷା', 'ମୌସୁମୀର ଚିଠି', 'ମୋକ୍ଷ', 'ମାଟିର କବି', 'ପ୍ରେମ', 'ମୋ ବିନା ତମେ', 'ଜୀବନର ପରିଭାଷା', 'ଅନ୍ୟ ଏକ ପୃଥିବୀ', 'ଆକାଶ', 'ଅବ୍ୟକ୍ତ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର କବିତାଗୁଡ଼ିକରେ ପ୍ରକୃତି ପ୍ରୀତି, ମାନବୀୟ ପ୍ରେମ, ସାମାଜିକ ବାସ୍ତବତା, ଜୀବନର ଛଳ ଛଳ ଭାବ ଓ ଅନୁଭବ ଅତ୍ୟନ୍ତ ସରଳ ଓ ବୋଧଗମ୍ୟ ଭାଷାରେ ପ୍ରତିଫଳିତ ହୋଇଛି। କବି କେତେବେଳେ କଲମ ମୁନରେ ଜୀବନ ଓ ଜଗତର ବାସ୍ତବ ଚିତ୍ର ଅଙ୍କନ କରନ୍ତି କବିତା ମାଧ୍ୟମରେ, ପୁଣି କେତେବେଳେ ଚିତ୍ରଶିଳ୍ପୀଭାବେ ରଙ୍ଗ ଓ ତୂଳୀରେ ଅପରୂପ ପ୍ରକୃତିର ସୌନ୍ଦର୍ଯ୍ୟକୁ ପରିପ୍ରକାଶ କରନ୍ତି ଚିତ୍ର ମାଧ୍ୟମରେ। ଏହି କବିତା ପୁସ୍ତକର ଶେଷରେ କବି ତଥା ଚିତ୍ରଶିଳ୍ପୀ ଚନ୍ଦ୍ରଶେଖରଙ୍କ ଅନେକ ଆକର୍ଷଣୀୟ ଚିତ୍ର ସ୍ଥାନ ପାଇଛି। 'ଜୀବନର ପରିଭାଷା' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।

### ଶରତଚନ୍ଦ୍ରଙ୍କ ପରିଣୀତା

ଅନୁବାଦ: ବିପ୍ଳବ ଚୌଧୁରୀ



ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ : ୨୦୨୬
ମୂଲ୍ୟ: ୧୬୦ ଟଙ୍କା

ବିଶିଷ୍ଟ ଔପନ୍ୟାସିକ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ପରିଣୀତା' ଏକ ବହୁ ପାଠକାଦୃତ ଉପନ୍ୟାସ। ବଙ୍ଗଳା ଭାଷାର ଏହି କ୍ଲାସିକ୍ ଉପନ୍ୟାସକୁ ଓଡ଼ିଆରେ ବିପ୍ଳବ ଚୌଧୁରୀ ଅନୁବାଦ କରିଛନ୍ତି। ବିଂଶ ଶତାବ୍ଦୀ ପ୍ରାରମ୍ଭର କୋଲକାତାର ବାସ୍ତବ ଚିତ୍ର ଏହି ଉପନ୍ୟାସରେ ଚିତ୍ରିତ ହୋଇଛି। ଭାରତୀୟ ସମାଜର ପ୍ରେମ, ପ୍ରଣୟ ଓ ମାନବୀୟ ମଧୁର ସଂପର୍କ ବେଶ୍ ପ୍ରଭାବଶାଳୀ ଭାବେ ପ୍ରସ୍ଫୁଟିତ ହୋଇଛି ଏହି ଉପନ୍ୟାସରେ। କୋଲକାତାର ଜଣେ ଅନାଥ ଗରିବ ଝିଅ ଲଳିତା ଓ ଧନୀ ଶେଖରଙ୍କ ପ୍ରେମ ସଂପର୍କ ଉପରେ ଏହା ଆଧାରିତ। ପ୍ରେମ, ସାମାଜିକ ଶ୍ରେଣୀ ପାର୍ଥକ୍ୟ, ସାମାଜିକ ଦ୍ୱନ୍ଦ୍ୱ, ନାରୀର ଦୁର୍ଦ୍ଦଶା 'ପରିଣୀତା'ର କାହାଣୀକୁ ଅଧିକ ରୋମାଞ୍ଚକର କରିଛି। କେବଳ ପ୍ରେମ କାହାଣୀ ନୁହେଁ, ବଙ୍ଗୀୟ ସାମାଜିକ, ସାଂସ୍କୃତିକ ବୈଭବ ମଧ୍ୟ ଫୁଟି ଉଠିଛି ଏହି ଉପନ୍ୟାସରେ। ରୋମାଞ୍ଚକର କାହାଣୀ, ନିଆରା ରଚନା ଶୈଳୀ, ସରଳ ଭାଷା ପ୍ରୟୋଗ ଯୋଗୁଁ ଉପନ୍ୟାସଟି ମନଛୁଆଁ ହୋଇଛି। 'ପରିଣୀତା'ର କାହାଣୀ ନିଶ୍ଚୟ ପାଠକମାନଙ୍କୁ ଭଲ ଲାଗିବ।

# "ସୃଜନୀ ପ୍ରକ୍ରିୟା ଅନ୍ତଃପ୍ରେରଣାଗତ ଏକ ପ୍ରଗାଢ଼ ପରିପ୍ରକାଶ"






ଗିରିଜାକୁମାର ବଳୀୟାରସିଂହ

'ମୁଁ କାହିଁକି ଲେଖେ' - ଏହା ଯଦି 'ମୁଁ କାହିଁକି ଭାବେ' ଭଳି ଜରୁରୀସ୍ତରୀୟ କୌଣସି ପ୍ରଶ୍ନ ପ୍ରକୃତରେ, ତା'ହେଲେ ତାହାର ଉଚିତ ଉତ୍ତର ହୁଏତ ହୋଇପାରେ: 'ମୁଁ କାହିଁକି ନିଃଶ୍ୱାସପ୍ରଶ୍ୱାସ ନିଏ' ଭଳି ପ୍ରଶ୍ନଟିର ଯାହା ସ୍ୱାଭାବିକ ସଦୁତ୍ତର ହେବା କଥା, ତାହା ହିଁ।

ଅପରପକ୍ଷରେ, ଆତ୍ମଜାଗରିତ ଏକ ଏକ ଅତଳ ଆହ୍ୱାନର ପ୍ରତ୍ୟୁତ୍ତର ପରି ପ୍ରତେ ହୋଇଥାଏ, ଏ ମୁଁ କାହିଁକି ଲେଖେ ସୂଚକୀୟ ସୃଜନୀ ପ୍ରକ୍ରିୟାଟିର ଅନ୍ତଃପ୍ରେରଣାଗତ ଏକ ପ୍ରଗାଢ଼ ପରିପ୍ରକାଶ। ଅତଏବ ଏହା ହେଉଛି ସେହି ଅବଧାରିତ ଅଭିବ୍ୟକ୍ତି, ଯାହା ଅନନ୍ୟୋଽପାୟ ହିଁ ଏକ ଏକ ଅନୁସ୍ୱନନାତ୍ମକ ଅନାମୟ ଆପାତୋକ୍ତି। ଅର୍ଥାତ୍ ଯେତେବେଳେ ଲେଖିବାକୁ ବାଦ୍ ଦେଇ, ଏ ଆପାତଲେଖକ ପକ୍ଷେ, ଅବିକଳ୍ପ ଅନ୍ୟୋପାୟ ନାସ୍ତି - ସେତେବେଳେ ଏହି ଅନ୍ତର୍ଭୂତ ଉପାୟହୀନତାର ହାର୍ଦ୍ଦିକ ହୁକୁମ୍‌ନାମାକୁ ମୁଣ୍ଡ ନୋଇଁ ମାନି ନେଉନେଉ ଲେଖେ ଅଲବତ୍, ଲେଖୁଥାଏ ଛାଏଁ, ଲେଖୁଥିବି ଅତଏବ। ହଜାରେ-ଏକ୍ ହରଫର୍ ହର୍‌ବାର ଏଇ ଏକ୍ ହେତୁ : ରହିହୁଏ ନାହିଁ ବୋଲି କହିବାକୁ ହୁଏ ହିଁ ଯେହେତୁ। କହିବାକୁ ଗଲେ ଗୋଟାଏ କେମିତି ଗୁଞ୍ଜନଶୀଳିତ ସୃଜନକ୍ରିୟାର ଗତ୍ୟନ୍ତରହୀନତା ଏ- ଆତ୍ମୋଦ୍ଭୂତ ସ୍ପନ୍ଦନ ସବୁକୁ ଅବତାରୀ ଶବ୍ଦ କରିବାରେ ଆଉ ଅମାୟିକ ଇଚ୍ଛାକୁ ଅମୋଘ ଅକ୍ଷର।

କେଉଁଠୁ କେଜାଣି, ଅନେକ ଅନେକ ଥର, ଆପଣାର ଏକାନ୍ତ ନିଭୃତ ଅନ୍ତର୍ଲୋକକୁ ଅଚିରାତ୍ ଆସି ଆଲୋଡ଼ାଇ ଦେଇଯାଏ ସେଇ ତୁମୂଳ ତାଡ଼ନା : ଦେଖ୍ ଆଖି ମୁଦି ସେଇସବୁ ଅନନୁଭୂତ ଅଦୃଶ୍ୟର ଅପୂର୍ବ ଅପରପାର୍ଶ୍ୱ ବି ... ଲେଖ୍, ଲେଖ୍, ଲେଖ୍ - ଅଲକ୍ଷିତ, ଅଲିଖିତ ଅବଧୂତୋବାଚୀ ଅବତରଣିକା ଯେତେ ଯାହା !

କିଏ ଏଇ 'ମୁଁ'ଟିକୁ ଆସି ତାଡୁଥାଏ ତନାଘନା : ଆରେ, ଲେଖ୍ - ଲେଖ୍ - ଲେଖ୍ ?

ଉପରକୁ ଅନାଏ ତ ତରା। ମନେହୁଏ, ତରା ଠାରୁଥାଏ : ଲେଖ୍ ! ତଳକୁ ତଲାସେ ତ ତୃଣ। ବୋଧହୁଏ, ତୃଣ ବି ତିଆରୁ ଥାଏ : ଲେଖ୍! ଏକଡ଼ ସେକଡ଼ ଘୂରି ଫେରି ଚାହୁଁଥାଏ ତ ଛାଡ଼ିଛାଡ଼ିକା ଛାଇଛିଟା ଫେର୍ ଧାଡ଼ିଧାଡ଼ିକା। ଲାଗୁଥାଏ, କାହୁଁ କୁଆଡୁ କା' ଛଟପଟ ଛାଇର ଛାର୍‌ଖାର୍ ନିଃଶ୍ୱାସ ମଧ୍ୟ କାହିଁକି କେଜାଣି ନିହାତି କତିକୁ ଚାଲିଆସି ଚୁପ୍‌ଚାପ୍ ଚିଆଁଇ ଦେଉଥାଏ : ଲେଖ୍ !

ରାତ୍ରିଚର ରୋଦନାର୍ତ୍ତ ପକ୍ଷୀଟି ସୁଦ୍ଧା ନିଜ ଶେଷ ପଇଁତରା ସାରୁ ନସାରୁଣୁ ଭୋରଭଙ୍ଗା ଭାବାଂଶକୁ ବି ତା' ରାବରେ ରଟିଯାଉଥାଏ : ଲେଖ୍ !

ଏମିତି ଅନେକାନେକ ଅଦୂରଦୂର ଆଜ୍ଞା, ଅନୁଜ୍ଞା, ଆଦେଶ, ଅଧ୍ୟାଦେଶ, ଆହ୍ୱାନ, ଅନୁଶାସନ, ଅନୁକଂପନ, ଅନୁରୋଧ, ଅନୁନୟାଦିର ଅନ୍ତର୍ଧ୍ୱନି : ଲେଖ୍, ଲେଖ୍, ଲେଖ୍ !

କାହିଁକି ସତରେ ଲେଖେ ବୋଲି କେବେହେଲେ ନିଜକୁ ଥରେ ସୁଦ୍ଧା ପଚାରିନଥିବା ଏଇ 'ମୁଁ' କିନ୍ତୁ ବିଲ୍‌କୁଲ୍ ଭିନେ 'ମୁଁ' - ଅନ୍ତର୍ବ୍ୟକ୍ତିତ୍ୱକୁ ଯିଏ ବିବର୍ତ୍ତିତ କରାଇଦେଇପାରେ ଅଭିବ୍ୟକ୍ତିତ୍ୱରେ।

ଲେଖେ କାହିଁକି ମୁଁ?

ମନେହୁଏ, ନିଜସ୍ୱ ଅଖଣ୍ଡ ଏକକତାକୁ ଖଣ୍ଡ ଖଣ୍ଡ କେତେ ବିସ୍ମିତ ବିହ୍ୱଳ ବହୁକତା ରୂପେ ବର୍ଣ୍ଣୀଭୂତ କରିରଖିବାର ଏକ ଅନବଦମିତ ଅନୁମିତି ହିଁ ଲେଖାଇ ଆସିଛି ମୋତେ, କାହିଁ କେଉଁ କାଳୁ ଏଯାବତ୍। ଅଭିବ୍ୟକ୍ତି ମଧ୍ୟରେ ବ୍ୟକ୍ତିର ବିମୋକ୍ଷସାଧନ ପାଇଁ ଏ ଅନୁମିତି ମଧ୍ୟ ଜାଗରୁକ କରାଇପାରେ ଏକପ୍ରକାର ଅନୁପ୍ରାଣନାପ୍ରାପ୍ତ ଆତ୍ମପ୍ରବୃତ୍ତି - ଯାହା ଯେକୌଣସି ସୃଜନଭୋଳ ସତ୍ତାର ଅନ୍ତର୍ନିହିତ ଏକ ଆକାଂକ୍ଷାକୁ ଏକାଧିକ ବହିଃପ୍ରକାଶିତ ଆକୃତିରେ ପରିଣତ କରିଥାଏ ବୋଲି ମୋର ବିଶ୍ୱାସ। ପ୍ରକାରାନ୍ତରେ କହିବାକୁ ଗଲେ, ଏପରି ଆକାଂକ୍ଷା ପୁଣି ସେଇ ଅପରିହାର୍ଯ୍ୟ ଅଙ୍ଗୀକାର, ଯାହା ସଂସ୍କୃତି ସହିତ ସ୍ତରେସ୍ତରେ ଯେପରି ରକ୍ତସଂପର୍କିତ କରିରଖିବାକୁ ଚାହେ ଅକ୍ଷରନିବଦ୍ଧ କୃତିପୁଞ୍ଜକୁ ବି !

ଆମର ଐତିହ୍ୟ, ପରଂପରା, ପର୍ଯ୍ୟାୟକ୍ରମିକ ମୂଲ୍ୟବୋଧ ଓ ବିବର୍ତ୍ତାୟମାନ ଭାଷିକ-ବ୍ୟକ୍ତିତ୍ୱ ଆମ ଏଇ ଅସମୟ-ଦୁଃସମୟମୟ ସମୟଖଣ୍ଡକୁ ଦମ୍ଭ ଦେଇଛି, ଦୃପ୍ତି ଦେଇଛି, ଦିଶା ଦେଇଛି, ଦୃକ୍ ଦେଇଛି ଆଉ ଦେଇଛି ବି ପୁଣି ଅବଧାରିତ ଅର୍ଥାନ୍ତରର ଅଭିମନ୍ତ୍ରସିଦ୍ଧ ରକ୍, ଯାହା ଯୁଗପତ୍ ଅନୁପେକ୍ଷଣୀୟ ଓ ଅଙ୍ଗୀକରଣୀୟ।

ପ୍ରକୃତ ପକ୍ଷରେ କହିବାକୁ ଗଲେ ଶିଳ୍ପକଳାଠାରୁ ଆରମ୍ଭ କରି ସାରସ୍ୱତ ସର୍ଜନାଂଶ ପର୍ଯ୍ୟନ୍ତ ଅନେକାନେକ ଅଭିବ୍ୟକ୍ତିର ଅସଲ ଉତ୍ସ ତ ଏକପ୍ରକାର ଅନ୍ତହୀନ ଅତୃପ୍ତିର ଆବେଦକ ଅବଦାନ।

କାବ୍ୟକାରିତାର କ୍ରମ ଓ କୃତିର କ୍ରାନ୍ତିକଳନା କ୍ଷେତ୍ରରେ ସାଢ଼େ ପାଞ୍ଚଟି ଦଶକର ଅତିକ୍ରାନ୍ତି ମୋର। ଏହା ସତ୍ତ୍ୱେ ସମସ୍ତ ସର୍ଜନା, ଏହି ବିଚାରଧାରାରେ, ମୋ ନିଜ ପାଇଁ ମଧ୍ୟ ଅଶେଷାଶେଷ ଅତୃପ୍ତିର ଏକ ଏକ ଅପରିପୂର୍ଣ୍ଣ ଅବଶିଷ୍ଟାଂଶ ହିଁ ଯେପରି! ଏ କ୍ଷେତ୍ରରେ କାହାରିକୁ କେବେ ମିଳିପାରେ, - ନା ପରିତୃପ୍ତି ନା ପରିପୂର୍ତ୍ତି : ଏହି ପରୀପ୍ରେକ୍ଷିତରେ, ମୁଁ କାହିଁକି ଲେଖେ, ମୋ ପକ୍ଷରେ ଏକ ପ୍ରଶ୍ନ ଅପେକ୍ଷା ବରଂ ଅଧିକ ଭାବରେ ଏକ ପ୍ରତିଭାଷ - ନିଜ ସୃଷ୍ଟିଶୀଳତାର ସନ୍ଦିଗ୍ଧ ସ୍ୱଗତ ପ୍ରତି।

ଆପାତତଃ, ଏଇ ପଣପୂରଣର ପତିଆରୀ ପରିଣାମ ହେଉଛି କବିତାରୁ ମହାକବିତାମୁଖୀ ଏକ ଅଭିନିବେଶିତ ଅଭିଯାତ୍ରା।

ଯେଉଁ ହଜାରେ ବର୍ଷର ଅଭ୍ୟସ୍ତତା ଆମକୁ ଆମର ଗତବିଗତକାଳୀନ କାବ୍ୟଧାରାକୁ ଅଧୀତ କରାଇବାରେ ସହାୟତା ପ୍ରଦାନ କରିଆସିଛି, ଆଗକୁ ଆଉ ଶହେବର୍ଷର କବି-କବିତାର୍ଥୀକୁଳର ସୃଜନୀଧାରାକୁ ଅନୁଧ୍ୟାନ କଲାବେଳେ, ଏକ ଅବଶ୍ୟମ୍ଭାବୀ ସହାୟକ-ସୂତ୍ର ହିସାବରେ, ସେଇ ପୂର୍ବାନୁବୃତ୍ତ ଅଭ୍ୟସ୍ତତାଟି ମଧ୍ୟ କ'ଣ ବଜାୟ ରହିବା ବିଧେୟ ଏକ ବାଧ୍ୟତାମୂଳକ ବିଧିରକ୍ଷା ଭଳି? ଏହି ପ୍ରସଙ୍ଗରେ ଅତଏବ ଆପାତମୌନ ବା ଅର୍ଦ୍ଧନୀରବ ରହିବାକୁ ଚାହୁଁଛି ମୁଁ। ତଥାପି ଯଦି ପଚରାଯାଏ ଯେ, ମୁଁ କାହିଁକି ଲେଖେ, ତହୁଁ ସନ୍ଦିଗ୍ଧଭାବରେ କହିପାରେ : ଲେଖେ ଭବିଷ୍ୟତର ପ୍ରିୟପାଠକପାଠିକାଙ୍କ ପାଇଁ ସଂଭବତଃ !

ସମୁତ୍ତୀର୍ଣ୍ଣ ସମକାଳକୁ ବିଚାରି ନେଇଥାଏ, ମୋ ପକ୍ଷରେ ଯେପରି ଗୋଟିଏ ବିଦୀର୍ଣ୍ଣ ବିଷମକାଳ- ଯେହେତୁ ଏ ଅମଳର ପ୍ରଚଳମାନ କାବ୍ୟପଠନକୁ କେବଳ ଏକପ୍ରକାର ବହିଃରୂପାତ୍ମକ ବାକ୍ୟଗଠନର ବିକଳ୍ପ ଭାବରେ ଘେନା କରିବା ଦିଗରେ କାହିଁକି କେଜାଣି ଘୋର କୁଣ୍ଠା ମୋ ଭିତରେ ଏଯାବତ୍। ପ୍ରକାର ପ୍ରକାର ପଦଚର୍ଯ୍ୟାର ପ୍ରକାଣ୍ଡ ଦୁନିଆଦିରୁ ଆରମ୍ଭ କରି କ୍ରମେ ଲୋକଛନ୍ଦ, ଦାଣ୍ଡୀ, ନବାକ୍ଷରୀ, ରାଗ, ବୃତ୍ତାଦିରୁ ଛନ୍ଦଛଳଛଳ ଛତ୍ରପୁଞ୍ଜର ପାହାଡ଼ୀ ଝରଣା ଯାଏଁ ପ୍ରସାରିତ ଏକ ମହାନ୍ ଐତିହାସିକ କାବ୍ୟସଂସ୍କୃତିର ପାଦପୂରଣ ଯେ ପରିଶେଷରେ ଅପ୍ରାକୃତିକ ତଥା କୃତ୍ରିମ ଗଦ୍ୟର କାନ୍ତାରରେ, ଏଭଳି ଆସି ନେଇଯାଇପାରେ ନିଜସ୍ୱ ଗତିର ନିର୍ଘାତ୍ ମୋଡ଼ବୁଲାଣି - ଏ ବାବଦରେ ଏବ ସୁଦ୍ଧା ପୂର୍ଣ୍ଣସଂଶୟମୁକ୍ତ ନୁହେଁ ମୁଁ।

ସାରାଜୀବନର ସାରାଂଶକୁ ଭାବ-ସ୍ୱଭାବସିଦ୍ଧ ସ୍ୱଗତଭାଷୀ ସ୍ୱରଶବ୍ଦମୟ କରୁକରୁ କେବେ କେବେ ଅନୁଭବିଛି ଯେ ବଡ଼ ଉଭଟ ଭାବରେ ଉଚ୍ଛଳ ମୁଁ, ଉଷୁମ୍ ଉପକବିତା ସବୁରେ ମୋର। ମୁଁ କାହିଁକି ଲେଖେ ପ୍ରଶ୍ନଟିର ଉତ୍ତର ତା'ହେଲେ କଅଣ ଏଇ ଉତ୍ସରିତ ଉଚ୍ଛଳତା ?

କେବେ ଏମିତି ଉତ୍ତର ଖୋଜିବାର ଅବକାଶଟିଏ ମୋତେ ଦେଇପାରିନି ମୋ ସୃଜନୀକ୍ରିୟାର ନାନା ମଧ୍ୟାନ୍ତର ସୁଦ୍ଧା। କିଛି କିଛି ଉଦାସ ବର୍ଷ ତ ମୋ ସକାଶେ ପାଲଟିଯାଇଛି ନିରଳଂକୃତ ନୀରବତାର ନାମାନ୍ତରମାତ୍ର ! ଏହାପରେ ୨୦୦୩ରୁ ୨୦୨୦ - ଏଇ ୧୮ ବର୍ଷର ଅବଶିଷ୍ଟ କୃତି-ପ୍ରକାଶନର କାଳଖଣ୍ଡଟି ହେଉଛି : ସ୍ୱରଚିତ ସର୍ଜନାତ୍ମକ ପୁନରଭ୍ୟୁଦୟର ଏକ ବିଳମ୍ବିତ ବିଶେଷକ୍ରମ ମୋ ପକ୍ଷରେ। ଇତିମଧ୍ୟରେ ପ୍ରକାଶ ପାଇଛି 'ନୀଳନିର୍ବାଣ' ଓ 'ଭାରତବର୍ଷ' ଠାରୁ 'ପାଦପୂରଣ' ପର୍ଯ୍ୟନ୍ତ ନାନା କୃତି, କିନ୍ତୁ ନମୁନା-ପରଖ ବିଚାରରୁ ନିଜନିଜଠୁ ନିଆରା ବେଶ୍ ସେସବୁ - ଅର୍ଥାତ୍ ପରସ୍ପରଠାରୁ ପୃଥକ୍ ପୃଷ୍ଠାର ପୃଥିବୀ ପ୍ରାୟେକ ପ୍ରତୀତ ପ୍ରତ୍ୟେକେ ! ନିଜସ୍ୱ ଅବିଚ୍ଛିନ୍ନ ଏକକତାକୁ ଏଇଭଳି ଭିନ୍ନ ଭିନ୍ନ ବହୁକତା ରୂପେ ଭୋଗିବାକୁ ମୁଁ କଅଣ ତା'ହେଲେ ଭେଦି ଆସିଛି ଶବ୍ଦ ସଂସ୍କୃତିର ସେଇସବୁ ଶ୍ରମଣୀୟ ବର୍ଷାବାସ ନା ସାଧିଆସିଛି ସତରେ କ୍ରମକ୍ରମାନ୍ତରୀ କାବ୍ୟକାରିତାର କୃଚ୍ଛ୍ରକାୟାକଳ୍ପ ?

ନା, ନଜାଣେ କାହିଁକି ଲେଖେ ମୁଁ, ଏତେସବୁ ସତ୍ତ୍ୱେ।

କଟକ

## ଅଦାଲତରୁ ଦୋଷମୁକ୍ତ ପରେ ସମାନ ଅଭିଯୋଗରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ବେଆଇନ: ହାଇକୋର୍ଟ

**ବହିଷ୍କୃତ କନଷ୍ଟେବଲଙ୍କୁ ପୁନଃନିଯୁକ୍ତି ପାଇଁ ନିର୍ଦ୍ଦେଶ**

କଟକ, ୪।୪ (ସମିସ): ଯଦି ଜଣେ କର୍ମଚାରୀ ଫୌଜଦାରୀ ମାମଲାରେ ସମାନ ପ୍ରମାଣ ଆଧାରରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି, ତେବେ ସେହି ସମାନ ତଥ୍ୟକୁ ନେଇ ତାଙ୍କୁ ବିଭାଗୀୟ ସ୍ତରରେ ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଜଣେ ପୁଲିସ୍ କନଷ୍ଟେବଲଙ୍କୁ ଚାକିରିରୁ ବହିଷ୍କାର କରାଯିବା ଆଦେଶକୁ ରଦ୍ଦ କରିବା ସହ ହାଇକୋର୍ଟ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଜଣିକିଆ ବିଚାରପତିଙ୍କ ଆଦେଶକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ତରଫରୁ ରୁଜୁ ଆବେଦନକୁ ଖାରଜ କରି ଜଷ୍ଟିସ୍ ମାନସ ରଂଜନ ପାଠକ ଓ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିବା ସହ ପ୍ରତିପକ୍ଷ କନଷ୍ଟେବଲ ବଂଶୀଧର ବାରିକଙ୍କୁ ତୁରନ୍ତ ଚାକିରିରେ ପୁନଃଅବସ୍ଥାପିତ କରିବା ସହ ତାଙ୍କର ସମସ୍ତ ବକେୟା ଏବଂ ଆନୁଷଙ୍ଗିକ ସେବା ସୁବିଧା ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ପ୍ରତିପକ୍ଷ ତଥା ଓଡ଼ିଶା ପୁଲିସର ଜଣେ କନଷ୍ଟେବଲଙ୍କ ବିରୋଧରେ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣା ପାଇଁ ତାଙ୍କ ବିରୋଧରେ ଉଭୟ ଅଦାଲତୀ ମାମଲା ଏବଂ ବିଭାଗୀୟ ତଦନ୍ତ ଚାଲିଥିଲା। ତେବେ ଅଦାଲତରେ ବିଚାର ସମୟରେ ପ୍ରମାଣିତ ହୋଇଥିଲା ଯେ ଯେଉଁ ସମୟରେ ଏହି ଅପରାଧ ଘଟିଥିଲା, ସେତେବେଳେ ସମ୍ପୃକ୍ତ କନଷ୍ଟେବଲ ଜଣଙ୍କ ନିଜ କାର୍ଯ୍ୟସ୍ଥଳରେ ନଥିଲେ ବରଂ ଏକ ସରକାରୀ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଆଧାରରେ ଫୁଲବାଣୀ ଅତିରିକ୍ତ ଦୌରା ଅଦାଲତ ତାଙ୍କୁ ସମସ୍ତ ଅଭିଯୋଗରୁ ଦୋଷମୁକ୍ତ କରିଥିଲେ। କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହେବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ କନ୍ଧମାଳ ଏସ୍‌ପି ସେହି ସମାନ ସାକ୍ଷୀଙ୍କ ବୟାନକୁ ଆଧାର କରି ତାଙ୍କୁ ଗତ ୨୦୨୨ ଜୁଲାଇ ୫ରେ ଚାକିରିରୁ ବହିଷ୍କାର କରିଥିଲେ। ଏହାକୁ ପୁଲିସ ଆଇଜି କାଏମ ରଖିଥିଲେ। ଏହା ବିରୋଧରେ ସଂପୃକ୍ତ କର୍ମଚାରୀ ହାଇକୋର୍ଟରେ ଆବେଦନ କରିଥିଲେ। ଜଣିକିଆ ବିଚାରପତି ଏହି ବହିଷ୍କାର ଆଦେଶକୁ ରଦ୍ଦ କରି ବଂଶୀଧରଙ୍କୁ ଚାକିରିରେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚାଲେଞ୍ଜ କରି ସରକାରଙ୍କ ତରଫରୁ ଦୁଇଜଣିଆ ଖଣ୍ଡପୀଠରେ ମାମଲା ରୁଜୁ ହୋଇଥିଲା।

## ନୂଆପଡ଼ା ଏବଂ ବଲାଙ୍ଗିର ଜିଲ୍ଲା ଜାତୀୟ ରାଜପଥର ସମ୍ପ୍ରସାରଣ କରାଯିବ

**୧୦୩.୫୨ କିମି. ରାସ୍ତା ପାଇଁ ୪୪୭.୧୧କୋଟି ଖର୍ଚ୍ଚ: ଗଡ଼କରୀ**

ଭୁବନେଶ୍ୱର,୪।୪(ସମିସ): ନୂଆପଡ଼ା ଏବଂ ବଲାଙ୍ଗିର ଜିଲ୍ଲା ଜାତୀୟ ରାଜପଥର ସମ୍ପ୍ରସାରଣ କରାଯିବ। ଜାତୀୟ ରାଜପଥ-୩୫୩ ଏବଂ ଜାତୀୟ ରାଜପଥ-୫୯ରେ ଅବସ୍ଥିତ କୁରୁମପୁରୀ-ରାଜଖରିଆର ସେକ୍ସନର ୧୦୩.୫୨ କିଲୋମିଟର ରାସ୍ତା ସମ୍ପ୍ରସାରଣରେ ମୋଟ୍ ୪୪୭.୧୧କୋଟି ଟଙ୍କା ଖର୍ଚ୍ଚର୍ କରାଯିବ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ୍ ଗଡ଼କରୀ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସରେ ସୂଚନା ଦେଇଛନ୍ତି।

ଏହା ଛତିଶଗଡ଼ର ରାୟପୁର-ମହାସମୁନ୍ଦ ଅଞ୍ଚଳକୁ ଓଡ଼ିଶା ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃରାଜ୍ୟ କରିଡର, ଯାହା ପରବର୍ତ୍ତୀ ସମୟରେ ବ୍ରହ୍ମପୁର ଏବଂ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ବିସ୍ତାର କରିବ। ଏହି ପ୍ରକଳ୍ପ ଆଞ୍ଚଳିକ ଏବଂ ଆନ୍ତଃରାଜ୍ୟ ସଂଯୋଗୀକରଣକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ ହେବ, ଯାହା ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ ଏବଂ ଗଞ୍ଜାମ ଜିଲ୍ଲା ମଧ୍ୟରେ ଯାତ୍ରୀ ଏବଂ ମାଲ୍ ପରିବହନକୁ ସୁଗମ ଏବଂ ଅଧିକ ଦକ୍ଷ କରିବ। ରାଜପଥରେ ବ୍ଲାକ୍ ସ୍ପଟ୍‌ଗୁଡ଼ିକୁ ସଂଶୋଧନ ଏବଂ ପାଚେରି ବନ୍ଧ ବ୍ୟବସ୍ଥା ମାଧ୍ୟମରେ କରିଡର ଉନ୍ନତିକରଣ କରାଯାଇ ରାସ୍ତା ସୁରକ୍ଷାକୁ ବୃଦ୍ଧି କରାଯିବ। ବିଶେଷକରି ଦୁଇଚକିଆ ଯାନଗୁଡ଼ିକର ସୁବିଧା ଯାତାୟତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏହା ଦାରିଙ୍ଗବାଡ଼ି, ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ନିକଟବର୍ତ୍ତୀ ପାହାଡ଼ି ଅଞ୍ଚଳ ଭଳି ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ମଧ୍ୟ ପ୍ରବେଶକୁ ଉନ୍ନତ କରିବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପର୍ଯ୍ୟଟନ ଏବଂ ସ୍ଥାନୀୟ ଅଞ୍ଚଳର ଆର୍ଥିକ ବିକାଶକୁ ବୃଦ୍ଧି କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ ଏକ୍ସରେ ଉଲ୍ଲେଖ କରିଛନ୍ତି।

## ନିଆଳିରେ ପାଗଳ ଷଣ୍ଢ ଆତଙ୍କ; ଜଣେ ମୃତ, ୮ ଆହତ

- ସିଠାଳ ଗ୍ରାମରେ କୋକୁଆ ଭୟ
- କାବୁ କଲେ ସ୍ଥାନୀୟ ବାସିନ୍ଦା

ନିଆଳି, ୪।୪(ସମିସ): କଟକ ଜିଲ୍ଲା ନିଆଳି ଥାନା ଅନ୍ତର୍ଗତ ସିଠାଳ ଗ୍ରାମରେ ପାଗଳ ଷଣ୍ଢର କ୍ରମାଗତ ଆକ୍ରମଣରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଷଣ୍ଢ ଆକ୍ରମଣରେ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ସମେତ ମୋଟ ୮ ଜଣ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଗତକାଲି ସିଠାଳ ଅଞ୍ଚଳରେ ଏକ ପାଗଳ ଷଣ୍ଢ ହଠାତ୍ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା। ଏହି ହିଂସ୍ରକ ଆକ୍ରମଣରେ ୮୦ ବର୍ଷୀୟ ବୃଦ୍ଧ ଦ୍ୱିଜବର ସ୍ୱାଇଁ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ୭୫ ବର୍ଷୀୟ ବୃଦ୍ଧ ହରେକୃଷ୍ଣ ସ୍ୱାଇଁ ମଧ୍ୟ ଗୁରୁତର ଆହତ ହୋଇଥିବା ବେଳେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଷଣ୍ଢ ଆକ୍ରମଣରେ ବିଶ୍ୱନାଥ ବଡୁ, ମଞ୍ଜୁଷା ମାଳିନୀ ବଡୁ, ଭୀମ ମାଲିକ, ସଂଯୁକ୍ତା ନାୟକ, ଜଗନ୍ନାଥ ନାୟକ ଏବଂ ରୂପାଲି ନାୟକ ମଧ୍ୟ ଆହତ ହୋଇଛନ୍ତି। ବର୍ତ୍ତମାନ ଏହି ୬ ଜଣଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

ଷଣ୍ଢଟି ପାଗଳ ହୋଇଯାଇଥିବାରୁ ଗ୍ରାମରେ ଭୟର ବାତାବରଣ ଖେଳିଯାଇଥିଲା। ପରିସ୍ଥିତିକୁ ନଜରରେ ରଖି ସନ୍ଧ୍ୟା ସମୟରେ ଏକ ସଂଗଠନ ଓ ସ୍ଥାନୀୟ ବାସିନ୍ଦାଙ୍କ ମିଳିତ ଉଦ୍ୟମରେ ଷଣ୍ଢଟିକୁ କାବୁ କରାଯାଇଛି। ବର୍ତ୍ତମାନ ଷଣ୍ଢଟିର ମଧ୍ୟ ଚିକିତ୍ସା କରାଯାଉଥିବା ସୂଚନା ମିଳିଛି। ତେବେ ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଗୃହପାଳିତ ପଶୁଙ୍କ ସୁରକ୍ଷା ଓ ବୁଲା ଷଣ୍ଢଙ୍କ ନିୟନ୍ତ୍ରଣକୁ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ଗ୍ରାମବାସୀ।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 656, dated 02.04.2026, I, GOPINATH PARAJA, S/o - Late. Bhagirathi Paraja, permanent resident of Village - Dumar Munda, PO - Basini, PS - Kodinga, Dist - Nabarangpur, Odisha, Pin - 754075, declare that I have changed the name of my Son from MANAJA to MANAJA PARAJA. Henceforth, he shall be known as **MANAJA PARAJA** for all purposes.

Sd/- Gopinath Paraja

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 662, dated 04.04.2026, I, HALADHAR MAJHI, S/o - Ratan Majhi, permanent resident of Village - Bhaluguda, PO - Kodinga, PS - Kodinga, Dist- Nabarangpur, Odisha, Pin - 754075, declare that I have changed the name of my Daughter from BOMOLA MAJHI to BIMALA MAJHI. Henceforth, she shall be known as **BIMALA MAJHI** for all purposes.

Sd/- Haladhar Majhi


## ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ

ଭୁବନେଶ୍ୱର,୪।୪(ସମିସ): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏଠାରେ ସେ ବିଭିନ୍ନ ଅତ୍ୟାଧୁନିକ ଲାବ୍ରୋଟୋରୀ ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ବ୍ୟକ୍ତ କରିଛନ୍ତି। ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ ସର୍ଭିସେସ୍' ବିଭାଗ ଅଧୀନରେ ବିଭିନ୍ନ ଅତ୍ୟାଧୁନିକ ଲାବ୍ରୋଟୋରୀ ରହିଥିବା ବେଳେ ଶ୍ରୀ ଦାସ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ବ୍ୟୁଟି ଆଣ୍ଡ ୱେଲନେସ୍ ଏବଂ ସ୍କୁଲ ଅଫ୍ ହସ୍ପିଟାଲିଟି ଆଦି ବିଭାଗ ବୁଲି ଦେଖିବା ସହ ଉନ୍ନତ ଭିତ୍ତିଭୂମି ଏବଂ ତାଲିମ ପାଠ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ। ଏହି ପରିଦର୍ଶନ ବେଳେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ।


**NOTICE**

By virtue of an affidavit sworn before the Notary Public, Kukudakhandi, Ganjam dated 25.08.2025, I, Sri B Siba Rao son of B Bhagirathi, Village Melkaturu Mendrajpur, P.O.- Mendrajpur, P.S.- Golanthara, Dist- Ganjam, declare that I have changed my name from B. Shiba Rao to B Siba Rao, henceforth, I shall be known as **B Siba Rao** for all purposes.

B Siba Rao

**କଟକ ଉନ୍ନୟନ କର୍ତ୍ତୃପକ୍ଷ** (CDA) 13001/25/2627

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-6 ରେ ପ୍ଲଟ୍ ନଂ-B/1522 ଟିକୁ ଅଂସରୁଲ ହକ, ପିତା-ଅବଦୁଲ ଘାନି ଖାନ୍, ସା-ମୁଲ୍ଲା କମାଉଣ୍ଡ, ମିଶନ ରୋଡ, କଟକ-୦୧ କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଅଂସରୁଲ ହକଙ୍କ ମୃତ୍ୟୁ ପରେ ତାଙ୍କର ନ୍ୟାୟିକ ଉତ୍ତରାଧିକାରୀ ପତ୍ନୀ ମରିଅମ ମୁଲ୍ଲା ହକ, ସ୍ୱାମୀ-ଅଂସରୁଲ ହକ ଓ ଦୁଇ ଝିଅ ଫରାନା ହକ, ଫ୍ରିଜାନା ହକ, ପିତା-ଏଂସରୁଲ ହକ, ସା-୧୨୦୧, ପଲାସିଓ ବିଲ୍ଡିଂ, ୧୬ ରୋଡ, ବାନ୍ଦ୍ରା ୱେଷ୍ଟ, ମୁମ୍ବାଇ-୪୦୦୦୫ ଉକ୍ତ ପ୍ଲଟ ଟିକୁ ଉତ୍ତରାଧିକାରୀ ଆଧାରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି । ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟ ରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

OIPR-13001/13037/1/26-27/0005


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢ଼ିଲା ବିକିରଣ...

ଇକୋନୋମିକ ଜୋନ୍ ଉପରେ ମଧ୍ୟ ଶକ୍ତିଶାଳୀ ବୋମା ମାଡ଼ କରିଛି। ଏହି ଆକ୍ରମଣରେ ୩ଟି ବଡ଼ କମ୍ପାନୀକୁ ଟାର୍ଗେଟ କରାଯାଇଛି।

ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଅରାଗଚି କହିଛନ୍ତି ଯେ ବୁଶେହର ପରମାଣୁ ଶକ୍ତି କେନ୍ଦ୍ର ଉପରେ ଯଦି ଆଗକୁ ଆକ୍ରମଣ ଜାରି ରହେ, ତେବେ ଏହାର ପ୍ରଭାବ କେବଳ ଇରାନ ନୁହେଁ, ବରଂ ସମଗ୍ର ଉପସାଗରୀୟ ଆରବ ଦେଶଗୁଡିକ ଉପରେ ପଡ଼ିବ। ଆରାଗଚି ସାମାଜିକ ଗଣମାଧ୍ୟମରେ ଚେତାବନୀ ଦେଇ କହିଛନ୍ତି ଯେ ପରମାଣୁ କେନ୍ଦ୍ରରେ ବିସ୍ଫୋରଣ ଘଟିଲେ ସେଥିରୁ ନିର୍ଗତ ହେବାକୁ ଥିବା ଆଣବିକ ବିକିରଣ ତେହରାନ ଅପେକ୍ଷା ଉପସାଗରୀୟ ଦେଶଗୁଡ଼ିକର ରାଜଧାନୀରେ ଜୀବନ ଶେଷ କରିଦେବ। ତେବେ ଏହି ବିକିରଣ ପାଇଁ ତେହେରାନ ଦାୟୀ ରହିବାନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି।

ଅରାଗଚି କହିଛନ୍ତି ଯେ ୟୁକ୍ରେନର ଜାପୋରିଜିଆ ପରମାଣୁ କେନ୍ଦ୍ର ନିକଟରେ ଯୁଦ୍ଧ ଚାଲିଥିବା ବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକ ଚିନ୍ତା ପ୍ରକଟ କରୁଥିଲେ, କିନ୍ତୁ ଇରାନର ପରମାଣୁ କେନ୍ଦ୍ର ଉପରେ ଆମେରିକା-ଇସ୍ରାଏଲ ୪ଥର ଆକ୍ରମଣ କରିବା ସତ୍ତ୍ୱେ ସେମାନେ କାହିଁକି ନିରବ ଅଛନ୍ତି? ବୁଶେହର ପରମାଣୁ କେନ୍ଦ୍ରଟି ଇରାନର ଦକ୍ଷିଣ ଉପସାଗରରେ ଅବସ୍ଥିତ। ଏହା ଇରାନ ରାଜଧାନୀ ତେହରାନଠାରୁ ପ୍ରାୟ ୭୫୦ କିମି ଦୂରରେ ଥିବା ବେଳେ ସମୁଦ୍ର ପାର୍ଶ୍ୱରେ ଥିବା ଆରବ ଦେଶଗୁଡ଼ିକର ଅତି ନିକଟତର। ଏହି ପରମାଣୁ କେନ୍ଦ୍ର ଉପରେ ଆମେରିକା ଓ ଇସ୍ରାଏଲ ଶନିବାରକୁ ମିଶାଇ ଚତୁର୍ଥଥର ପାଇଁ ଆକ୍ରମଣ କରିଛନ୍ତି।

### ଜଙ୍ଗଲ ଜମି ପାଇଁ...

ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ବିଭାଗର ଷ୍ଟେଜ-୧ ଅନୁମତି ମିଳିଛି। ଗତବର୍ଷ ଏପ୍ରିଲ ୫ ତାରିଖରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ୪ ଜଣିଆ ଟିମ୍ ପ୍ରସ୍ତାବିତ ପ୍ରଥମ ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ ପାଇଁ ଗ୍ରାଉଣ୍ଡ ଜିରୋ ସ୍ଥିତି ସମୀକ୍ଷା କରିଥିଲେ। ଏବେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ଷ୍ଟେଜ-୧ ଅନୁମତି ମିଳିଛି। ଏହି ଅନୁମତି ସହ କିଛି ସର୍ତ୍ତ ବି ରଖାଯାଇଛି। ଜଙ୍ଗଲ ଜମି ଡାଇଭର୍ସନ୍ ପରେ ସମାନ ପରିମାଣର ଜମିରେ କ୍ଷତିପୂରଣମୂଳକ ବନୀକରଣ କରିବାକୁ ପଡ଼ିବ। ବିଭିନ୍ନ ପରିବେଶଗତ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ସର୍ତ୍ତ ପାଳନ କରିବାକୁ ହେବ। ଏହି ବିମାନବନ୍ଦର ପାଇଁ ପୁରୀ ଜଙ୍ଗଲ ବିଭାଗର ୨୭.୮୮୭ ହେକ୍ଟର ଜଙ୍ଗଲ ଜମି ଯୋଗାଇ ଦିଆଯିବ। ମୋଟ ୧,୧୬୪ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ଗ୍ରୀନଫିଲ୍ଡ ଏୟାରପୋର୍ଟ ପ୍ରଥମ ପର୍ଯ୍ୟାୟରେ ବାର୍ଷିକ ୪୬ଲକ୍ଷ ଯାତ୍ରୀ ଯାତାୟତର କ୍ଷମତା ରଖିବ। ଏହା କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ପର୍ଯ୍ୟଟନ ଏବଂ ଅର୍ଥନୀତିକୁ ନୂଆ ଗତି ଦେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ, ମନ୍ତ୍ରାଳୟ ଯେଉଁ ସର୍ତ୍ତ ରଖି ଷ୍ଟେଜ୍-୧ ଅନୁମତି ଦେଇଛି, ତାହା ପୂରଣ କରିବା ପରେ ପରବର୍ତ୍ତୀ ଷ୍ଟେଜ୍-୨ ଅର୍ଥାତ୍ ଚୂଡ଼ାନ୍ତ ଅନୁମତି ମିଳିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି।

ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ ପାଇଁ ମୋଟ ୫୬୩୧ କୋଟି ଟଙ୍କା ଖର୍ଚ୍ଚ ବ୍ୟୟ ଅଟକଳ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୨,୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଇଡ୍‌କୋକୁ ନିର୍ମାଣ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ଏଣୁ, ବିସ୍ଥାପିତମାନଙ୍କୁ ଜମି ଅଧିଗ୍ରହଣ ଓ ପୁନର୍ବାସ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ। ମନ୍ତ୍ରଣାଳୟ ଯେଉଁ ସବୁ ସର୍ତ୍ତ ରଖିଛନ୍ତି, ତାହାକୁ ପୂରଣ କରାଯିବ। ଏହାପରେ ଚୂଡ଼ାନ୍ତ ଅନୁମତି ମିଳିବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି।

ସୂଚନାଥାଉ କି, ୨୦୨୧ ଜାନୁୟାରୀ ପହିଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ଏହାର ନାମ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ରଖିବାକୁ ଉଲ୍ଲେଖ କରିଥିଲେ। ପୁରୀରେ ବିମାନବନ୍ଦର ପ୍ରତିଷ୍ଠା କରାଯିବାର ଯଥାର୍ଥତା ରହିଛି ବୋଲି ସେ ଦର୍ଶାଇଥିଲେ। ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ ପୁରୀ। ଏଠାରେ ଶ୍ରୀମନ୍ଦିର ଏବଂ ମନୋରମ ବେଳାଭୂମି ରହିଛି। ପୁଣି ଅନ୍ତର୍ଜାତୀୟସ୍ତରର ସେବା ସୁବିଧା ଉପଲବ୍ଧ ହେଉଥିବା ବ୍ଲୁ-ଫ୍ଲାଗ ବିଚ୍ ସାଙ୍ଗକୁ ଆଖପାଖରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର, ଚିଲିକା ସହିତ ଅନେକ ଦର୍ଶନୀୟସ୍ଥଳ ରହିଛି। ପ୍ରତ୍ୟହ ଏଠାକୁ ଦେଶବିଦେଶର ହଜାର ହଜାର ଯାତ୍ରୀ, ପର୍ଯ୍ୟଟକ ଆସିଥା'ନ୍ତି। ପ୍ରସ୍ତାବିତ କୋଷ୍ଟାଲ ହାଇୱେ ପୁରୀ, କୋଣାର୍କ, ପାରାଦୀପ ଦେଇ ଯିବ। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର ଭାବେ ଗଢ଼ିତୋଳିବା ଲାଗି ବିଭିନ୍ନ ପ୍ରକଳ୍ପ କରାଯାଉଛି। ଏହାଦ୍ୱାରା ଆଗାମୀ ଦିନରେ ଶ୍ରୀକ୍ଷେତ୍ରକୁ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବଢ଼ିବ। ତେଣୁ, ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା କରିବା ଲାଗି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ନବୀନ।

### ଓଡ଼ିଶାକୁ କେନ୍ଦ୍ରର...

କରିଥିଲେ। ପରେ ଏହି ପ୍ରକଳ୍ପକୁ ନେଇ ବିବାଦ ବୃଦ୍ଧି ପାଇଥିଲା ଏବଂ ଓଡ଼ିଶା ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟର ନିର୍ଦ୍ଦେଶକ୍ରମେ ୨୦୧୦ରେ ବଂଶଧାରା ଜଳ ଟ୍ରିବ୍ୟୁନାଲ୍ ଗଠନ ହୋଇଥିଲା। ଟ୍ରିବ୍ୟୁନାଲ୍ ପକ୍ଷରୁ ପ୍ରକଳ୍ପ ଅଞ୍ଚଳରେ ତଦନ୍ତ କରାଯାଇ ଉଭୟ ରାଜ୍ୟର ଟେକ୍ନିକାଲ ଦଳଙ୍କ ଯୁକ୍ତି ଶୁଣାଯାଇଥିଲା। ଟ୍ରିବ୍ୟୁନାଲଙ୍କ ରାୟ ଅନୁଯାୟୀ ଡାହାଣ ପାଶ୍ୱର୍ରେ ୮୦୦ କ୍ୟୁସେକ୍ କ୍ଷମତାର ସ୍ଲୁଇସ୍ ଗେଟ୍ ନିର୍ମାଣକୁ ଅନୁମତି ମିଳିଛି ଓ ଓଡ଼ିଶା ପାଇଁ ବାମ ପାଶ୍ୱର୍ରେ ଆଉ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ ହେବ। ଏହାସହ ଅବଶିଷ୍ଟ ଛଅ ମାସରେ ନଦୀର ଜଳପ୍ରବାହକୁ ଉଭୟ ରାଜ୍ୟ ୫୦:୫୦ ପ୍ରତିଶତ ଅନୁପାତରେ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରକଳ୍ପ ପାଇଁ ଆବଶ୍ୟକ ୧୦୬ ଏକର ଜମି ଓଡ଼ିଶାକୁ ଏକ ବର୍ଷ ମଧ୍ୟରେ ଆନ୍ଧ୍ର ପ୍ରଦେଶକୁ ହସ୍ତାନ୍ତର କରିବାକୁ ହେବ ଏବଂ ଏହାର କ୍ଷତିପୂରଣ ଆନ୍ଧ୍ର ପକ୍ଷରୁ ଦିଆଯିବ ବୋଲି ଗେଜେଟ୍‌ରେ ଉଲ୍ଲେଖ ରହିଛି। ଏହି ରାୟ ପ୍ରକାଶ ପାଇବା ପରେ ଗଜପତି ଓ ରାୟଗଡ଼ା ଜିଲ୍ଲାର ସିମାନ୍ତବର୍ତ୍ତୀ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ସୃଷ୍ଟି ହୋଇଛି। ଗଜପତି ଜିଲ୍ଲାର ସାହାରା, ବାଡିଗାଁ, ପାଲସିଂ, ଖାଣ୍ଡବା ଓ ରାୟଗଡ଼ା ଜିଲ୍ଲା ଗୁଣୁପୁର ଅଞ୍ଚଳର ଗାଦିଆଖଳା ପଞ୍ଚାୟତ ସହ ବିଭିନ୍ନ ସିମାନ୍ତବର୍ତ୍ତୀ ଗ୍ରାମରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ନେରେଡି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଜମି ଓ ଭିଟାମାଟି କ୍ଷତି ହେବା ନେଇ ଲୋକମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଏଭଳି ହେଲେ ସ୍ଥାନୀୟ ଅଞ୍ଚଳର ଚାଷ ଜମି ମରୁଭୂମି ପାଲଟିଯିବ ବୋଲି ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଲାଣି।

ଟ୍ରିବ୍ୟୁନାଲଙ୍କ ଉପରୋକ୍ତ ରାୟ ନେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁଙ୍କୁ ଖୁସି କରିବାକୁ ବଂଶଧାରା ଟ୍ରିବ୍ୟୁନାଲ୍ ରାୟ ଦିଆଯାଇଛି। ଓଡ଼ିଶାରେ ବଂଶଧାରାର ତିନି ଚତୁର୍ଥାଂଶ କ୍ୟାଚ୍‌ମେଣ୍ଟ ଏରିଆ ଥିବାବେଳେ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ଏହାର ଜଳକୁ ୫୦-୫୦ ଅନୁପାତରେ ବାଣ୍ଟିବା ଦ୍ୱାରା ଡବଲ ଇଂଜିନ ସରକାରର ଅସଲ ସ୍ୱରୂପ ପଦାରେ ପଡ଼ିଛି। ନିୟମଗିରିରୁ ବାହାରିଥିବା ବଂଶଧାରାର ଜଳ ଓଡ଼ିଶାର। ଏହାକୁ କଦାପି ଆନ୍ଧ୍ର ସହ ସମାନ ଅନୁପାତରେ ବଣ୍ଟାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି। କେନ୍ଦ୍ର ଜଳଶକ୍ତି ବିଭାଗ ତୁରନ୍ତ ଏହି ରାୟର ବିଜ୍ଞପ୍ତି ରଦ୍ଦ କରିବାକୁ ସେ ଦଳ ପକ୍ଷରୁ ଦାବି କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶାର କ୍ୟାଚ୍‌ମେଣ୍ଟ ଏରିଆର ସିଂହ ଭାଗ ରହିଥିବା ବେଳେ କେଉଁ ଆଧାରରେ ୫୦:୫୦ ଅନୁପାତରେ ଜଳ ବାଣ୍ଟିନେବେ। ଟ୍ରିବ୍ୟୁନାଲ୍ ଦେଇଥିବା ରାୟ ରାୟଗଡ଼ା ଜିଲ୍ଲା ଚାଷୀଙ୍କ ପାଇଁ ବିପଦ ସୃଷ୍ଟି କରିବ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ରାୟ ଓଡ଼ିଶାର କୃଷି ଓ ଜଳ ସମ୍ପଦ ଉପରେ ପ୍ରଭାବ ପକାଇବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିପରି ବରିଷ୍ଠ ଜଳ ବିଶେଷଜ୍ଞ ସୁଦର୍ଶନ ଛୋଟରାୟ ମଧ୍ୟ ସମାନ କଥା କହିଛନ୍ତି। ଟିଡିପି ସହଯୋଗରେ କେନ୍ଦ୍ରରେ ବିଜେପି ସରକାର ଚାଲିଛି। ତେଣୁ ଚନ୍ଦ୍ରବାବୁ ନାଇଡୁଙ୍କୁ ଖୁସି କରିବା ପାଇଁ କେନ୍ଦ୍ର ସରକାର ଏ ପ୍ରକାର୍ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦୀନରେ ମହାନଦୀର ଭାଗ୍ୟ ମଧ୍ୟ ଏପରି ହୋଇଯିବ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରହି ବେହେରା କହିଛନ୍ତି ଯେ ଆନ୍ଧ୍ର ଚାପରେ କେନ୍ଦ୍ର ସରକାର ଗୋଟାଏ ପରେ ଗୋଟାଏ ପଦକ୍ଷେପ ନେଉଛନ୍ତି, ଯାହା ଓଡ଼ିଶାର ସ୍ୱାର୍ଥ ପରିପନ୍ଥୀ। ନେରେଡି ବ୍ୟାରେଜ ନିର୍ମାଣକୁ ଅନୁମତି ଦେବା ଏହାର ଜ୍ୱଳନ୍ତ ଉଦାହରଣ। ପୋଲାଭରମ୍ ପରେ ନେରେଡି ବ୍ୟାରେଜ ନିର୍ମାଣ ହେଲେ ଏହା କୋରାପୁଟର କୃଷି କ୍ଷେତ୍ରକୁ ଗଭୀର ଭାବେ ପ୍ରଭାବିତ କରିବ। ତେଣୁ ଟ୍ରିବ୍ୟୁନାଲଙ୍କ ଏହି ରାୟ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରନ୍ତୁ ବୋଲି ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

### ୬ ଶିଶୁଙ୍କ...

ରାତିରେ ଡ୍ରାଇଭର କାହିଁକି କୂଅକୁ ଦେଖିପାରିଲେ ନାହିଁ, ସେ ନେଇ ତଦନ୍ତ କରାଯାଉଛି। ଘଟଣାସ୍ଥଳରେ ସିସିଟିଭି ଫୁଟେଜ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଛି। ଗୋଟିଏ ପରିବାରର ୯ ଜଣ ସଦସ୍ୟଙ୍କ ଏଭଳି ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ବିଶେଷ କରି ୬ ଜଣ ଶିଶୁଙ୍କ ମୃତ୍ୟୁ ଏହି ଘଟଣାକୁ ଆହୁରି ଅଧିକ ମର୍ମାହତ କରିଛି।


**AFFIDAVIT**

By virtue of an affidavit no. 129 before the Executive Magistrate, Bhubaneswar, dtd.24.02.2026, I, Dulal Majhi, Vill-Chhelimundia, P.O.-Mirjapur, P.S.-Khaira, Dist-Balasore, Pin-756134 hereby declare that I have changed the name of my minor daughter from Basanti Majhi to Adyasha Priyadarshini. Henceforth, she shall be known as **Adyasha Priyadarshini** for all purposes.

Sd/- Dulal Majhi

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 655, dated 02.04.2026, I, DHANSINGH PARAJA, S/o - Late. Sabhasan Paraja, permanent resident of Village - Dumar Munda, PO - Basini, PS - Kodinga, Dist- Nabarangpur, Odisha, Pin - 754075, declare that I have changed the name of my Son from BISAWNATH PARAJA to BABLU PARAJA. Henceforth, he shall be known as **BABLU PARAJA** for all purposes.

Sd/- Dhansingh Paraja

Office of District Manager 7001/4/2627

Odisha State Civil Supplies Corporation Ltd. (OSCSC)

MALKANGIRI DISTRICT

Phone: 9438200051 / 9437201582

District Web site : www.malkangiri.odisha.gov.in

Tender No. 1279 Dt. 31.03.2026

District Manager, Odisha State Civil Supplies Corporation Ltd., Malkangiri invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of **Handling Contractor** (Labour Works) for Handling of Foodgrains (Rice, Wheat etc.) at all the Rice Receiving Centres (RRCs) (except SPEG, Khairput) in the district of the State of Odisha. |
| 2 | Availability of bid document in the portal | From Date- 02.04.2026 at 11.00 A.M |
| 3 | Last Date / Time for receipt of bids in the portal | Date- 04.04.2026 up to 11.00 A.M |
| 4 | Date/Time of Opening of Technical Bid | Date- 21.04.2026 up to 10.00 A.M |
| 5 | Name and address of Officer Inviting Tender | **District Manager, OSCSC Ltd., Malkangiri** |

**Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.**

OIPR-7001/7035/1/26-27/0001

District Manager, OSCSC Ltd., Malkangiri

**ଓଡିଶା ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡା ଲୋଇସିଂହା, ବଲାଙ୍ଗୀର** 27001/3/2627

ବିଜ୍ଞାପନ ସଂଖ୍ୟା -୦୦୧ ତାରିଖ – ୦୨/୦୪/୨୦୨୬

**ଓଡିଶା ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡାର ଛାତ୍ରାବାସ ନିମନ୍ତେ ଚୁକ୍ତିଭିତ୍ତିକ ନିଯୁକ୍ତି ବିଜ୍ଞପ୍ତି**

ଓଡିଶା ସରକାରଙ୍କ ଅଧିନରେ ପରିଚାଳିତ ବଲାଙ୍ଗୀର ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡା ଛାତ୍ରାବାସ (Non-KGBV) ନିମନ୍ତେ Warden, Head Cook, Assistant Cook, Chowkidar_cum_Sweeper ଚୁକ୍ତିଭିତ୍ତିକ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଛାତ୍ରାବାସ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ । ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ ଅଟେ । ଆବେଦନ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା. ୦୪/୦୪/୨୦୨୬ ରୁ ୨୧/୦୪/୨୦୨୬ ସୁଦ୍ଧା ଓଡିଶା ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡା ଠିକଣାରେ ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ ପୋଷ୍ଟ କରି ଏବଂ ବିଦ୍ୟାଳୟରେ କେବଳ କାର୍ଯ୍ୟଦିବସରେ ସମୟ ସକାଳ ଘ. ୭.୩୦ ମି. ରୁ ଘ. ୧୧.୦୦ ମି. ମଧ୍ୟରେ ଆବେଦନ କରିବା ଆବଶ୍ୟକ । ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ଏବଂ ଆବେଦନ ଫର୍ମ https://balangir.odisha.gov.in ଏବଂ https://oav.edu.in/OAVJRM ରେ ଉପଲବ୍ଧ ଅଟେ ।

ସା/- ଅଧ୍ୟକ୍ଷ,

ଓଡିଶା ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡା, ଲୋଇସିଂହା

OIPR-27001/27214/1/26-27/0001

GOVERNMENT OF ODISHA 32001/13/2627

e-Procurement Notice, Superintending Engineer, M.I. Division, Angul

**Bid Identification No.-18 OF 2026-27**

e-mail ID: semidivisionangul@gmail.com

Letter No. 823 / Date:- 02.04.2026

| | | |
|---|---|---|
| 1 | Number of Works | 03 (Three) numbers of Civil works |
| 2 | Approximate estimated cost | From 69.60 Lakh to 75.88 Lakh |
| 3 | Cost of Tender Paper | Rs. 10000/- (Non-Refundable) |
| 4 | Period of completion | 06 (Six) Calendar Months |
| 5 | Date & Time of availability of bid document in the portal | Dt. 10-04-2026 at 10.00 A.M. to Dt. 17-04-2026 up to 5.00 P.M. |
| 6 | Last date / Time for receipt of bid in the portal | Dt. 17-04-2026 up to 5.00 P.M. |
| 7 | Date of opening of Technical bid documents for double cover bid | Dt. 18-04-2026 at 10.00 A.M. |
| 8 | Date of opening of Financial bid documents for double cover bid | On Dt. 22-04-2026 at 10.00 A.M. in the Office of the Superintending Engineer, M.I. Division, Angul |
| 9 | Date of lottery if required | Dt. 27-04-2026 at 11.00 A.M. |
| 10 | Name and address of the Office Inviting Bid | Superintending Engineer, Minor Irrigation Division, Angul, At/P.O.: Hakimpada, College Square, Dist: Angul, PIN-759143, Phone: 06764-236522, Email: semidivisionangul@gmail.com |
| 11 | The Bidders have to participate in ONLINE bidding only. Further details can be seen from the eProcurement portal | http://tenderorissa.gov.in |

Sd/- Superintending Engineer M.I. Division, Angul

OIPR-:32001/32284/1/26-27/0002

GOVERNMENT OF ODISHA 34001/10/2627

OFFICE OF THE SUPERINTENDING ENGINEER, BOUDH (R&B) DIVISION, BOUDH

Phone: - 06841-296119 Email: - eeboudhrb@gmail.com

**INVITATIONS FOR BIDS (IFB)**

e-Procurement Notice

Letter No. 1588 Dated. 31.03.2026

BID IDENTIFICATION No. : SE (R&B)-BDH 33/2025-26

| | | | |
|---|---|---|---|
| 1. | Number of work | : | 01 (One) No. of Civil work (Single cover) 01 (One) No. of El work (Single cover) |
| 2. | Estimated cost | : | As per the column No. 3 of the table |
| 3. | Period of completion | : | As per the column No. 8 of the table |
| 4. | Date & time of availability of Bid documents in the portal | : | From 07.04.2026, 10:00 AM to 16.04.2026, 05:00 PM |
| 5. | Last date / time for seeking of Tender clarification | : | 16.04.2026 up to 01:00 PM |
| 6. | Last date / time for receipt of bids in the portal | : | Up to 5:00 PM of Dtd. 16.04.2026 |
| 7. | Date & time of opening of Tender / Bid | : | 17.04.2026 at 11:30 AM |
| 8. | Name and address of the officer inviting bid | : | Superintending Engineer, Boudh (R&B) Division, Boudh |

A. Other details can be seen from detailed notice.
B. Inviting tenders, available in the website : www.tendersorissa.gov.in
C. Corrigendum if any shall only be published in the website : www.tendersorissa.gov.in

Superintending Engineer, Boudh (R&B) Division, Boudh

OIPR-34001/34134/1/26-27/0001

GOVERNMENT OF ODISHA 32001/6/2627

OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA

(E-mail ID: eemirayagada@gmail.com)

NOTICE INVITING TENDER

e-Procurement Notice

e-Procurement Notice No. **SEMIDRGD - 01/2026-27**

**Letter No. 1297 / Dated 01.04.2026**

The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Construction of 09 Nos. of New Check Dams in different Blocks of Rayagada District under MATY 3.0 for the year 2026-27.
2. Total Number of works : 09 (Nine) Nos.
3. Estimated cost : Approximately varies from **Rs.29.59Lakh to Rs. 46.55Lakh**.
4. Period of completion : As mentioned against each work in Annexure to Bid Notice
5. Class of Contractor : As mentioned against each work in Annexure to Bid Notice
6. Date and time of availability of bid documents in the portal : From 10:00 A.M of 07.04.2026 to 5:00 PM of 16.04.2026
7. Last date /time for receipt of bids in the portal : 5:00 PM of 16.04.2026
8. Date of opening of bid : At 11:00 AM on 17.04.2026 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha Website: www.tendersodisha.gov.in

Superintending Engineer M.I. Division, Rayagada

OIPR-32001/32524/1/26-27/0001

## ଗ୍ରୀଷ୍ମ ପ୍ରବାହ ସହ ଚିନ୍ତା ବଢ଼ାଇଲାଣି ଜଳ ସଙ୍କଟ

# ପଙ୍କୋଦ୍ଧାର ହେଉନି; ପଡ଼ିଆ ପାଲଟିଗଲାଣି ନାଳ

ଦୋବଲ, ୪।୪(ସମିସ)



- ଅସ୍ତିତ୍ୱ ହରାଇଲାଣି ଆନନ୍ଦପୁର ପଞ୍ଚାୟତ ଯୋର
- ନାଳଟି କେଉଁ ବିଭାଗ ଅଧୀନରେ ସେ ନେଇ ପ୍ରଶ୍ନବାଚୀ
- ଏହି ନାଳ ଉପରେ ନିର୍ଭର କରୁଥିବା ଶହଶହ ଏକର ଜମି ପଡ଼ିଆ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବା ମାତ୍ରେ ଜଳ ସଙ୍କଟ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ନଦୀ, ନାଳ ଶୁଖିଲା ପଡ଼ିଥିବାବେଳେ ଭୂତଳ ଜଳସ୍ତର ମଧ୍ୟ ଦିନକୁ ଦିନ ତଳକୁ ଖସିବାରେ ଲାଗିଛି। ଏଭଳି ଏକ ସଙ୍କଟମୟ ସମୟରେ ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତରେ ଥିବା ଏକ ପୁରାତନ ପ୍ରାକୃତିକ ଯୋର ନାଳ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ପୂର୍ବରୁ ବୈତରଣୀ ନଦୀରେ ବନ୍ୟା ଆସିଲେ ଆନନ୍ଦପୁର ବାଳିଆପିଟା ଦେଇ ବନ୍ୟା ପାଣି ବାହାରି ଯୋର ନାଳରେ ବନ୍ୟା ପାଣି ପ୍ରବାହିତ ହୋଇ ସଫା ହୋଇଯାଉଥାଏ। ବାଳିଆ ପିଟାଠାରେ ବୈତରଣୀ ନଦୀ ବନ୍ଧରେ ଏକ ରିଙ୍ଗ୍ ବନ୍ଧ ନିର୍ମାଣ କରାଯିବା ଦ୍ୱାରା ଆଉ ବନ୍ୟା ପାଣି ଆସୁନାହିଁ। ଏହି ଯୋର ନାଳ ସ୍ଥାନୀୟ ଅଞ୍ଚଳ ପାଇଁ କୃଷି ଓ ଜଳସେଚନର ମୁଖ୍ୟ ମାଧ୍ୟମ ହୋଇଥିବାବେଳେ ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ନାଳଟିର ପୁନରୁଦ୍ଧାର ନ ହେବାରୁ ଅନାବନା ଘାସ ଲତା, ଦଳ ମାଡ଼ିଯିବା ସହ ପଙ୍କୋଦ୍ଧାର ହୋଇପାରୁନାହିଁ। ଯାହା ଫଳରେ ଜଳଧାରଣ କ୍ଷମତା ହ୍ରାସ ପାଉଛି। ନାଳଟି ପୋତି ହୋଇଯିବା ଫଳରେ ଖରାଦିନେ ପଡ଼ିଆର ଭ୍ରମ ସୃଷ୍ଟି କରୁଛି। ଫଳରେ ତୃଷାର୍ତ୍ତ ଗୋରୁଗାଈ ପାଣି ମୁହାଏ ପିଇବା ପାଇଁ ପଡ଼ିଆ ଭାବି ନାଳକୁ ଯାଇ ଛନ୍ଦି ହୋଇ ଅକାଳରେ ମୃତ୍ୟୁ ମୁଖରେ ପଡୁଛନ୍ତି। ଭୂତଳ ଜଳ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି। ନାଳରେ ପାଣି ନ ରହିବା ଯୋଗୁଁ ଆଖପାଖ ଅଞ୍ଚଳର କୂଅ ଓ ନଳକୂଅ ଶୁଖିଯାଉଛି। ଫଳରେ ପାଣି ପାଇଁ ଲୋକଙ୍କୁ ନାହିଁ ନ ଥିବା ହଇରାଣ ହେବାକୁ ପଡୁଛି। ଏହି ନାଳ ଉପରେ ନିର୍ଭର କରୁଥିବା ଶହଶହ ଏକର ଚାଷ ଜମି ପାଣି ନ ପାଇ ଚାଷ ମଧ୍ୟ ହୋଇପାରୁ ନାହିଁ। ଜିଲ୍ଲା, ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ ଏହି ନାଳର ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନେଉନାହାଁନ୍ତି। ଗ୍ରୀଷ୍ମ ଋତୁ ପୂର୍ବରୁ ଯଦି ଏହି ନାଳର ସଂସ୍କାର କରାଯାଉଥାନ୍ତା, ତେବେ ହୁଏତ ଆଜି ଭୂତଳ ଜଳସ୍ତର ଏତେ ମାତ୍ରାରେ ହ୍ରାସ ପାଇ ନ ଥା'ନ୍ତା। ଗ୍ରାମବାସୀ ପ୍ରମୋଦ ବେହେରାଙ୍କ କହିବା ଅନୁଯାୟୀ, ଆମ ପଞ୍ଚାୟତର ଏହି ଯୋର ନାଳଟି ଆମ ପାଇଁ ବରଦାନ ସଦୃଶ ଥିଲା। ଛୁଆ ବେଳେ ନାଳ ସୁଖେ ନାହିଁ। ଲୋକେ ଗାଧୁଆ ପାଧୁଆଠାରୁ ପାଣି ନେଇ ବ୍ୟବହାର କରିଥା'ନ୍ତି। କିନ୍ତୁ ଏବେ ଏହା ଅବହେଳିତ ହୋଇ ଅନାବନା ଗଛ ଲତା ସାଙ୍ଗକୁ ଦଳ ଓ ପଙ୍କରେ ପରିଣତ ହୋଇଛି। ଯୋର ନାଳ ସଫା ହେଲେ ଅଞ୍ଚଳର ଭୂତଳ ଜଳସ୍ତର ବଢ଼ିବା ସହ ସ୍ଥାନୀୟ ଚାଷୀମାନେ ପୁଣିଥରେ ଜଳସେଚନ ସୁବିଧା ପାଇପାରିବେ। ଅନାବନା ଗଛ ସଫା ହେଲେ ପରିବେଶ ସ୍ୱଚ୍ଛ ରହିବ ଏବଂ ପଶୁପକ୍ଷୀଙ୍କୁ ପାଣି ମିଳିପାରିବ। ସରକାର ଏହାର ଖନନ କାର୍ଯ୍ୟ କଲେ ଉଭୟ ଚାଷୀ, ଗୋରୁଗାଈ ଓ ସାଧାରଣ ଜନତା ଉପକୃତ ହୋଇପାରନ୍ତେ। ଏଭଳି ଦୂରଦୃଷ୍ଟିହୀନତା ଯୋଗୁଁ ଆଗାମୀ ଦିନରେ ଆନନ୍ଦପୁର ପଞ୍ଚାୟତରେ ଜଳାଭାବ ସ୍ଥିତି ଅତି ଭୟଙ୍କର ହେବାର ସମ୍ଭାବନା ରହିଛି। ଏଥିପ୍ରତି ସ୍ଥାନୀୟ ବିଧାୟକ ଓ ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ନେଇ ତୁରନ୍ତ ଏହି ଯୋର ନାଳର ସଂସ୍କାର କରି ଜଳ ସଂରକ୍ଷଣ ପାଇଁ ଉଦ୍ୟମ କରିବା ଜରୁରୀ ପଡ଼ିଲାଣି। ଏ ସମ୍ପର୍କରେ ଧାମନଗର ବିଡିଓ ବନବିହାରୀ ବିଶ୍ୱାଳଙ୍କୁ ପଚାରିବାରୁ ଏମିତି କିଛି ନାଳ ମୋ ନଜରକୁ ଆସିନାହିଁ। ପଞ୍ଚାୟତ ଆକ୍ସନ ପ୍ଲାନ୍‌ରେ ରଖିଲେ ସଫା ହୋଇପାରନ୍ତା। ସରପଞ୍ଚ ଏ ନେଇ କିଛି ପ୍ରସ୍ତାବ ଦେଇନାହାନ୍ତି। ଧାମନଗର ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ କୁହନ୍ତି, ଆମ ବିଭାଗ ଅଧୀନରେ ସେମିତି କିଛି ଯୋର ନାଳ ନାହିଁ। ସେ ଯୋର ନାଳ ଡ୍ରେନେଜ୍ ବିଭାଗ ଅଧୀନରେ ହୋଇପାରିଥାଏ ବୋଲି କହିଥିଲେ। ତେବେ ଏହି ଯୋର ନାଳ କାହା ଅଧୀନରେ ଯାଉଛି ସେ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଧୂଷୁରୀ ସାର୍ବଜନୀନ ମା' ବାସନ୍ତୀ ଦୁର୍ଗାପୂଜା ଉଦ୍‌ଯାପିତ



**ଅସୁରାଳି, ୪।୪(ସମିସ):** ଧାମନଗର ବ୍ଲକ ଧୂଷୁରୀ ବଜାର ବାସନ୍ତୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ମା' ବାସନ୍ତୀ ଦୁର୍ଗାପୂଜା ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ଦୀର୍ଘ ୧୧ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବଟିକୁ ସ୍ଥାନୀୟ ସରପଞ୍ଚ ଅନ୍ତର୍ଯାମୀ ପତି, ସମାଜସେବୀ ଚତୁର୍ଭୁଜ ନାୟକ ଓ କମିଟି ସମ୍ପାଦକ ନିରୋଦ ବେହେରା ପରିଚାଳନା କରିଥିଲେ। ଧୂଷୁରୀ ବଜାରର ବ୍ୟବସାୟୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଯୁବ ଗୋଷ୍ଠୀ ଏବଂ ସ୍ଥାନୀୟ ଜନସାଧାରଣମାନେ ସହଯୋଗ କରିଥିଲେ। ସ୍ୱକେଶିନୀ ସଦାଶିବ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମା' ବାସନ୍ତୀ ଦୁର୍ଗାଙ୍କ ଦର୍ଶନ କରିବା ସହିତ କମିଟି ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ପତ୍ରିକା ଆଦ୍ୟାଶକ୍ତିକୁ ଉନ୍ମୋଚନ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ପ୍ରତିଷ୍ଠିତ ପାଲା ଗାୟକମାନଙ୍କ ଦ୍ୱାରା ପାଲା ପରିବେଷଣ, ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ତତ୍‌ସହିତ ବିଭିନ୍ନ ବିଦ୍ୟାଳୟର କୁନିକୁନି କଳାକାରଙ୍କ ଦ୍ୱାରା ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଏହାକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ଦୀର୍ଘ ୩୦ ବର୍ଷ ପରେ ବାସନ୍ତୀ ପଡ଼ିଆରେ ପୁଣି ଥରେ ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଏକ ଖୁସି ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଉତ୍ସବରେ ଧୂଷୁରୀ ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଯୁବ ପାଲା ଗାୟକ ସବ୍ୟସାଚୀ କରଙ୍କ ପାଲା ପରିବେଷଣ ବେଶ୍ ଉଚ୍ଚକୋଟିର ହେଉଥିବାରୁ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା।

## ଯାତ୍ରା ନାଁରେ ବେଧଡ଼କ ଚାଲିଛି ଜୁଆଖେଳ ଓ ମଦ ବେପାର

**କୋଠାର, ୪।୪(ସମିସ):** ଧାମନଗର ବ୍ଲକ ଅଧୀନସ୍ଥ କୋଠାର ପଞ୍ଚାୟତର ବାୟଣ୍ଡି ପଡ଼ିଆରେ ଯାତ୍ରା ଆୟୋଜନ ନାମରେ ଖୁଲମ୍‌ଖୁଲା ଜୁଆଖେଳ ଓ ମଦ ବେପାର ଚାଲୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି କାରଣରୁ ଅନେକ ପରିବାର ଓ ସାଧାରଣ ଲୋକ ଯାତ୍ରା ଦେଖିବାକୁ ଯିବାରୁ ବିରତ ରହୁଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସାଂସ୍କୃତିକ କାର୍ଯ୍ୟକ୍ରମର ଆବରଣରେ ଏଭଳି ଅବୈଧ କାର୍ଯ୍ୟ ଚାଲିଥିବାରୁ ପରିବେଶ ଅଶାନ୍ତ ହେଉଛି। ଏହାକୁ ନେଇ କୋଠାର ସରପଞ୍ଚ ସମେତ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଗଭୀର ଚିନ୍ତା ପ୍ରକାଶ ପାଇଛି। ଅନ୍ୟପଟେ, ଧୂଷୁରୀ ଥାନା ପ୍ରଶାସନ ଏ ସମ୍ପର୍କରେ ଜାଣି ସୁଦ୍ଧା ନିରବ ରହିଥିବା ଅଭିଯୋଗ ମଧ୍ୟ ଉଠିଛି। ପ୍ରଶାସନର ଏଭଳି ନିଷ୍କ୍ରିୟ ଭୂମିକାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ବାସିନ୍ଦାମାନେ ଶୀଘ୍ର ଏହି ଘଟଣାର ତଦନ୍ତ କରି ଅବୈଧ ଜୁଆ ଓ ମଦ କାରବାର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏ ବିଷୟରେ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କୁ ପଚାରିବାରୁ ସେ କହିଲେ ଏସ୍‌ପି ସାରଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରିବେ।

# ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ



**ଭଦ୍ରକ, ୪।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ଭଦ୍ରକସ୍ଥିତ ପିଏମ୍‌ଶ୍ରୀ ବିନ୍ଦୁ ମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ 'ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ' ଉତ୍ସବ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ପାଳିତ ହୋଇଯାଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ୫ବର୍ଷ ବୟସର ଶିଶୁମାନେ ନୂତନ ଭାବେ ଆରମ୍ଭ ହୋଇଥିବା 'ଶିଶୁ ବାଟିକା' ଶ୍ରେଣୀରେ ନାମ ଲେଖାଇବାକୁ ଉତ୍ସାହିତ ହେଉଥିବାବେଳେ ଶିକ୍ଷାବର୍ଷ ଆରମ୍ଭରେ ସେମାନଙ୍କ ମନରେ ବିଦ୍ୟାଳୟ ପ୍ରତି ଆକର୍ଷଣ ଓ ଆଗ୍ରହ ସୃଷ୍ଟି ପାଇଁ ଏହି ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଭାବେ ନାମ ଲେଖାଇଥିବା ଶିଶୁମାନଙ୍କୁ ପୁଷ୍ପଗୁଚ୍ଛ ସହ ଷ୍ଟଡି କିଟ୍ ବଣ୍ଟନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ଓ ରବିନାରାୟଣ ସାହୁ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ହିମାଦ୍ରୀ ବିଶ୍ୱାଳ, ଡିପିସି ସଂଯୋଜିକା ଇତିଶ୍ରୀ ଜେନା ଓ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ନୂତନ ଭର୍ତ୍ତି ହୋଇଥିବା ଶିଶୁମାନଙ୍କୁ ଆକର୍ଷଣ ଓ ଉତ୍ସାହ ବୃଦ୍ଧି ପାଇଁ 'ଖେଳ ଘର', 'ରଙ୍ଗ ପସରା' ଓ 'ଗପ ରାଇଜ' ନାମରେ ତିନୋଟି ଷ୍ଟଲ୍ ଖୋଲାଯାଇଥିଲା। ଏହାସହିତ ପାଠପଢ଼ା ଛାଡ଼ିଥିବା ଶିଶୁମାନଙ୍କୁ ପୁନଃ ଶିକ୍ଷାର ମୁଖ୍ୟ ସ୍ରୋତରେ ଆଣିବା ପାଇଁ 'ଆସ ସ୍କୁଲ୍ ଯିବା-୨.୦' ଅଭିଯାନ ଅନୁଷ୍ଠିତ ହୋଇ ସେମାନଙ୍କୁ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା।

### ଦୋବଲ

ଧାମନଗର ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ପାଳନ ହୋଇଥିବାବେଳେ ଦୋବଲ ଜୋନ୍‌ରେ ବିଭିନ୍ନ ବିଦ୍ୟାଳୟରେ ଉତ୍ସାହର ସହିତ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ପ୍ରବେଶ ଉତ୍ସବ କେବଳ ଏକ ପରମ୍ପରା ନୁହେଁ, ବରଂ ଶିଶୁମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାର ଏକ ମାଧ୍ୟମ। କାର୍ଯ୍ୟକ୍ରମରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବିଦ୍ୟାଳୟ ପାଠ୍ୟ ଉପକରଣ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଅତିଥିମାନେ କୁନି କୁନି ପିଲାଙ୍କ ହାତରେ ଖଡ଼ି ଧରାଇ ସେମାନଙ୍କର ଶିକ୍ଷାରମ୍ଭ କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ନୂତନ ଛାତ୍ରଛାତ୍ରୀଙ୍କୁ ଚନ୍ଦନ ଓ ପୁଷ୍ପ ଦେଇ ସ୍ୱାଗତ କରିଥିଲେ।

## ଘୋଡ଼ା ଗାଡ଼ିରେ ବୁଲିଲେ ଛାତ୍ରଛାତ୍ରୀ



**ବନ୍ତ/ଆଗରପଡ଼ା, ୪।୪(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ବିନାୟକପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍କୁଲ ନିକଟସ୍ଥ ବିଶ୍ୱନାଥ ମନ୍ଦିରରେ ପୂଜା ଅନୁଷ୍ଠିତ ହେବା ପରେ ନୂତନ ଭାବରେ ଶିଶୁ ବାଟିକରେ ନାମ ଲେଖିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ଲେଟ୍, ଖଡ଼ି, ବର୍ଣ୍ଣବୋଧ ବହି ପ୍ରଦାନ କରାଯାଇଥିଲା। ପୂଜାରୀ ତଥା ବିଦ୍ୟାଳୟ ଶିକ୍ଷକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ବହି ପୂଜା, ମସ୍ତକରେ ତିଳକ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ନିଆରା ଢଙ୍ଗରେ ପିଲାଙ୍କୁ ଘୋଡ଼ା ଗାଡ଼ିରେ ବସେଇ ପାରମ୍ପରିକ ବାଦ୍ୟ ଯନ୍ତ୍ର ମୃଦଙ୍ଗ ଓ ଝାଞ୍ଜ ବଜାଇ ଗ୍ରାମ ବଜାର ପରିକ୍ରମା କରାଯାଇଥିଲା। ବିଦ୍ୟାଳୟ ଫାଟକ ସମ୍ମୁଖରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ପ୍ରଧାନଶିକ୍ଷକ ଟୁଟୁ କୁମାର ପାଳ, ଅଙ୍ଗନବାଡ଼ି ସହାୟିକା ପ୍ରଭାତୀ ମୁଦୁଲି, ୱାର୍ଡ ସଭ୍ୟା ନମିତା ଦାସ, ସସ୍ମିତା ଦାସ, ଅହଲ୍ୟା ଗିରିଙ୍କ ସମେତ ଗ୍ରାମର ଶତାଧିକ ଲୋକ ଉପସ୍ଥିତ ରହି ନବାଗତ ଛାତ୍ରଛାତ୍ରୀଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିବା ସହିତ ସମସ୍ତେ ସେଲ୍‌ଫି ପଏଣ୍ଟରେ ଫଟୋ ଉଠାଇଥିଲେ। ପରିଚାଳନା କମିଟି ସଭାନେତ୍ରୀ ପୂର୍ଣ୍ଣିମା ଦାସ, ଶରତ ଚନ୍ଦ୍ର ଦାସ, ତାରିଣୀ ପ୍ରସାଦ ଦାସ, ମହେଶ୍ୱର ଦାସ, ବିଜୟ ଦାସ, ମହେନ୍ଦ୍ର ପରିଡ଼ା, କନକଲତା ଦାସ, ଲକ୍ଷ୍ମୀପ୍ରିୟା ସେଠୀ, ଆରତୀ ଦାସ, ଅହଲ୍ୟା ଦାସ, ଶ୍ରୀକାନ୍ତ ଦାସ, ରୀନାରାଣୀ ଦାସ, ଉତ୍ତମ କୁମାର ଦାସ, ଗୌରାଙ୍ଗ ଦାସ, ଶାନ୍ତିଲତା ବାରିକ୍, ପାଗିଳୀ ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ସଦସ୍ୟ/ସଦସ୍ୟା, ଅଭିଭାବକ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## 'ମାଙ୍କିଡ଼ିଆ କପ୍' ଉଦ୍‌ଯାପିତ: କୁନା-୧୧ ଚାମ୍ପିଅନ



**ଅସୁରାଳି, ୪।୪(ସମିସ):** ଧାମନଗର ବ୍ଲକ ସରେଇ ତୁଡ଼ାକୁଟି ପଞ୍ଚାୟତ ସିମିଳିଛନ୍ଦା କ୍ରିକେଟ ପଡ଼ିଆଠାରେ ଗ୍ରୀନ୍ ଟେନିସ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ 'ମାଙ୍କିଡ଼ିଆ କପ୍' (ସିଜନ-୧)ର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ରାତ୍ରିକାଳୀନ ଟୁର୍ଣ୍ଣାମେଣ୍ଟରେ କୁନା-୧୧ ଦଳ ଚମତ୍କାର ପ୍ରଦର୍ଶନ କରି ଚଳିତ ବର୍ଷର ବିଜୟୀ ମୁକୁଟ ପିନ୍ଧିଛି। ଫାଇନାଲ ମ୍ୟାଚ୍‌ରେ କୁନା-୧୧ ଓ ଛତ୍ରପଡ଼ା-୧୧ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ପ୍ରଥମେ ବ୍ୟାଟିଂ କରି କୁନା-୧୧ ନିର୍ଦ୍ଧାରିତ ଓଭରରେ ୬୧ ରନ୍ ସଂଗ୍ରହ କରିଥିଲା। ୬୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଛତ୍ରପଡ଼ା-୧୧ ଦଳ କୁନା-୧୧ର ଶାଣିତ ବୋଲିଂ ଆଗରେ ତିଷ୍ଠି ପାରି ନ ଥିଲା। ଶେଷରେ ଛତ୍ରପଡ଼ା ଦଳ ୧୯ ରନ୍‌ରେ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଶ୍ରୀଶ୍ରୀ ରାଧାକାନ୍ତ ଯୁବ ପରିଷଦ କମିଟି ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେରେ ଶତାଧିକ କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଶ୍ୱରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଗାଁର ମୁରବି ପ୍ରଶାନ୍ତ ବେହେରା ଯୋଗଦେଇ ବିଜୟୀ ଦଳକୁ ମାଙ୍କିଡ଼ିଆ କପ୍ ଟ୍ରଫି ପ୍ରଦାନ କରିଥିଲେ।

## ଭଦ୍ରକ ମହିଳା ମହାବିଦ୍ୟାଳୟରେ ଉର୍ଦ୍ଦୁ ସେମିନାର



**ଭଦ୍ରକ, ୪।୪(ସମିସ):** ଭଦ୍ରକ ମହିଳା ମହାବିଦ୍ୟାଳୟର ଉର୍ଦ୍ଦୁ ବିଭାଗ ପକ୍ଷରୁ ଏକ ସେମିନାର ଆୟୋଜନ ହୋଇଯାଇଛି। ଉର୍ଦ୍ଦୁ ବିଭାଗର ମୁଖ୍ୟ ଡ. ନସିମା ଆରା ନିଖତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହାର ବିଷୟବସ୍ତୁ ଥିଲା 'ସହରି ଅଦବ ପେ ଏକ ନଜର'। ଏହି ସେମିନାରରେ ମହାବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ରିସୋର୍ସ ପର୍ସନ ଭାବେ ବ୍ରହ୍ମବରଦା କଲେଜର ଉର୍ଦ୍ଦୁ ପ୍ରାଧ୍ୟାପକ ନିୟାମତ୍ ହୋସେନ ଯୋଗଦେଇଥିଲେ। ଅଧ୍ୟାପକ ମୁସ୍ତାକ୍ ଖାଁ ଏହି ସେମିନାରରେ ଭାଗ ନେଇ ସେମିନାରର ବିଷୟ ଉପରେ ନିଜର ମତବ୍ୟକ୍ତ କରିଥିଲେ। ଏହି ସେମିନାରରେ କବି ଜାଫର ଦାନିସ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀ ଯୋଗଦେଇ ସେମିନାରକୁ ସୁପରିଚାଳନା କରିବା ସହ ସଫଳ କରିବାରେ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ।

## ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ପାଇଁ ସଚେତନତା ପଦଯାତ୍ରା



**ଭଦ୍ରକ, ୪।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶନିବାର ବିଭିନ୍ନ ଦୋକାନ ଓ ବାଣିଜ୍ୟିକ ଅନୁଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ପାଇଁ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ଏହି ପଦଯାତ୍ରାକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍‌ମକି ଦଲାୱାଜି ହବିବଙ୍କ ଦ୍ୱାରା ପୂର୍ବାହ୍ଣ ୯ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶୁଭାରମ୍ଭ କରାଯାଇଥିଲା। ପଦଯାତ୍ରାଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲା। ଏହି ସଚେତନତା ପଦଯାତ୍ରାରେ ଜିଲ୍ଲାପାଳ ଓ ପୌରାଧ୍ୟକ୍ଷାଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ନିୟନ୍ତ୍ରିତ ବଜାର ସମିତି ସଦସ୍ୟ, ସମସ୍ତ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ, ପ୍ରଧାନଶିକ୍ଷକମାନେ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ, ମଣ୍ଡଳ ଶ୍ରମ ଆୟୁକ୍ତ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ), ସମସ୍ତ ସହ ଶ୍ରମ ଅଧିକାରୀ, ଶ୍ରମ ବିଭାଗର କର୍ମଚାରୀ, ଟାଉନ ଥାନା ଅଧିକାରୀ, ରୋଟାରୀ କ୍ଲବ୍, ଲାୟନ୍ସ କ୍ଲବ୍, ଫେଲୋସିପ୍ ସଂଗଠନର ସଦସ୍ୟମାନେ, ୱାନ୍ ଷ୍ଟପ୍ ସେଣ୍ଟର ଓ ଚାଇଲ୍ଡ ଲାଇନ୍ ସଦସ୍ୟମାନେ, ବିଭିନ୍ନ ବୁଦ୍ଧିଜୀବୀ, କାଳୀପୂଜା ସମିତି ସଦସ୍ୟ, ଫେକର୍ ଓ ଫେକର୍ ଶ୍ରମିକ ସଂଘର କର୍ମକର୍ତ୍ତା ଓ ସଦସ୍ୟ, ସ୍ଥାନୀୟ ବ୍ୟବସାୟୀ ସଂଘର କର୍ମକର୍ତ୍ତା, ଗାନ୍ଧୀ ଆବାସିକ କେନ୍ଦ୍ରର ସଦସ୍ୟ ଓ ଛାତ୍ରଛାତ୍ରୀ, ବିଭିନ୍ନ ବଣିକ ସଂଗଠନର ସଦସ୍ୟ, ପୁଲିସ କର୍ମଚାରୀ, ସାମ୍ବାଦିକମାନେ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ। ଏକ ସଚେତନତା ରଥ ଓ ପ୍ରଚାର ପତ୍ରିକା ମାଧ୍ୟମରେ ଲୋକଙ୍କୁ ଓଡ଼ିଆ ଭାଷାରେ ନାମଫଳକ ବ୍ୟବହାର ପ୍ରତି ସଚେତନ କରାଯାଉଛି।

## ସ୍କୁଲ ହତା ଜବରଦଖଲ ଅଭିଯୋଗ

**ବାରିକପୁର, ୪।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନେରଡା ସୁବର୍ଣ୍ଣମୁଖୀ ପ୍ରାଥମିକ ବିଦ୍ୟାଳୟ ପରିସର ଓ ଏହା ସଂଲଗ୍ନ ସରକାରୀ ସ୍ଥାନକୁ କିଛି ଦୀର୍ଘ ବର୍ଷ ଧରି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ୧ ନମ୍ବର ୱାର୍ଡରେ ବିଦ୍ୟାଳୟ ରହିଥିବାବେଳେ ଏଠାରେ ୩/୪ଟି ଗାଁର ପିଲାମାନେ ଅଧ୍ୟୟନ କରନ୍ତି। ପରିତାପର ବିଷୟ ସ୍କୁଲ ହତାଟି ଜବରଦଖଲ ହୋଇଥିବାବେଳେ ଏହା ପାର୍ଶ୍ୱବର୍ତ୍ତୀ ସ୍ଥାନ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ବେଆଇନ ଜବରଦଖଲ ଯୋଗୁଁ ସ୍କୁଲ ପରିସର ସଙ୍କୁଚିତ ହୋଇଥିବାବେଳେ ଛୋଟ ଛୋଟ ପିଲାମାନେ ଖେଳକୁଦ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର କିଛି ଲୋକ ସ୍କୁଲ ଜାଗାରେ ବ୍ୟବସାୟ କରୁଥିବାବେଳେ ଆଉ କେତେକ ଗାଡ଼ିଘୋଡ଼ା ମଧ୍ୟ ରଖୁଛନ୍ତି। ଏଭଳି ବର୍ଷ ବର୍ଷ ଧରି ସ୍ୱାର୍ଥବାଦୀ ଲୋକମାନେ ସରକାରୀ ଜାଗାକୁ ନିଜ ଅକ୍ତିଆରରେ ରଖିଛନ୍ତି। ଯେଉଁ କାରଣରୁ ବିଦ୍ୟାଳୟର ପାଚେରି ନିର୍ମାଣ ହୋଇପାରୁନାହିଁ। ଏନେଇ ଶିକ୍ଷା ବିଭାଗଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଆପତ୍ତି ହୋଇଥିଲେ ସୁଦ୍ଧା ଏଯାଏଁ ସ୍କୁଲ ସ୍ଥାନରୁ ଜବରଦଖଲ ହଟିନାହିଁ। ଏପରିକି ସରକାରୀ ବାବୁମାନେ କ୍ଷେତ୍ରୀୟ ତଦନ୍ତ ମଧ୍ୟ କରୁନାହାନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

**ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର**

# ଗଛ ମୂଳେ ଖଡ଼ିଛୁଆଁ ଉତ୍ସବ

ବାସୁଦେବପୁର, ୪।୪(ସମିସ)



ବିଷ୍ଣୁବିନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ସୁସଜ୍ଜିତ ଟେଣ୍ଟ ତଳେ ପାଳିତ ହେଉଛି। କିନ୍ତୁ ବାସୁଦେବପୁର ବ୍ଲକର ବୋହୂମାଘେରୀ ପ୍ରାଥମିକ ବିଦ୍ୟାଳୟର ଦେଖିବାକୁ ମିଳୁଛି ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର। ଦେଶର ଭବିଷ୍ୟତ କୁହାଯାଉଥିବା କୁନିକୁନି ଶିଶୁମାନଙ୍କ ଭାଗ୍ୟ ଭବିଷ୍ୟତ ଗଢ଼ା ଚାଲିଛି ମୁକ୍ତ ଆକାଶ ତଳେ ଓ ଗଛ ମୂଳେ। ସୁସଜ୍ଜିତ ସ୍କୁଲ ଓ ସୁନ୍ଦର ପରିବେଶ ଛାତ୍ରଛାତ୍ରୀଙ୍କ ମନରେ ଆତ୍ମବିଶ୍ୱାସ ଭରିଦିଏ। ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁ ବାବୁଙ୍କ ସହ ଲଢ଼ିବି ...। ଆଜି ଭୁଶୁଡ଼ି ପଡ଼ିଛି ଆମ ବିଦ୍ୟାଳୟର ଭିତ୍ତିଭୂମି। ସଭିଏଁ ପଢ଼ିବା... ସଭିଏଁ ବଢ଼ିବା ... ସରକାରଙ୍କ ଏହି ସୁନ୍ଦର ନାରା ଏବେ ପ୍ରହସନ ପାଲଟିଛି।

ସମଗ୍ର ରାଜ୍ୟରେ ଶନିବାର ପାଳିତ ହେଉଛି ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ। ଉତ୍ସବମୁଖର ହୋଇଛି ବିଭିନ୍ନ ସ୍କୁଲ। ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ ହେଉଛି ଖଡ଼ିଛୁଆଁ ଦିବସ। କେଉଁଠି ନାଚ ଗୀତରେ ମସ୍‌ଗୁଲ୍ ହୋଇ ଉଠୁଛନ୍ତି ଛାତ୍ରଛାତ୍ରୀମାନେ। ତା' ସାଙ୍ଗକୁ ସୁସଜ୍ଜିତ ଟେଣ୍ଟରେ ଚାଲିଛି ଖଡ଼ିଛୁଆଁ ଉତ୍ସବ। କିନ୍ତୁ ବାସୁଦେବପୁର ବ୍ଲକର କିସ୍ମତ କୃଷ୍ଣପୁର ପଞ୍ଚାୟତର ବୋହୂମାଘେରୀ ୟୁପି ସ୍କୁଲରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଗଛ ମୂଳରେ ଖୋଲା ଆକାଶ ତଳେ ଚାଲିଛି ଖଡ଼ିଛୁଆଁ। ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଉଛି। ଗଛରେ ଲାଗିଛି ବ୍ୟାନର। ଏହି ଆମ ବିକଶିତ ଭାରତର ବିକଳ ଚିତ୍ର। ସେହିପରି ବାସୁଦେବପୁର ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ବିଷ୍ଣୁବିନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଉତ୍ସବକୁ ବିଧାୟକ ଅଶୋକ ଦାସ ଯୋଗଦେଇ ଖଡ଼ିଛୁଆଁ ଶୁଭାରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଇଓ ମଧୁସ୍ମିତା ଗିରି, ଏବିଇଓ ତପନ ଦ୍ୱିବେଦୀ, ଏବିଇଓ ଉର୍ମିଳା କର, ଅମୀୟ ମହାଳିକ, ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଳିକ ଓ ପ୍ରଧାନଶିକ୍ଷକ ମାଳତୀ ବାରିକ ଯୋଗଦେଇ ଶିକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ଅନନ୍ତପୁର ଗ୍ରାମରେ ଜାତୀୟ ସେବା ଶିବିର

**ବାରିକପୁର, ୪।୪ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନନ୍ତପୁର ଗ୍ରାମରେ ବାରିକପୁର ଡିଗ୍ରୀ କଲେଜ ପକ୍ଷରୁ ଜାତୀୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେହୁରିଆ ଉଦ୍‌ଘାଟନ କରି ସ୍ୱେଚ୍ଛାସେବୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଉମାକାନ୍ତ ମହାଳିକ, ବିଶ୍ୱରଞ୍ଜନ ମହାପାତ୍ର, ୱାର୍ଡ ସଭ୍ୟ ମିଥୁନ ମହାକୁଡ଼ ପ୍ରମୁଖ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ୭ ଦିନ ଧରି ଶିବିର ଅନୁଷ୍ଠିତ ହେଉଥିବାବେଳେ ଏଥିରେ ବୃକ୍ଷରୋପଣ, ନିଶା ନିବାରଣ, ଜଳ ସଞ୍ଚୟ, ସ୍ୱାସ୍ଥ୍ୟ ସଚେତନତା ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶିବିରକୁ ଅଧ୍ୟାପିକା ରିତାଞ୍ଜଳୀ ପରମାଣିକଙ୍କ ସମେତ ଅନ୍ୟମାନେ ପରିଚାଳନା କରିଛନ୍ତି।

### ଅଙ୍ଗନବାଡ଼ି କେନ୍ଦ୍ରରେ ନିମ୍ନମାନର ଛତୁଆ ପ୍ରଦାନ ଅଭିଯୋଗ

# ଖାଦ୍ୟ ଓଜନରେ ଠକାମୀକୁ ନେଇ ତଦନ୍ତ ଦାବି

ବନ୍ତ/ଆଗରପଡ଼ା,୪।୪(ସମିସ)



ଶିଶୁ, ଗର୍ଭବତୀ, କିଶୋରୀ ଓ ପ୍ରସୂତିଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଛତୁଆ, ବାଦାମ ଲଡ୍ଡୁ, ସୁଜି, ମୁଢ଼ି, ବେସନ, ସୋଲା ଓ ଖଜୁରୀ ସମେତ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ବଣ୍ଟନ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥାଏ। ବନ୍ତ ବ୍ଲକ୍‌ରେ ରାଜ୍ୟ ସରକାରଙ୍କ ତରଫରୁ ଛତୁଆ, ବାଦାମ ଲଡ୍ଡୁ, ସୁଜି, ମୁଢ଼ି, ବେସନ, ସୋଲା ଓ ଖଜୁରୀ ଆଦି ଖାଦ୍ୟ ପ୍ରସ୍ତୁତି ପୂର୍ବକ ବଣ୍ଟନ ଦାୟିତ୍ୱ ଆଳମଙ୍ଗାର ମା' ମନ୍ତ୍ରବାସୁଳୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି। ଏହି ମନ୍ତ୍ରବାସୁଳୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରାୟ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଦାୟିତ୍ୱରେ ଥିବାବେଳେ ବିଭିନ୍ନ ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ ଏହି ଗୋଷ୍ଠୀକୁ କିଛି ମାସ ପାଇଁ ଦାୟିତ୍ୱରୁ ନିବୃତ ରଖାଯାଇଥିଲା। ପରେ ଅନ୍ୟ ଦୁଇଟି ଗୋଷ୍ଠୀକୁ ବନ୍ତ ବ୍ଲକ୍ ବଣ୍ଟନ ଦାୟିତ୍ୱ ଦିଆଯାଇଥିଲା। ୬ ମାସ ପରେ ଉକ୍ତ ଦୁଇ ଗୋଷ୍ଠୀକୁ କାଟି ପୁନର୍ବାର ମନ୍ତ୍ରବାସୁଳୀ ଗୋଷ୍ଠୀ ଦାୟିତ୍ୱ ନେଇଛି। ଏବେ ମଧ୍ୟ ମାଳମାଳ ଅଭିଯୋଗ ଆସିଛି ଏହି ଗୋଷ୍ଠୀ ବିରୋଧରେ। ହଳଦିଆ ରଙ୍ଗର ଜରି ପ୍ୟାକ୍ ଥିବା ଛତୁଆରେ ଗହମ ୨.୫ କିଗ୍ରା, ବୁଟ ୫୦୦ ଗ୍ରାମ୍, ଚିନା ବାଦାମ ୩.୭୫ ଗ୍ରାମ୍, ଚିନି ୬.୨୫ ଗ୍ରାମ୍ ମିଶ୍ରିତ ହୋଇ ଛତୁଆ ୪ କିଗ୍ରା ପ୍ରସ୍ତୁତ ହେବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିୟମ ଅଛି। ବନ୍ତ ବ୍ଲକ୍‌ରେ ଦାୟିତ୍ୱରେ ଥିବା ମନ୍ତ୍ରବାସୁଳୀ ଗୋଷ୍ଠୀ ୪ କେଜି ଛତୁଆ ଦେବା ବଦଳରେ ୩ କେଜି ୪୯୦ ଗ୍ରାମ୍ ଛତୁଆ ପ୍ରଦାନ କରୁଛି। ଏହା ସହିତ ଏହାର ମାନ ନିମ୍ନମାନର ଥିବା ସହିତ ଖାଇବା ଅନୁପଯୋଗୀ ବୋଲି ଅଭିଯୋଗ ଆସିଛି। ସୁଜି ଓ ବେସନରେ ଲମ୍ବା ଧଳା ପୋକ, ବାଦାମ ଲଡ୍ଡୁରେ ପୋକରା ବାଦାମ ବ୍ୟବହାର, ମୁଢ଼ିରୁ ବାଲି ବାହାରୁଥିବା ବେଳେ ପୋକରା ସୋଲା, ନିମ୍ନମାନର ଖଜୁରୀ ପ୍ରଦାନ ନେଇ ସାଧାରଣରେ ଅଭିଯୋଗ ହେବା ସହ ଅସନ୍ତୋଷ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ରାଜ୍ୟ ସରକାର ମାଣ୍ଡିଆ ଉପରେ ଗୁରୁତ୍ୱ ଦେଉଥିବାବେଳେ ଏହି ଗୋଷ୍ଠୀ ମାଣ୍ଡିଆ ଦେଉନାହାଁନ୍ତି। ନିମ୍ନମାନର ଖାଦ୍ୟ ହୋଇଥିବାରୁ ଏହାକୁ ଛୋଟ ଛୁଆ, ଗର୍ଭବତୀ, ପ୍ରସୂତି ଓ କିଶୋରୀ ଖାଇପାରୁ ନାହାନ୍ତି। ଉକ୍ତ ଗୋଷ୍ଠୀ ବିରୋଧରେ ଆଗରୁ ଅନେକବାର ପ୍ରଶାସନ ପାଖରେ ଅଭିଯୋଗ ହୋଇଥିଲେ ମଧ୍ୟ କ'ଣ ପାଇଁ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି ଓ ବିଭାଗୀୟ ଅଧିକାରୀ କ'ଣ ପାଇଁ ଜାଣିଶୁଣି ଚୁପ୍ ରହୁଛନ୍ତି ତାହା ସାଧାରଣରେ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ଦାୟିତ୍ୱରେ ଥିବା ଉକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବହିଷ୍କାର କରିବା ସହିତ ତା' ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ବନ୍ତ ବ୍ଲକ୍ ସିଡିପିଓଙ୍କୁ ଏହି ଘଟଣା ବିଷୟରେ ପଚାରିବାରୁ ବିଭିନ୍ନ କଥା କହି ଆସିଥିବା ଅଭିଯୋଗକୁ ଆଡ଼େଇ ଦେଉଥିଲେ। ପରେ ଅଭିଯୋଗ ଉପରେ ତଦନ୍ତ କରାଯିବା ସହ ସତ୍ୟାସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

### ● ଡ୍ରେନ୍ ଭିତରେ ବିସ୍ଫୋରଣ ଘଟଣା

## ପୌରପାଳିକାର ଟିମ୍ ପକ୍ଷରୁ ଯାଞ୍ଚ

ବାଲେଶ୍ୱର, ୪।୪ (ସମିସ): ପୌରପାଳିକାର ୯ ୱାର୍ଡର ପିତବୁଡି କଲୋନୀ ପଛପାଖ ପ୍ରଗତି ନଗରର ଆଦିବାସୀ ଅଞ୍ଚଳରେ ଶୁକ୍ରବାର ଦିନ ଡ୍ରେନ୍ ଭିତରେ ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ଆଜି ପୌରପାଳିକାର ଏକ ଟିମ୍ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିବା ଜଣାପଡ଼ିଛି। ଯାହାର ତଦନ୍ତ ରିପୋର୍ଟ ସୋମବାର ଦିନ ଆସିବ ବୋଲି ସ୍ଥାନୀୟ କାଉନସିଲର ସୂଚନା ଦେଇଛନ୍ତି। ତେବେ ସେଠାରେ ଥିବା କେମିକାଲ ପାଠାଗାରଟି ପୌରପାଳିକା ପକ୍ଷରୁ ଟ୍ରେଡ୍ ଲାଇସେନ୍ସ କରିନଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଥାଉକି, ଏହି ବିସ୍ଫୋରଣ ଫଳରେ ନିଆଁ ସହ ଧୂଆଁ ବାହାରିଥିଲା। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇଥିଲେ। ଡ୍ରେନ୍ ଭିତରେ ପିଏଚଡିର ପାଇପ ସବୁ ଜଳି ପାଉଁଶ ହୋଇଯାଇଛି। ଶବ୍ଦ ଏତେ ମାତ୍ରାରେ ଥିଲା ଯେ ସ୍ଥାନୀୟ ଲୋକେ ଭୟଭୀତ ହୋଇ ଦୌଡି ପଳାଇଥିଲେ। ପରବର୍ତ୍ତୀ ସମୟରେ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲାଗିବା ଦ୍ୱାରା ପାଇପ୍ ଫାଟି ନଷ୍ଟ ହୋଇଯାଇଛି। ଆଜି ପିଏଚଡି ବିଭାଗ ପକ୍ଷରୁ ନଷ୍ଟ ହୋଇଯାଇଥିବା ପାଇପ୍ ଗୁଡ଼ିକ ସଜଡା ଯାଇଥିବା ଜଣାପଡ଼ିଛି।

## ଦୁବୁଲାଗଡି ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ



ବାଲେଶ୍ୱର, ୪।୪ (ସମିସ): ସଦର ବ୍ଲକ ଦୁବୁଲାଗଡି ବେଳାଭୂମିରେ ଦୁବୁଲାଗଡି ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଯୁବନେତା ମାନସ ଦାସ ପଟ୍ଟନାୟକ, ସରପଞ୍ଚ ପ୍ରବୀର କୁମାର ସାହୁ, କେଶୁ ଦାଶ ଯୋଗଦେଇ ଦୁବୁଲାଗଡି ବେଳାଭୂମିକୁ ସାରା ବିଶ୍ୱରେ ପରିଚିତ କରାଇବା ପାଇଁ ଯଥାଶୀଘ୍ର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଗୌରହରି ମାନ୍ନା, କଷାଫଳ ମେରାଇନ ଥାନା ଅଧିକାରୀ ରଶ୍ମିରେଖା ମହାଳିକ, ଶ୍ରୀକୃଷ୍ଣ ଗିରି, ସୁନିଲ ଦାସ, ତପନ ଦାସ, ବିକାଶ ଚନ୍ଦ୍ର ଦାସ, ବିଜୟା ନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଦୁବୁଲାଗଡି ବେଳାଭୂମି ମହୋତ୍ସବର ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ।

## ଖୁଆଡ ଗାଁରେ ବୁଲିଲା ଦନ୍ତାହାତୀ

ଜଳେଶ୍ୱର ବ୍ଲକ, ୪।୪ (ସମିସ) : ରାଇବଣିଆ ଅଞ୍ଚଳର ଥିବା ଜଙ୍ଗଲ ମାନଙ୍କରେ ହାତୀର ଖାଦ୍ୟ ଓ ପାନୀୟ ଅଭାବ ହେତୁ ଏବେ ଜଙ୍ଗଲି ହାତୀ ଗାଁ ମୁହାଁ ହେଉଛନ୍ତି। ଗତ ରାତିରେ ଗୋଠ ଛଡା ଏକ ଦନ୍ତାହାତୀ ଖୁଆଡ ଗ୍ରାମ ଜଙ୍ଗଲରେ ରହିବା ସହିତ ଖୁଆଡ ଗ୍ରାମର ଚନ୍ଦନ ସାହୁଙ୍କ ଫାର୍ମ ହାଉସରେ ପଶି ଚାଷ ହୋଇଥିବା କଦଳୀ ଗଛ ଖାଇବା ସହିତ ବ୍ୟାପକ କ୍ଷୟକ୍ଷତି କରିବା ସହିତ ଆଜି ୭ ଘଟିକା ସମୟରେ ଖୁଆଡ ଗ୍ରାମ ମଧ୍ୟରେ ପ୍ରବେଶ କରିଥିଲା ହାତୀକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ପରେ ବନ ବିଭାଗର କର୍ମଚାରୀ ମାନେ ଆସି ହାତୀକୁ ଘଉଡାଇବାରୁ ଦନ୍ତାଟି ଗାରୁ ବାହାରି ନୂଆଁଗା ଗ୍ରାମକୁ ପଳାଇ ସେଠାରୁ କେନ୍ଦୁଖୁଣ୍ଟା ଜଙ୍ଗଲ ମଧ୍ୟକୁ ପଳାଇଥିଲା।

## ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ

ବାଲିଆପାଳ, ୪।୪ (ସମିସ): ଏହି ବ୍ଲକ ଅନ୍ତର୍ଗତ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ, ଘଣ୍ଟୁଆ ପରିସରରେ ବ୍ଲକ ସ୍ତରୀୟ 'ପ୍ରବେଶ ଉତ୍ସବ' ଓ 'ଶିକ୍ଷା ସଚେତନତା ରଥ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ଏ.ବି.ଇ.ଓ ତଥା ବି.ଆର.ସି.ସି ନମିତାପ୍ରଭା ସାମଲ ଉପସ୍ଥିତ ରହି ଶିକ୍ଷାର ମାନସିକ ଓ ବୌଦ୍ଧିକ ବିକାଶ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନ୍ୟମାନଙ୍କ ମଧ୍ୟରେ ଘଣ୍ଟୁଆ ସରପଞ୍ଚ ସୁଶୀଲ କୁମାର ପ୍ରଧାନ, ପରିଚାଳନା କମିଟି ସଭାପତି ମହେଶ ପ୍ରଧାନ ସିଆରସିସି ହେମନ୍ତ କୁମାର ପ୍ରଧାନ ପ୍ରମୁଖ ମଧ୍ୟ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଅର୍ଚ୍ଚନା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସିଆରସିସି ଯଶୋବନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରପାତରେ ବିଭିନ୍ନ ସ୍ଥାନରେ ୩ ଆହତ

ତିହିଡ଼ି,୪।୪(ସମିସ): ଶନିବାର ସନ୍ଧ୍ୟାରେ ବାରମ୍ବାର ବଜ୍ରପାତ ହେବା ଫଳରେ ବିଭିନ୍ନ ସ୍ଥାନରେ ୩ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ୨ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ସୂଚନା ଅନୁଯାୟୀ, ବଜ୍ରପାତରେ ତିହିଡ଼ି ଥାନା ଅଧୀନ କୋହ୍ଲର ପ୍ରଶାନ୍ତ ଧଳ (୨୩) ଆହତ ହୋଇଥିଲେ। ସେହିପରି ଗୁଆମାଳର ଶୁକଦେବ ଜେନାଙ୍କ ସ୍ତ୍ରୀ ରମାମଣି (୫୬) ମଧ୍ୟ ଆହତ ହୋଇଥିଲେ। ଉଭୟଙ୍କୁ ଚିକିତ୍ସା କରି ଛାଡ଼ି ଦିଆଯାଇଛି। ଅପରପକ୍ଷରେ ବୋଡ଼କର ଗୋପୀନାଥ ସାହୁ (୬୫) ବଜ୍ରପାତ ହେବା ଫଳରେ ସେ ତଳେ ପଡ଼ି ଆହତ ହୋଇଛନ୍ତି। ତାଙ୍କୁ ତିହିଡ଼ିରୁ ଭଦ୍ରକ ସ୍ଥାନାନ୍ତର କରାଯାଇଛି।

## ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ଶୁଭାରମ୍ଭ

ପ୍ରୀତିପୁର,୪।୪(ସମିସ): ବିଞ୍ଝାରପୁର ଥାନା ଅଧୀନ ବରୀ ବ୍ଲକର ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟ, ଅଙ୍ଗାଳୋରେ 'ଓଡ଼ିଆ ପକ୍ଷ ପାଳନ' ଶୁଭାରମ୍ଭ ହୋଇଯାଇଛି। ଏହାକୁ କଲେଜ ଅଧ୍ୟକ୍ଷ ଜୟଦେବ ଥାଟୋଇ ଉଦ୍‌ଘାଟତ କରିଥିଲେ। ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡିଆ ଭାଷାର ପ୍ରଚାର ଓ ପ୍ରସାର ଏବଂ ନୂତନ ପିଢ଼ିଙ୍କୁ ଏହାର ଗୁରୁତ୍ୱ ବିଷୟରେ ସଚେତନ କରାଯିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ କବିତା ଲିଖନ, ଓଡିଆ ପ୍ରବନ୍ଧ ଲିଖନ, ଓଡିଆ ଗଳ୍ପ ଲିଖନ, ଆସ ବହିଟିଏ କିଣିବା ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ଦିଲୀପ କୁମାର ରାଉତ, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ମଦନ ମୋହନ ପରିଡା, ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ଭରତ ଚନ୍ଦ୍ର ବେହେରା, ଅଧ୍ୟାପକ ଭବରଞ୍ଜନ ସାମଲ, ଅଧ୍ୟାପକ ସୁବ୍ରତ କୁମାର ଓଝା, ଅଧ୍ୟାପକ ସୁଶାନ୍ତ କୁମାର ସାହୁ, ଅଧ୍ୟାପକ ରମାକାନ୍ତ ବେହେରା ଯୋଗ ଦେଇଥିଲେ।

## ଭଡ଼ା ଘରୁ ଚୋରି ଅଭିଯୋଗ

ପାଣିକୋଇଲି, ୪।୪(ସମିସ): ପାଣିକୋଇଲି ଥାନା ତଥା ବ୍ୟାସନଗର ପୌର ପରିଷଦ ଅଂଚଳରେ ଭଡା ଘରୁ ଚୋରି ହେବା ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା ୧୧୦/୨୬ ରୁଜ୍ଜୁ ହୋଇ ତଦନ୍ତ ଜାରି ରହିଛି। ପ୍ରକାଶଯେ ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ନପଙ୍ଗ ଗ୍ରାମର ବିକାଶ ରଂଜନ ନାୟକ ୯ ମାସ ହେବ ବ୍ୟାସନଗର ପୌରାଂଚଳର ୨୧ ନମ୍ବର ୱାର୍ଡ ନଟପଡା ସନ୍ତରା ଠାରେ ଜିତେନ୍ଦ୍ର ରାଉତଙ୍କ ଘରେ ଭଡା ନେଇ ରହୁଛନ୍ତି। ସେ କୌଣସି କାମରେ ଗାଁକୁ ପରିବାର ସହ ଯାଇଥିବା ବେଳେ କେହି ଦୁର୍ବତ କବାଟ ଭାଂଗି ତାଙ୍କ ଘରେ ପଶି ନଗଦ ୨୦ ହଜାର ଟଙ୍କା ସହ ସୁନାଚେନ, ବ୍ରେସଲେଟ ସ ରୂପା ଅଳଙ୍କାର ଚୋରି କରିନେଇଛି। ଯାହା ସିସିଟିଭିରେ କଏଦ ରହିଛି। ପୁଲିସ ଅଭିଯୋଗ ପରେ ମାମଲା ରୁଜ୍ଜୁ କରି ତଦନ୍ତ ଜାରି ରଖିଛି।

## ତାଣ୍ଡବ ରଚିଲା କାଳବୈଶାଖୀ

ବ୍ରହ୍ମବରଦା,୪।୪(ସମିସ): ରସଲପୁର ବ୍ଲକ ଅର୍ନ୍ତଗତ ବନ୍ଧଡିହ ପଞ୍ଚାୟତରେ ଆଜି ସନ୍ଧ୍ୟା ସମୟରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟ କ୍ଷତି ଘଟାଇଛି। ସନ୍ଧ୍ୟା ସମୟରେ ହଠାତ ବର୍ଷା ସହିତ ପବନ ଆରମ୍ଭ ହୋଇଯାଇଥିଲା ବିଜୁଳି ଓ ଘଡ଼ଘଡ଼ିରେ ବ୍ରହ୍ମବରଦା, ବନ୍ଧଡିହ, ଝାଳପଡ଼ା, ମହେଶ୍ୱରପୁର ଅଞ୍ଚଳରେ ବ୍ୟାପକ କ୍ଷୟ



କ୍ଷତ ଘଟିଥିବା ବେଳେ ବନ୍ଧଡ଼ିହ ପଞ୍ଚାୟତ ରାମ ମନ୍ଦିର ନିକଟରେ ଠାରେ ଏକ ପୁରାତନ କୃଷ୍ଣଚୁଡ଼ା ଗଛ ଭାଙ୍ଗି ରାସ୍ତା ବନ୍ଦ ହୋଇଯାଇଥିଲା। ସ୍ଥାନୀୟ ଯୁବକ ମାନଙ୍କ ସହାୟତାରେ ଗଛ କାଟା ଯାଇ ରାସ୍ତା ସଫା କରାଯାଇଥିଲା। ଏହି ଅଞ୍ଚଳ ମାନଙ୍କ ରେ ଏବେ ଚିନାବାଦାମ ଅମଳ ର ସମୟ। ଚାଷୀ ମାନେ ବିଲ ରୁ ଚିନାବାଦାମ ଓପାଡ଼ି ରଖିଥିବା ସମୟରେ କାଳବୈଶାଖୀ ପ୍ରଭାବରେ ବର୍ଷା ପାଣି ଯୋଗୁଁ ନଷ୍ଟ ହୋଇଛି।

### ଅସଂପୂର୍ଣ୍ଣ ଅବସ୍ଥାରେ ଦଉପୁର ସେତୁ

## ଦୁଇ ଦୁଇଥର ଅବଧି ସରିଲାଣି; ସରୁନି କାମ

କୟାଁଗୋଲା,୪।୪(ସମିସ): ଶିଳାନ୍ୟାସ ହେବାର ଦୀର୍ଘ ସାତ ବର୍ଷ ବିତିଲାଣି; କିନ୍ତୁ ସରୁ ନାହିଁ ସେତୁ ର ନିର୍ମାଣ କାର୍ଯ୍ୟ। ଦୁଇଥର ଅବଧି ସରିଲାଣି, କିନ୍ତୁ ସଂପୂର୍ଣ୍ଣ ହେଉନି ସେତୁ। ବର୍ଷ ପରେ ବର୍ଷ ବିତିଲାଣି ହେଲେ ସରିବାର ନାଁ ଧରୁନି ସେତୁ କାର୍ଯ୍ୟ। କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ସେତୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁ ନାହିଁ। ଯାଜପୁର ଜିଲ୍ଲା ଅନ୍ତର୍ଗତ ଦଶରଥପୁର ବ୍ଲକ ବୈତରଣୀ ନଦୀ ଉପରେ ନିର୍ମିତ ଦଉପୁର ସେତୁ। ପ୍ରକାଶ ଥାଉ କି ଉକ୍ତ ସେତୁ ନିର୍ମାଣ ହେଲେ ଯାଜପୁର ଜିଲ୍ଲା ଓ ଭଦ୍ରକ ଜିଲ୍ଲା ମଧ୍ୟରେ ଯୋଗାଯୋଗ ସହଜ ହେବା ସହିତ ବ୍ୟବସାୟିକ କାରବାର ମଧ୍ୟ ବୃଦ୍ଧି ପାଇବ ସେହି ଲକ୍ଷ୍ୟ ନେଇ ୨୦୧୯ ମସିହା ଫେବୃଆରୀ ୧୯ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ଯାହା ଆଜିଯାଏଁ



କାର୍ଯ୍ୟ ସରିବାକୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ସେହିଭଳି ତତ୍ପରତା ଦେଖିବାକୁ ମିଳୁ ନାହିଁ। ସେତୁର ମୂଲ୍ୟ ଦୁଇଗୁଣା ବୃଦ୍ଧି କରାଗଲାଣି ହେଲେ କାର୍ଯ୍ୟ ସରୁନଥିବାରୁ ଜନସାଧାରଣଙ୍କ ଦୁର୍ଦ୍ଦଶା କହିଲେ ନସରେ। ରାଜ୍ୟରେ ସରକାର ବଦଳିଲା କିନ୍ତୁ ପୁରୁଣା ଠିକାଦାର ପ୍ରୀତିରେ ପୂର୍ତ୍ତ ବିଭାଗ। ପାଣିରେ ପଡ଼ିଛି ଶହ ଶହ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ସେତୁ। ଲୋକେ ସୁବିଧା ପାଇବେ କ'ଣ ବର୍ଷକ ବାରମାସ ବୁଟୁବୁଟି, ଡଙ୍ଗା ଓ ବାଉଁଶରେ ନିର୍ମିତ ଅସ୍ଥାୟୀ ପୋଲ ଦ୍ୱାରା ଜୀବନକୁ ବାଜି ଲଗାଇ ନଈ ପାରି ହୋଇଥାନ୍ତି। ୨୦୧୯ ମସିହାରେ ଦଉପୁର ବାଉଁଶ ପୋଲ ବ୍ୟବହାର ବନ୍ଦ କରିବାକୁ ନିର୍ମାଣଧୀନ ସେତୁ ଆଜି ବି ସରିଲା ନାହିଁ। ଦଉପୁର ବାସୀଙ୍କ ସ୍ୱପ୍ନ ବାସ୍ତବରେ କେବେ ପୂର୍ଣ୍ଣ ହେବ ଅପେକ୍ଷାରେ ଅଞ୍ଚଳବାସୀ। ଏନେଇ ପୂର୍ତ୍ତ ବିଭାଗ ଏସଡ଼ିପିଓ ଦିଲ୍ଲୀପ କୁମାର ନାଏକ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷ ଜଣକ ଉତ୍ତର ମିଳି ପରି ନଥିଲା।

## ଚାନ୍ଦବାଲିରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ; ଥାନା ଘେରିଲା ବିଜେଡି




ଭଦ୍ରକ,୪।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ବିଜେଡି କର୍ମୀଙ୍କ ପ୍ରତି ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଏବଂ ସରକାରୀ ଦଳର କର୍ମୀଙ୍କ ପ୍ରତି ଅହେତୁକ ଅନୁକମ୍ପା ବିରୋଧରେ ଚାନ୍ଦବାଲି ଥାନା ଘେରିଲା ବିଜେଡି। ଶହଶହ ବିଜେଡି କର୍ମୀ ଚାନ୍ଦବାଲି ଥାନା ସମ୍ମୁଖରେ ଧାରଣାରେ ବସିବା ସହ ଜୋର୍‌ଦାର୍ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନା ମୁତାବକ, ଚାନ୍ଦବାଲି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ବିଜେପି କର୍ମୀ ଚଳାଇଛନ୍ତି ଗୁଣ୍ଡାରାଜ୍। ବିଜେଡି ନେତା ଓ କର୍ମୀଙ୍କୁ କରୁଛନ୍ତି ଆକ୍ରମଣ। ଥାନାରେ ଅଭିଯୋଗ କଲେ ବିଜେପି କର୍ମୀଙ୍କୁ ମାଫ୍ ଓ ବିଜେଡି କର୍ମୀଙ୍କୁ ପୁଲିସ ଗିରଫ କରୁଛି ବୋଲି ଅଭିଯୋଗ କରିଛି ବିଜେଡି। ଶହଶହ ସଂଖ୍ୟକ ପୁରୁଷ ଓ ମହିଳା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଥାନା ଭିତରକୁ ଧସେଇ ପଶିଥିଲେ। ଖବର ପାଇ ଭଦ୍ରକର ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ସହ ଦୋଷୀଙ୍କ ବିରୋଧରେ ୧୫ ଦିନ ମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଆନ୍ଦୋଳନରେ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ବିଜେଡି ନେତ୍ରୀ ଏଲିନା ପତି, ଖେରଙ୍ଗ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ୍ ଥିଲେ।

## ଅବ୍ୟବସ୍ଥାରେ ଦେୱାନ ପାଟଣା ପ୍ରାଥମିକ ବିଦ୍ୟାଳୟ



ମଙ୍ଗଳପୁର,୪।୪(ସମିସ): ଦଶରଥପୁର ବ୍ଲକ ଦଉପୁର ପଞ୍ଚାୟତସ୍ଥ ଦେୱାନ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଦେୱାନ ପାଟଣା ଗ୍ରାମରେ ବୈତରଣୀ ନଦୀ କୂଳରେ ୧୯୫୯ ମସିହାରୁ ଉକ୍ତ ବିଦ୍ୟାଳୟଟି ନିର୍ମିତ ହୋଇଥିଲା। ସ୍ୱାଧୀନତର ଦୀର୍ଘ ୬୭ ବର୍ଷ ପରେ ମଧ୍ୟ ଆଜି ବି ଅବହେଳିତ ଅବସ୍ଥାରେ ପଡି ରହିଛି ଏହି ବିଦ୍ୟାଳୟ। ଜରାଜୀର୍ଣ୍ଣ ଭଙ୍ଗା ଆଜବେଷ୍ଟ ଗୃହରେ ଏବେ ବି ଚାଲିଛି ଶିକ୍ଷାଦାନ। ବୈତରଣୀ ନଦୀ ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ସମୟରେ ଗୃହର ଅଧା ପର୍ଯ୍ୟନ୍ତ ମାଟି ପୋତି ହୋଇ ଯାଇଥିବା ଦେଖିବା ପାଇଁ ମିଳିଛି। ନଦୀ ବନ୍ଧ ଉପରୁ ଶ୍ରେଣୀ ଗୃହ ୧୦ଫୁଟରୁ ତଳକୁ ଯିବା ପାଇଁ କୁନି କୁନି ପିଲା ମାନଙ୍କ ପାଇଁ ଗୋଟେ ସୁରକ୍ଷା ବାଡ଼ (ରେଲିଙ୍ଗ)ଟିଏବି ବିଦ୍ୟାଳୟ ପକ୍ଷରୁ ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ। କୁନି କୁନି ପିଲାମାନେ ଉଚ୍ଚ ବନ୍ଧରୁ ତଳକୁ ଯିବା ବେଳେ ଯଦି କିଛି ଦୁର୍ଘଟଣା ଘଟେ ତେବେ ଏଥିପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନା ସିଆର୍‌ସିସି ନା ବିଇଓ ଦାୟୀ ରହିବେ ବୋଲି ଅଭିଭାବକ ମହଲରେ ଅଭିଯୋଗ ହୋଇଛି।

## କପାଳୀକ୍ଷେତ୍ରରେ ଏକତ୍ରିଂଶତମ ବାର୍ଷିକୋତ୍ସବ

ବନ୍ତ/ଆଗରପଡ଼ା,୪।୪(ସମିସ): ବନ୍ତ ବ୍ଲକ୍ ଅଧୀନସ୍ଥ ରାମଚନ୍ଦ୍ରପୁର ପଞ୍ଚାୟତର ନିମପଡ଼ାସ୍ଥିତ କପାଳୀକ୍ଷେତ୍ରଠାରେ ଅଧିଷ୍ଠିତ ଜଗନ୍ନାଥ ମନ୍ଦିର ପରିସରରେ ଏକତ୍ରିଂଶତମ ବାର୍ଷିକ ଉତ୍ସବ ତ୍ରିଦିବସ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଷ୍ଟପ୍ରହରୀ ଅଖଣ୍ଡ ନାମସଂକୀର୍ତ୍ତନ ସାଙ୍ଗକୁ ଗାୟତ୍ରୀ ମହାଯଜ୍ଞ ପାଳିତ ହୋଇଛି। ଉତ୍ସବର ପ୍ରଥମ ଦିବସରେ ଶୁଭାଧିବାସ ସହ ନରେନ୍ଦ୍ର ପୁଷ୍କରିଣୀରୁ ଘଟୋତ୍ତୋଳନ କରାଯାଇ ଯଜ୍ଞାରମ୍ଭ ହୋଇଥିଲା। ତା' ପର ଦିବସରେ ବିଶ୍ୱର ଶାନ୍ତି ପ୍ରତିଷ୍ଠା ପାଇଁ ଘୃତଯଜ୍ଞ, ବିଷ୍ଣୁଙ୍କ ସହସ୍ରନାମ, ଦାରୁବ୍ରହ୍ମଙ୍କ ନୂତନ ବେଶ ସହ ବିଶେଷ ନୀତି ହୋଇଥିଲା। ଶେଷ ଦିବସରେ ସର୍ବ ଦେବଦେବୀ ପୂଜା, ସୂର୍ଯ୍ୟ, ଗୋ ପୂଜା ସହ ଶ୍ରୀମଦ୍ ଭଗବତ୍ ଗୀତାପାଠ ସହ ଗାୟତ୍ରୀଙ୍କ ସହସ୍ରନାମ ପାଠ କରାଯାଇ ପ୍ରତିମନ୍ତ୍ରରେ ଆହୁତି ପ୍ରଦାନ କରାଯାଇ ଯଜ୍ଞର ପୂର୍ଣ୍ଣାହୁତି ସହ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଅଷ୍ଟପ୍ରହରୀ ଉପଲକ୍ଷେ, ମହାମନ୍ତ୍ର ନାମ ସଂକୀର୍ତ୍ତନ,



ନଗରକୀର୍ତ୍ତନ ଗ୍ରାମ୍ୟ ପରିକ୍ରମା କରାଯାଇ ଦଧିଭାଣ୍ଡ ଭଙ୍ଗା ହେବା ପରେ ଉକ୍ତ ଉତ୍ସବ ସମାପିତ ହୋଇଥିଲା। ଯଜ୍ଞର ମୁଖ୍ୟ କଳସ ଜ୍ଞାନଦା କରଶର୍ମା ଓ ତାଙ୍କ ପତ୍ନୀ ଦମୟନ୍ତି ଆଣିଥିବାବେଳେ ଅଷ୍ଟପ୍ରହରୀର ମୁଖ୍ୟ କଳସ ଆଣିଥିଲେ ନାରାୟଣ ଚନ୍ଦ୍ର ବାରିକ। ଏହି ଯଜ୍ଞକର୍ମ ସମ୍ପାଦନ କରିଥିଲେ ପଣ୍ଡିତ ପଦ୍ମନାଭ ପଣ୍ଡା, ଧରଣୀଧର ଦ୍ୱିବେଦୀ।

## ବିଦ୍ୟାଳୟରେ ମେଧାବୃତ୍ତି ପ୍ରଦାନ ଉତ୍ସବ

ପ୍ରୀତିପୁର,୪।୪(ସମିସ): ବିଞ୍ଝାରପୁର ବ୍ଲକର ବରପଦା ପଞ୍ଚାୟତ ତଥା ଗ୍ରାମରେ ଅବସ୍ଥିତ ଦୁର୍ଯ୍ୟୋଧନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମେଧାବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କିଶୋର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ବ୍ଲକ ଚେୟାରମ୍ୟାନ ରଞ୍ଜିତା ଦାସ, ମୁଖ୍ୟବକ୍ତା ଭାବେ ସହଶିକ୍ଷା ଅଧିକାରୀ ବଳରାମ ପତି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ସାହୁ, ସନାତନ ଦାସ, ମହେଶ୍ୱର ଦାସ, ପ୍ରାକ୍ତନ ଏସ୍‌ଏମ୍‌ସି ସଭାପତି ଜନ୍ମେଜୟ ସାମଲ, ନିରୋଦ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ମେଧା ସମ୍ମାନଟି ସ୍ୱର୍ଗତ କୃପାସିନ୍ଧୁ ସାମଲଙ୍କ ନାମରେ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ମେଧା ସମ୍ମାନ ସ୍ୱର୍ଗତ ବାବାଜୀ ଚରଣ ମଲିକଙ୍କ ନାମରେ ଓ ତୃତୀୟ ମେଧା ସମ୍ମାନଟି ଗ୍ରାମର ଜଣେ ସମ୍ମାନିତ ବ୍ୟକ୍ତି ନିତ୍ୟାନନ୍ଦ ସାମଲଙ୍କ ସ୍ମୃତିରେ ପ୍ରଦାନ କରାଯାଇଥିଲା ବିଦ୍ୟାଳୟର ୨୪ଜଣ ଛାତ୍ରଛାତ୍ରୀଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯାଇଥିଲା।

## କଣ୍ଠି ମଙ୍ଗଳା ପୀଠରେ ଘୋଡ଼ାନାଚ ଉତ୍ସବ

ତିହିଡ଼ି,୪।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ନୂଆନନ୍ଦ ପଞ୍ଚାୟତ କଣ୍ଠିମଙ୍ଗଳା ପୀଠରେ ଘୋଡ଼ାନାଚ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋରାମାଟି, ଦେବୋତ୍ତରସାହି-ତୋରଣପଦା ଓ ନୂଆନନ୍ଦ ଗ୍ରାମରୁ ଘୋଡ଼ାନାଚ ଦଳଗୁଡ଼ିକ ବିଶାଳ ଶୋଭାଯାତ୍ରାରେ ମନ୍ଦିର ପଡ଼ିଆରେ ପ୍ରବେଶ କରିଥିଲେ। ପୂଜାର୍ଚ୍ଚନା ପରେ ରାତିସାରା ଘୋଡ଼ାନାଚ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ବହୁ ଦୂରାନ୍ତରୁ ଶ୍ରଦ୍ଧାଳୁମାନେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ହୋଇ ଘୋଡ଼ାନାଚ ଉପଭୋଗ କରିଥିଲେ। ଏହି ନାଚ ସକାଳ ପର୍ଯ୍ୟନ୍ତ ଚାଲିଥିଲା। ସଭାପତି ପିତବାସ ମଳିକ, ସମ୍ପାଦକ କୈଳାସ ଚନ୍ଦ୍ର ପତି ଓ କୋଷାଧ୍ୟକ୍ଷ ଭାଗିରଥି ବୈୟାରୀ ଏବଂ କମିଟିର ଅନ୍ୟମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବନ କର୍ମଚାରୀଙ୍କୁ କୁଲଡ଼ିହା ଏସିଏଫ୍‌ଙ୍କ ମରଣାନ୍ତକ ଆକ୍ରମଣ ଘଟଣା

# ନ୍ୟାୟ ଦାବିରେ ୬ରେ ଧାରଣା ଦେବେ ପରିବାର ଲୋକ

ନୀଳଗିରି, ୪।୪ (ସମିସ)

ନୀଳଗିରିର ବହୁ ଚର୍ଚ୍ଚିତ କୁଲଡ଼ିହା ବନବିଭାଗର ଏ.ସି.ଏଫ୍ ସୁବ୍ରତ କୁମାର ବେହେରା ଜୈନିକ ବନ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିବା ଘଟଣା ସମଗ୍ର ବାଲେଶ୍ୱର ଜିଲ୍ଲାରେ ହଟଚମଟ କରିଥିବା ବେଳେ ଉଚିତ୍ ନ୍ୟାୟ ମିଳୁ ନ ଥିବା ବେଳେ ଏବେ ତାଙ୍କ ସ୍ତ୍ରୀ ଆସନ୍ତା ୬ ତାରିଖରେ ନୀଳଗିରି ଏସ.ଡି.ପି.ଓ ଙ୍କ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଭାବେ ପରିବାର ଲୋକେ ଧାରଣା ଦେବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ବରହମପୁର ଥାନା ଅନ୍ତର୍ଗତ ଉପରଡିହା ଗ୍ରାମର ଫରେଷ୍ଟ ଗାର୍ଡ ପଦ୍ମଲୋଚନ ପାତ୍ର ଗତ ୨୫ ତାରିଖ ରାତି ପ୍ରାୟ ୧୨.୩୦ରେ ଶ୍ରୀ ପାତ୍ର ଓ ତାଙ୍କର ବନ୍ଧୁ କ୍ଷୀରୋଦ ଦାସ ବୋଲେରୋ ଗାଡ଼ିରେ ମୟୂରଭଞ୍ଜ ଝିଙ୍କିପଦାରୁ ଶନି ମନ୍ଦିର ପ୍ରତିଷ୍ଠା ନିମନ୍ତେ ପୂଜା ଚିଠା ପୂଜକ ଙ୍କ ଠାରୁ ନେଇ ଫେରୁଥିବା ସମୟରେ ୧୯ନଂ ରାଜ୍ୟ ରାଜପଥ ରାସ୍ତା ଗରଡିହି ଛକ ନିକଟରେ ବୋଲେରୋ ଗାଡ଼ିକୁ କୁଲଡ଼ିହା ଏ.ସି.ଏଫ ତାଙ୍କ ସରକାରୀ ଥାର ଗାଡ଼ିକୁ ଆଣ୍ଟା ପକାଇ ଦେଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଲୁହାରଡ଼୍‌ରେ ପିଟି ପିଟି ଲହୁ ଲୁହାଣ କରିଥିଲେ। ଫଳରେ ପଦ୍ମଲୋଚନଙ୍କ ବାମହାତ ଭାଙ୍ଗିଯାଇଥିବା ଜଣାଯାଇଛି। ପଦ୍ମଲୋଚନ ଙ୍କୁ ଅମାନୁଷିକ ଭାବେ ପିଟୁଥିବା ବେଳେ ତାଙ୍କର ସମ୍ପର୍କୀୟ କ୍ଷୀରୋଦ ଦାସ ପ୍ରତିବାଦ କରିବାରୁ ଅନ୍ୟ ଦୁଇଟି ଗାଡିରେ ଥିବା ବନ କର୍ମଚାରୀମାନେ କ୍ଷୀରୋଦକୁ ମଧ୍ୟ ପିଟିଥିଲେ। ପରିବାର



ଲୋକେ ଗୁରୁତର ପଦ୍ମଲୋଚନ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ବେଳେ ଗତ ୨୬ ତାରିଖରେ ଉକ୍ତ ମେଡିକାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ସେଠାରେ ଏ.ସି.ଏଫ୍ ସୁବ୍ରତ କୁମାର ବେହେରା ମେଡିକାଲରେ ପହଞ୍ଚି ପଦ୍ମଲୋଚନଙ୍କୁ ଦଶ ଲକ୍ଷ ଟଙ୍କା ନେଇ ଉକ୍ତ ମାମଲାକୁ ରଫା ନାମା କରିବାକୁ କହିବା ସହ ନକଲେ ଜୀବନ ଫେରିପାଇବୁ ନାହିଁ ବୋଲି ଧମକ ଦେଇଥିଲେ। ସୁବ୍ରତ ବଣାଇରେ ରେଞ୍ଜର ଥିବା ବେଳେ ଜଣେ ଆଦିବାସୀ ଲୋକକୁ ହତ୍ୟା କରିଥିବାର ପଦ୍ମଲୋଚନଙ୍କ ସ୍ତ୍ରୀ ଦିପ୍ତୀମୟି ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଘଟଣାରେ ବରହମପୁର ଆଇ.ଆଇ.ସି. ନିରବଦ୍ରଷ୍ଟା ସାଜିଥିବା ବେଳେ ଦିପ୍ତୀମୟୀ ତାଙ୍କ ସ୍ୱାମୀଙ୍କୁ ନ୍ୟାୟ ମିଳୁ ନ ଥିବାର ଅଭିଯୋଗ କରି ଆସନ୍ତା ୬/୪ ରେ ନୀଳଗିରି ଏସ.ଡି.ପି.ଓଙ୍କ ଅଫିସ ସମ୍ମୁଖରେ ପରିବାର ଓ ବନ୍ଧୁ ବାନ୍ଧବଙ୍କ ସହିତ ଧାରଣା ଦେବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ବନ କର୍ମଚାରୀ ସଂଘର କର୍ମକର୍ତ୍ତା ତଥା ରାଜ୍ୟ ସଭାପତି ଜସବନ୍ତ ରଣାବିଡା, ସମ୍ପାଦକ ବିକାଶ କୁମାର ଭୁଜବଳ, ଚେୟାରମେନ ଖଗେଶ୍ୱର ସେଠୀ, ଧିରେନ୍ଦ୍ର କୁମାର ପାତ୍ର, ପ୍ରଶାନ୍ତ କୁମାର ସିଂ ସାମନ୍ତ, ପ୍ରହଲ୍ଲାଦ ନାୟକ, ହିମାଂସୁ ଶେଖର ପାଢୀ, ସହେଗ ସେଖର ଜେନା ପ୍ରମୁଖ ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଭେଟିବା ସହ ନୀଳଗିରି କୁଲଡିହା ଅଫିସକୁ ଉକ୍ତ ଘଟଣା ସମ୍ବନ୍ଧରେ ବୁଝିବାକୁ ଆସିଥିବା ବେଳେ ଏସିଏଫ ସୁବ୍ରତ କୁମାର ବେହେରା ଅଫିସରେ ନଥିବାର ଦେଖିବାକୁ ପାଇଥିଲେ। ଉଚିତ୍ ନ୍ୟାୟ ନ ମିଳିଲେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସୂଚନା ଦେଇଛି।

## ଗ୍ୟାସ ସିଲିଣ୍ଡର ଫାଟି ୩ ବଖରା ନଷ୍ଟ, ୩ ଆହତ



ଖଇରା, ୪।୪ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସାଉଡାଙ୍ଗ ଗ୍ରାମରେ ଗ୍ୟାସ ସିଲିଣ୍ଡର ଫାଟି ତିନି ବଖରା ପୋଡ଼ିଯାଇଥିବା ବେଳେ ୩ଜଣ ଆହତ ହୋଇଛନ୍ତି ଏବଂ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଆହତଙ୍କ ମଧ୍ୟରେ ଚନ୍ଦ୍ର ଶେଖର ପଣ୍ଡା, ମନୋରଞ୍ଜନ ପଣ୍ଡା ଓ ମନୋରଞ୍ଜନଙ୍କ ପୁଅ ବିସ୍ମିତ ଶେଖର ପଣ୍ଡା ଅଛନ୍ତି। ବିସ୍ମିତଙ୍କୁ ସିମୁଳିଆ ମେଡିକାଲରେ ଓ ମନୋରଞ୍ଜନଙ୍କୁ ଖଇରା ମେଡିକାଲରେ ଭର୍ତ୍ତି କରାଯାଇଛି। ଅଗ୍ନିକାଣ୍ଡରେ ବାଇକ, ସାଇକେଲ ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଅଗ୍ନି ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଚି ଘଣ୍ଟାଏ ଅଧିକ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ଗ୍ୟାସରେ ରୋଷେଇ ବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

## ଓଡ଼ିଆ ନାମଫଳକ ଅଭିଯାନ



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୪।୪ (ସମିସ): ଆଜି ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ଓ ଜଳେଶ୍ୱର ପୌରପରିଷଦ ପକ୍ଷରୁ ଓଡ଼ିଆରେ ନାମ ଫଳକ ଲେଖାଇବା ପାଇଁ ପୌରପରିଷଦ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ସଭାପତି କମଳ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବରେ ଜଳେଶ୍ୱର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ଉତ୍କଳ ସମ୍ମିଳନୀର ପ୍ରୟାସକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବରେ ଜଳେଶ୍ୱର ପୌରପରିଷଦର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ଯୋଗଦେଇ ନିଜ ନିଜର ପିଲାମାନଙ୍କୁ ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢ଼ାଇବାକୁ ନିବେଦନ କରିଥିଲେ। ଜଳେଶ୍ୱର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ସରକାରଙ୍କ ଯୋଜନାର ଆଭିମୁଖ୍ୟ ଏବଂ ଏହାର ଖିଲାପ କାରୀଙ୍କୁ ଦଣ୍ଡ ବିଧାନର ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରାଇଥିଲେ। ଜଳେଶ୍ୱର ଶାଖାର ସମ୍ପାଦକ ସୁନୀଲ କୁମାର ନାୟକ ଓଡ଼ିଆ ପକ୍ଷ ପାଳନ ଏବଂ ଉତ୍କଳ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାଂଗଠନିକ ସମ୍ପାଦକ ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିଥିଲା ବେଳେ ଉପସଭାପତି ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ୟାସ କଳାବଜାରରେ ରୋକ୍

# ଗେଷ୍ଟ ହାଉସ ଓ ହୋଟେଲରେ ଚଢ଼ଉ, ଘରୋଇ ସିଲିଣ୍ଡର ଜବତ

ବାଲିଆପାଳ, ୪।୪ (ସମିସ)



ମଧ୍ୟ ପ୍ରାଚ୍ୟର ଯୁଦ୍ଧ ପାଇଁ ଦେଶରେ ଦେଖାଦେଇଥିବା ଏଭଳି ଗ୍ୟାସ ସଙ୍କଟ। ଗ୍ୟାସ ସଙ୍କଟକୁ ଆଖି ଆଗରେ ରଖି ଅସାଧୁ ହୋଟେଲ ମାଲିକ ମାନେ ଦଲାଲ ମାନଙ୍କ ସହାୟତାରେ ୧୪ କେଜିଆ ଘରୋଇ ଗ୍ୟାସ ସିଲିଣ୍ଡରକୁ ଅଧିକ ଦାମରେ କିଣି ବ୍ୟବସାୟ ଚଳାଇ ମାଲେମାଲ ହେଉଛନ୍ତି। ଯାହା ଫଳରେ ଗ୍ୟାସ ସଙ୍କଟ ସିଧାସଳଖ ଖାଉଟି ମାନଙ୍କ ଉପରେ ପଡୁଛି। ସରକାରଙ୍କ ପକ୍ଷରୁ ବଡ ବଡ ହୋଟେଲ ଶିଳ୍ପ ପାଇଁ ୧୯ କେଜିଆ କମର୍ସିଆଲ ଟାଙ୍କିର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଅଧିକାଂଶ ବ୍ୟବସାୟୀ ମାନେ କମର୍ସିଆଲ ଟାଙ୍କିର ବ୍ୟବହାର କରୁନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଘରୋଇ ଗ୍ୟାସ ୯୫୫ ଟଙ୍କାର ମୂଲ୍ୟ ହୋଇଥିବା ବେଳେ କମର୍ସିଆଲ ଟାଙ୍କିର ମୂଲ୍ୟ ୨୨୩୧ ରହିଛି। ଗ୍ୟାସ ସଙ୍କଟ ଦେଖାଦେଇଥିବାରୁ କଳାବଜାରୀ ରୋକିବା ପାଇଁ ଶନିବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାଲିଆପାଳ ଯୋଗାଣ ବିଭାଗ ପକ୍ଷରୁ ବାଲିଆପାଳରେ ଥିବା ପ୍ରଥମେ ଶୁଭମ ଗେଷ୍ଟ ହାଉସ ଉପରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଏହି ଗେଷ୍ଟ ହାଉସରେ ମଧ୍ୟ କମର୍ସିଆଲ ଗ୍ୟାସର ସଂଯୋଗ ନଥିବା ବେଳେ ଘରୋଇ ଗ୍ୟାସର ବ୍ୟବହାର କରା ଯାଉଥିଲା। ଏହି ଗେଷ୍ଟ ହାଉସରୁ ପାଞ୍ଚଟି ଘରୋଇ ସିଲିଣ୍ଡର ଜବତ କରାଯାଇଛି। ସେହିପରି ବ୍ଲକ ଛକ ସ୍ଥିତ ହୋଟେଲ ଆନନ୍ଦମୟୀରେ ମଧ୍ୟ କମର୍ସିଆଲ ଗ୍ୟାସର ସଂଯୋଗ ନଥିବା ବେଳେ ଚାରୋଟି ଘରୋଇ ଗ୍ୟାସ, ରାଜରାଣୀ ଛକ ନିକଟରେ ଟେଷ୍ଟ ଅଫ୍ ଓଡ଼ିଶା ଫେମିଲି ରେଷ୍ଟୁରାଣ୍ଟ ଏବଂ ହୋଟେଲରୁ ଦୁଇଟି ଘରୋଇ ଗ୍ୟାସକୁ ଜବତ କରି ବାଲିଆପାଳ ଜାମ କୁଣ୍ଡା ଛକ ନିକଟରେ ଥିବା ହରପ୍ରିୟା ଗ୍ୟାସ ଏଜେନ୍ସିକୁ ଜମା ଦିଆଯିବା ସହିତ କଳା ବଜାରି ସୃଷ୍ଟି କରୁଥିବା ଏହି ଦୁଇଟି ହୋଟେଲ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା କହିଛନ୍ତି। ଏହି ଚଢ଼ଉ ସମୟରେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ, ପୁଲିସ ଏସ ଆଇ ଦେବେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପାରମ୍ପରିକ ପୋଷାକ ପରିଧାନ ଅଭିଯାନ



କାଳିପଦା, ୪।୪ (ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ଅଧ୍ୟାପକ ଓ କର୍ମଚାରୀମାନେ ଶୁକ୍ରବାର କଲେଜ ପରିସରରେ ପାରମ୍ପରିକ ପୋଷାକ ପରିଧାନ ଅଭିଯାନ କରିଥିଲେ। ଓଡିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ଏବେ ରାଜ୍ୟବ୍ୟାପି ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏପ୍ରିଲ ପହିଲାଠାରୁ ୧୪ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ। ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ପରିଚୟ। ଓଡିଶାର ହସ୍ତତନ୍ତ ସମଗ୍ର ବିଶ୍ୱରେ ଖୁବ ପ୍ରସିଦ୍ଧ। ଶୁକ୍ରବାର ଅନୁଷ୍ଠିତ ଏହି ଅଭିଯାନରେ କଲେଜ ଅଧ୍ୟକ୍ଷ ପ୍ରଧାପକ ଦିବ୍ୟେନ୍ଦୁ କୁମାର ଗିରି, ବସ୍ତା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ସୁକାନ୍ତ କୁମାର ଗିରି, ପ୍ରଧାପକ ଦେବବ୍ରତ ଦାସ, ସଂଗ୍ରାମ କେଶରୀ ନାୟକ, ନିର୍ମଳ କୁମାର ସାମଲ,ସଞ୍ଜୟ କୁମାର ଦେ, ବାଙ୍କିମ ମୈକାପ, ବଂଶୀଧର ନାୟକ, ପି ଆର ଦାସ,ତାପସ ତନୟ ନନ୍ଦୀ, ଅଜିତ କୁମାର ଭୂୟାଁ, ପ୍ରକାଶ ବିଶ୍ୱାଳ, ଅଧାପିକା ସ୍ୱାଗତିକା ଜେନା, ଲିଜା ରାଣୀ ସାହୁ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ।

## ପୌରପାଳିକାରେ ସ୍ୱ-ପରିଗଣନା କାର୍ଯ୍ୟ ଶୁଭାରମ୍ଭ

ଜଳେଶ୍ୱର, ୪।୪ (ସମିସ) : ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିଲାଗି ଏପ୍ରିଲ ୧ ତାରିଖରୁ ୧୫ତାରିଖ ଯାଏ ସ୍ୱ-ପରିଗଣନା କାର୍ଯ୍ୟ ଚାଲିବାକୁ ଥିବା ବେଳେ ଜଳେଶ୍ୱର ପୌରପାଳିକାରେ ଆଜି ଏହାର ଶୁଭାରମ୍ଭ ହୋଇଛି। ବିଧାୟକ ଅଶ୍ୱିନୀ ପାତ୍ର ପୌରକାର୍ଯ୍ୟାଳୟରେ ବସି ନିଜର ସ୍ୱ-ପରିଗଣନା କାର୍ଯ୍ୟକୁ ଆରମ୍ଭ କରି ଉଦ୍‌ଘାଟନ କରିଥିବା ଜଣାଯାଇଛି। ଜଣେ ନାଗରିକ ନିଜ ମୋବାଇଲ/ କମ୍ପ୍ୟୁଟର/ ଲାପ୍‌ଟପ୍‌ରେ ଲଗ୍‌ଇନ୍ କରି ଅତି ସହଜରେ କମ୍ ସମୟରେ ନିଜର ରେଜିଷ୍ଟ୍ରେସନ୍ କରି ସମସ୍ତ ତଥ୍ୟ ସରକାରଙ୍କ ଜନଗଣନା ବିଭାଗକୁ ଦେଇପାରିବେ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଜଣାଇଛନ୍ତି।

## ପ୍ରାଣୀ ବିଜ୍ଞାନ ସମ୍ପର୍କିତ ଆଲୋଚନାଚକ୍ର

ବାଲେଶ୍ୱର, ୪।୪(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ପ୍ରାଣୀ ବିଜ୍ଞାନ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ପ୍ରାଧାପକ ପ୍ରଫେସର ଡ. ସୁଶୀଲ କୁମାର ଦତ୍ତ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ତଥ୍ୟାବଳୀ ଉପସ୍ଥାପନ କରିଥିଲେ। ଆଲୋଚନା ଚକ୍ରରେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଅନିରୁଦ୍ଧ ବେହେରା ଆଲୋଚନାଚକ୍ର ଉଦଘାଟନ କରିଥିଲେ। ବିଭାଗର ମୁଖ୍ୟ ଫିରୋଜ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦିଲ୍ଲୀପ କୁମାର ବେଜ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ପ୍ରଫୁଲ୍ଲ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଅନ୍ୟତମ ଅଧାପକ ସୌମ୍ୟରଞ୍ଜନ ସିଂ ଓ ଜସ୍ମିନ ରାଉତ ମଞ୍ଚ ପରିଚାଳନା କରିଥିଲେ।

## ଜଳେଶ୍ୱର ଷ୍ଟେସନରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା



ଜଳେଶ୍ୱର, ୪।୪ (ସମିସ): ଦକ୍ଷିଣ ପୂର୍ବ ରେଳବାଇ ଏଡିଆରଏମ ଦେବଜିତ ଦାସ ଜଳେଶ୍ୱର ଷ୍ଟେସନରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଭିନ୍ନ ସ୍ଥାନରେ ଚାଲିଥିବା ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା,ଯାତ୍ରୀ ମାନଙ୍କ ପାଇଁ ବିଭିନ୍ନ ଆବଶ୍ୟକୀୟ ବ୍ୟବସ୍ଥା,ସେବାମୂଳକ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ପ୍ରଭୃତି ସମ୍ପର୍କରେ ଶ୍ରୀ ଦାସ ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂଙ୍କ ସହିତ ଆଲୋଚନା କରିଥିଲେ। ୨ ନମ୍ବର ପ୍ଲାଟଫର୍ମରେ ନିର୍ମାଣଧୀନ ପୁରୁଷ ଓ ମହିଳା ଯାତ୍ରୀଙ୍କ ପାଇଁ ଶୌଚାଳୟ ଆସନ୍ତା ୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଫୁଟ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ଦାସ ଠିକାଦାର କମ୍ପାନୀ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜଳେଶ୍ୱର ଷ୍ଟେସନରେ ଅମୃତ ଯୋଜନାରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହିତ କାର୍ଯ୍ୟ ଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ବୈଠକ

ବାଲେଶ୍ୱର,୪।୪(ସମିସ): ଦୀର୍ଘ୧୮ ବର୍ଷ ପରେ ଓଡ଼ିଶାରେ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱରର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ନୃତ୍ୟ ସଂଗୀତ କଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସୋନପୁର, ସମ୍ବଲପୁର, ଢେଙ୍କାନାଳ, ଗଞ୍ଜାମ, ପୁରୀ, ଭୁବନେଶ୍ୱର, କଟକ, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, ଅନୁଗୁଳ, କଳାହାଣ୍ଡି, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବିଭାଗରୁ ଅବସର ନେଇଥିବା କର୍ମଚାରୀମାନେ ଯୋଗଦେଇଥିଲେ। ବନ୍ଧୁମିଳନ ସଭାରେ ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତିର ସଭାପତି ପ୍ରଦୀପ କୁମାର ଚାଟାର୍ଜୀ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଅତିଥି ଭାବେ ସଦାଶିବ ମିଶ୍ର, ପ୍ରଭାସ କୁମାର ସାହୁ ଓ ଅନ୍ତର୍ଯ୍ୟାମୀ ପ୍ରଧାନ ଆଲୋଚନାରେ ଭାଗ ନେଇଥିଲେ। ଅନୁଷ୍ଠାନର ସମ୍ପାଦକ ଗଗନ ବିହାରୀ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ୨୦୧୩ ମସିହା ପୂର୍ବରୁ ଅବସର ନେଇଥିବା କର୍ମଚାରୀମାନେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଆରଏସିପି ଏବଂ ଏମଏସିପି ନ ପାଇବା ଦ୍ୱାରା ପେନସନର୍ସଙ୍କ ମଧ୍ୟରେ ଆର୍ଥିକ ଅସଙ୍ଗତି ରହିବା ଦ୍ୱାରା ବହୁ କର୍ମଚାରୀ ମାସିକ ପେନସନ କମ୍ ପାଉଛନ୍ତି। ଏହି ଅସଙ୍ଗତି ଦୂର କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏହାଛଡା ବରିଷ୍ଠ ନାଗରିକମାନଙ୍କୁ ରେଳଯାତ୍ରାରେ ଦିଆଯାଉଥିବା ରିହାତିର ପୁନଃ ପ୍ରଚଳନ ଓ ୬୦ବର୍ଷରୁ ୭୦ବର୍ଷ ମଧ୍ୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସରକାରୀ ସ୍ୱାସ୍ଥ୍ୟବୀମା ପ୍ରଦାନ ପାଇଁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମକୁ ହିମାଂଶୁ ଦାସ, ଶ୍ୟାମସୁନ୍ଦର ଜେନା, ମନୋରଞ୍ଜନ ଦାସ, ଜ୍ଞାନରଞ୍ଜନ ସେଠୀ, ଲକ୍ଷ୍ମୀଧର ଦାସ ପ୍ରମୁଖ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଘୋଷ ଧନ୍ୟବାଦ ଦେଇଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ସିମୁଳିଆ, ୪।୪ (ସମିସ): ପୋଖରୀରେ ମାଛ ଧରିବାକୁ ଯାଇ ପାଣିରେ ବୁଡି ଯାଇ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସିମୁଳିଆ ଥାନା ଅନ୍ତର୍ଗତ ମୁରୁଣା ପଞ୍ଚାୟତର ବାଲିକଣା ଆଦିବାସୀ ସାହିର ଫାଗୁ ମୁର୍ମୁ ଶୁକ୍ରବାର ମଧ୍ୟାହ୍ନରେ ନିଜ ପୋଖରୀକୁ ମାଛ ଧରିବାକୁ ଯାଇ ଫାଗୁ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଆଜି ସକାଳେ ପରିବାର ଲୋକେ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ସେଠାରେ ଫାଗୁର ଶରୀର ମିଳିଥିଲା । ଖବର ପାଇ ସିମୁଳିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ଶବ ବ୍ୟବଛେଦ ନିମନ୍ତେ ପଠାଇ ତଦନ୍ତ ଜାରୀ ରଖିଛି ।

## ମରଣାନ୍ତକ ଆକ୍ରମଣ, ୪ ଗିରଫ

ସିମୁଳିଆ, ୪।୪ (ସମିସ): ସିମୁଳିଆ ଥାନା ଅନ୍ତର୍ଗତ ଚନ୍ଦ୍ରାପଡା ଗ୍ରାମର କୁନ୍ତଳା ସାହୁ(୭୫) ସିମୁଳିଆ ଥାନାରେ ଅଭିଯୋଗ ଅନୁଯାୟୀ ଜମିବାଡ଼ି ବିବାଦକୁ ନେଇ ଗୟାଧର ବନ୍ଧ, ସଂଗୀତା ବନ୍ଧ, ରତ୍ନାବତୀ ସାହୁ ପ୍ରମୁଖ ଆକ୍ରମଣ କରିଥିଲେ। ଯାହାଫଳରେ ତାଙ୍କ ମୁଣ୍ଡରେ ଆଘାତ ହୋଇଥିଲା। ସେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ସେହିପରି ଗୟାଧର ବନ୍ଧ ଅଭିଯୋଗ ଅନୁଯାୟୀ ପ୍ରମୋଦ ସାହୁ, କୁନ୍ତଳା ସାହୁ, କୁଞ୍ଜଲତା ସାହୁ, ସୁନିଲ ସାହୁ, ଗୋବିନ୍ଦ ସାହୁ, ନନ୍ଦିନୀ ସାହୁ, ବର୍ଷା ସାହୁ, ସୌମ୍ୟରଞ୍ଜନ ସାହୁ, କବିତା ସାହୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଅଭିଯୋଗ ପାଇ ସିମୁଳିଆ ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ଚାରିଜଣ ଗୟାଧର ବନ୍ଧ, ପ୍ରମୋଦ ସାହୁ, ଗୋବିନ୍ଦ ସାହୁ, ସୌମ୍ୟରଞ୍ଜନ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗାନ୍ଧୀ ପାଠଶାଳାର ଦ୍ୱିତୀୟ ସାମ୍ବତ୍ସରିକ ଉତ୍ସବ

ବାଲେଶ୍ୱର,୪।୪(ସମିସ): ରେମୁଣା ବ୍ଲକ ଅଧିନ ଦହପଡା ପଞ୍ଚାୟତ ଗମ୍ଭାରିଆ ଶ୍ରମିକ ବସ୍ତିରେ ଗଢ଼ିଉଠିଥିବା ଗାନ୍ଧୀ ପାଠଶାଳାର ଦ୍ୱିତୀୟ ସାମ୍ବତ୍ସରିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଚକ୍ରଧର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବଦତ୍ତ ରଣା, ଭାଗବତ ପ୍ରସାଦ ଦାସ, ରତ୍ନାକର ସିଂହ, ଗାନ୍ଧୀବାଦୀ ନାମଦେବ କାମଲିଲା,ଗିରିଶ କୁମାର ଷଡଙ୍ଗୀ, କବି ପ୍ରଭାକର ସାହୁ, ମୃତ୍ୟୁଞ୍ଜୟ ପ୍ରଧାନ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଗାନ୍ଧୀଜୀଙ୍କ ନୀତି ଆଦର୍ଶରେ ଅନୁ ପ୍ରାଣିତ ହେବା ପାଇଁ କହିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ଅଜୟ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଂଯୋଜକ ସନ୍ତୋଷ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁମା ଗାୟତ୍ରୀ ନାୟକ ଶାନ୍ତିପାଠ କରିବା ସହ ଧନ୍ୟବାଦ ଦେଇଥିଲେ।

## ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ

ବାଲେଶ୍ୱର, ୪।୪(ସମିସ): ପବ୍ଲିକ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମଣି ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ କାର୍ଯ୍ୟକ୍ରମକୁ ଉଦଘାଟନ କରି ନବାଗତ ଶିକ୍ଷାର୍ଥୀଙ୍କୁ ଆଶିର୍ବାଦ ଓ ମାର୍ଗ ଦର୍ଶନ କରିଥଲେ। ସମ୍ମାନିତ ଅତିଥି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରେଣୁବାଳା ମାଡାମ, ସିଆରସିସି ଆଶିମ୍ ଖାତୁନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ପ୍ରମାଣିକ ଓ ସଭ୍ୟମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥଲେ। ଶିକ୍ଷକ ଦିଲ୍ଲୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ସୋର :** ସୋର ପୌରପାଳିକା ଅନ୍ତର୍ଗତ ରାଧାନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋର ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଦିବସ ସୋର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡା ଯୋଗଦେଇ ପତାକା ପ୍ରଦର୍ଶନ ପୂର୍ବକ ଶିକ୍ଷା ସଚେତନ ରଥର ଶୁଭ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ, ରାଧାନାଥ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ୍ ସାହାଦତ୍ ଅଲ୍ଲୀ ଯୋଗ ଦେଇଥିଲେ। ସେହିପରି ଅନନ୍ତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଧାୟକ ମାଧବ ଧଡା, ୪୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ବ୍ଲକ୍ ଅଧକ୍ଷା ଅନୁସୂୟା ମଳିକ ଓ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ରହି ଶିଶୁ ଭାଇ ଭଉଣୀ ମାନଙ୍କ ଖଡ଼ି ଛୁଆଁ କରାଇଥିଲେ।

**ଚନ୍ଦନେଶ୍ୱର :** ଭୋଗରାଇ ବ୍ଲକର କାନ୍ଥଭଉଁରୀ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ନବ ଶିକ୍ଷାବର୍ଷ ଅବସରରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଆରତୀ ଘୋଷ ସଂଚାଳନ କରିଥିବାବେଳେ ଅତିଥି ଭାବେ ଅନାଦି ଏକାଡେମୀର ପ୍ରଧାନ ଶିକ୍ଷକ ଅତନୁ କୁମାର ହୋତା, ପରିଚାଳନା କମିଟିର ସଭାପତି ପ୍ରଦୀପ ପାତ୍ର, ସଦସ୍ୟ ବନମାଳୀ ବେହେରା, ସନ୍ତୋଷ ଦଳାଇ, ସଦସ୍ୟା ମମତା ପାତ୍ର ଯୋଗ ଦେଇ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ଗୌରୀ ମଣୀ ପାତ୍ର, କ୍ରିଷ୍ଣା କାବେରୀ ଦାସ, ପ୍ରତିମା ଦତ୍ତ, ଶିକ୍ଷକ ମନ୍ମଥ ପାତ୍ର ଓ ଚିତ୍ତରଞ୍ଜନ ଦେ ଉପସ୍ଥିତ ସମସ୍ତ ଶିଶୁଙ୍କୁ ନିୟମିତ ବିଦ୍ୟାଳୟ ଆସି ପାଠ ପଢ଼ିବା ପାଇଁ ଉତ୍ସାହିତ କରିଥିଲେ।

## ପାରିବାରିକ କଳହରୁ ଚାଲିଗଲା ଜୀବନ

ସୋର, ୪।୪ (ସମିସ): ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ସ୍ୱାମିସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହରୁ ସ୍ୱାମୀ ବିଷ ପିଇ ମୃତ୍ୟୁ ବରଣ କରିଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସୋର ଥାନା ଅନନ୍ତପୁର ପଂଚାୟତ ପୁରୁଷୋତ୍ତମପୁର ଗ୍ରାମର ଧୁଶା ମଳିକ ଓ ତାଙ୍କ ସ୍ତ୍ରୀ କଣ୍ଢେଇ ମଳିକଙ୍କ ମଧ୍ୟରେ ଗତକାଲି ମଧ୍ୟାହ୍ନରେ ଝଗଡା ହୋଇଥିଲା। ଏଥିରେ ଧୁଶା ବିଷ ପିଇ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଆଜି ମଧ୍ୟାହ୍ନରେ ତାଙ୍କୁ କଟକ ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିଲା। ସୋର ନିକଟରେ ତାଙ୍କର ଅବସ୍ଥା ଅତି ସଂକଟାପନ୍ନ ହେବାରୁ ତାଙ୍କୁ ସୋର ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଅନନ୍ତପୁର ଥାନା ପୁଲିସ ସୋର ଡାକ୍ତରଖାନାରେ ପହଂଚି ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ଧୁଶାଙ୍କୁ ତାଙ୍କ ଶଳା ଓ ସ୍ତ୍ରୀ ହତ୍ୟା କରିବା ପରେ ପାଟିରେ ବିଷ ଢାଳିଥିବା ଥାନାରେ ଅଭିଯୋଗ ହୋଇଛି।

## ରେମୁଣା ଇଲେଭେନ ତରଫରୁ ରାତ୍ର କ୍ରିକେଟ ମ୍ୟାଚ

ରେମୁଣା, ୪।୪(ସମିସ): ରେମୁଣା ଇଲେଭେନ ତରଫରୁ ରାତ୍ର କ୍ରିକେଟ ମ୍ୟାଚ ମହୋତ୍ସବ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟକ ଭାବେ ରେମୁଣା ଏନଏସି ଅଧ୍ୟକ୍ଷା ତନୁଜା ଗିରି ଉଦଘାଟନ କରି କେବଳ କ୍ରିକେଟ ଖେଳ ନୁହଁ ସମସ୍ତ ଖେଳ ଭାଇ ଚାରା ସୃଷ୍ଟି କରି, ବନ୍ଧୁତ୍ୱ ସୃଷ୍ଟି କରିଥାଏ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଉପାଧ୍ୟକ୍ଷ ଆଇଁସନ ଖାଁ, ମୁଖ୍ୟବକ୍ତା ଭାବେ କାଉନସିଲର ଲକ୍ଷ୍ମୀକାନ୍ତ ଦାସ, ପ୍ରଫୁଲ୍ଲ ମଣ୍ଡଳ, ମେଡିକାଲ ସମ୍ପ୍ରସାରଣ ଅଧିକାରୀ ସୁଲତାନ ଅଲ୍ଲୀ, ରବୀନ୍ଦ୍ର ପଣ୍ଡା ବକ୍ତବ୍ୟ ରଖିଥିଲେ। ଶିକ୍ଷକ ତଥା ଯୁବ ନାଟ୍ୟକାର ରାଧାରଞ୍ଜନ ଦାସ ସଭାପତିତ୍ୱ କରିଥିଲାବେଳେ ନିୟମତ ଖାଁ ଧନ୍ୟବାଦ ଦେଇଥିଲେ। ଖେଳରେ ରିୟା ଫାଇଟର ଟିମ ପ୍ରଥମ ହୋଇ ଟ୍ରଫି ସହ ପନ୍ଦର ହଜାର ଟଙ୍କା ଏବଂ ଟିମ ବେଣ୍ଡ ଟେନ ଦ୍ୱିତୀୟ ହେବା ସହ ଦଶ ହଜାର ଟଙ୍କା ପୁରସ୍କୃତ ହୋଇଥିଲେ। ଉକ୍ତ ଖେଳକୁ ରତିକାନ୍ତ ବେହେରା, ତପନ ବେହେରା, ଏସ. କେ ଛଟ୍ଟୁ, ଆଦିତ୍ୟ ଚୌଧୁରୀ ପରିଚାଳନା କରିଥିଲେ।

## ଗ୍ୟାସ କଳାବଜାରୀଙ୍କ ଉପରେ ଯୋଗାଣ ବିଭାଗର ଚଢ଼ଉ

ସୋର, ୪।୪ (ସମିସ) : ଗ୍ୟାସ ସିଲିଣ୍ଡରର ସଙ୍କଟ ଥିବା ବେଳେ କଳାବଜାରୀମାନେ ଏହାର ଫାଇଦା ଉଠାଇ ଲୋକମାନଙ୍କୁ ଠକୁଥିବା ନେଇ ବାଲେଶ୍ୱର ଜିଲା ସୋରରୁ ବାରମ୍ବାର ଅଭିଯୋଗ ଆସିବା ପରେ ଗତକାଲି ବାଲେଶ୍ୱର ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୋରରେ ଚଢ଼ାଉ କରାଯାଇଛି। ଗତକାଲି ମଧ୍ୟାହ୍ନରେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ବୁଦ୍ଧଦେବ ଜେନା, ସହାୟକ ଯୋଗାଣ ଅଧିକାରିଣୀ ଯଶୋଦା ସିଂ, ସୋର ଯୋଗାଣ ନିରୀକ୍ଷକ ଦେବାଶିଷ କର ସଦର ଯୋଗାଣ ନିରୀକ୍ଷକ ସୁଶାନ୍ତ କୁମାର ସାହୁ ଏକ ଟିମ୍ ସହ ବେଲଦା ଛକ ନିକଟରେ ଥିବା ମହାନ୍ତି ଗ୍ୟାସ ଏଜେନ୍ସିରେ ଅଚାନକ ଚଢ଼ଉ କରି ସେଠାରୁ ୧୬ଟି ଗ୍ୟାସ ଟାଙ୍କି ଓ ସୋର ପୌରାଞ୍ଚଳ ମୂଳେଶ୍ୱର ଗ୍ରାମର ଭବାନୀଶଙ୍କର ନନ୍ଦଙ୍କ ଘରେ ଚଢ଼ଉ କରି ୧୪ଟି ଗ୍ୟାସ ଟାଙ୍କି ଜବତ କରିଥିଲେ। କଳାବଜାରୀଙ୍କ ଉପରେ ଏହି ଚ?ାଉ ଆଗାମୀ ଦିନରେ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

# ନାମ୍ପୋ ହାଇସ୍କୁଲରୁ ଏନ୍‌ସିସି ଉଚ୍ଛେଦ ନେଇ ଅସନ୍ତୋଷ

ଜଳେଶ୍ୱର, ୪।୪ (ସମିସ)

- ପୁରାତନ ଛାତ୍ରଙ୍କ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ
- କାର୍ଯ୍ୟକାରୀ କରା ନ ଗଲେ ଆନ୍ଦୋଳନ ଚେତାବନୀ

ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଏନ୍‌ସିସି ଉଚ୍ଛେଦକୁ ନେଇ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ସାମରିକ ଅଧିକାରୀ ଦିଲ୍ଲୀପ କୁମାର ଦେ ଭାରତର ରାଷ୍ଟ୍ରପତି ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ସମସ୍ୟାର ସମାଧାନ କରା ନ ଗଲେ ଅଭିଭାବକ ଓ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ୧୯୫୮ ମସିହାରେ ନାମ୍ପୋ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ସ୍ଥାନୀୟ ଜନସାଧାରଣ ଓ ଅଭିଭାବକ ମାନଙ୍କର ଉଦ୍ୟମ କ୍ରମେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏନ୍‌ସିସି ଖୋଲା ଯାଇଥିଲା। ପୂର୍ବତନ ଛାତ୍ର ଦିଲ୍ଲୀପ କୁମାର ଦେ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ୧୯୭୧-୭୪ ବର୍ଷରେ ଏନ୍.ସି.ସି ନେଇ ପରବର୍ତ୍ତୀ ସମୟରେ ଇଣ୍ଡିଆନ୍ ଆର୍ମୀରେ ଚାକିରୀ କରି ଅବସର ଗ୍ରହଣ କରିସାରିଛନ୍ତି। ସେ କିଛିଦିନ ତଳେ ଏହି ବିଦ୍ୟାଳୟରୁ ଏନ୍.ସି.ସି ଉଚ୍ଛେଦ ସମ୍ପର୍କରେ ଜାଣିବାକୁ ପାଇଥିଲେ। ନିଜର ପ୍ରିୟ ବିଦ୍ୟାଳୟରେ କିପରି ପୁନର୍ବାର ଏନ୍.ସି.ସି ଖୋଲାଯାଇ ପାରିବ, ସେ ସମ୍ପର୍କରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଅନୁସନ୍ଧାନରୁ ପ୍ରକାଶ ଯେ ଉକ୍ତ ବିଦ୍ୟାଳୟରେ ଏନ୍‌ସିସି ଦାୟିତ୍ୱରେ ରହିଥିବା ତତ୍କାଳୀନ ଶିକ୍ଷକ କମଳାକାନ୍ତ ଦାଶଙ୍କ ଅବସର ପୂର୍ବରୁ ସେତେବେଳେର ପ୍ରଧାନ ଶିକ୍ଷକ ପରବର୍ତ୍ତୀ ଏନ୍.ସି.ସି ଦାୟିତ୍ୱ ପାଇଁ ଶିକ୍ଷକ ରମାକାନ୍ତ ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଶ୍ରୀ ପ୍ରଧାନ ଅବସର ଗ୍ରହଣ ପୂର୍ବରୁ କୌଣସି ଶିକ୍ଷକଙ୍କୁ ତତ୍କାଳୀନ ପ୍ରଧାନ ଶିକ୍ଷକ ଦାୟିତ୍ୱ ନ ଦେବା ଫଳରେ ୨୦୦୮ ଶିକ୍ଷା ବର୍ଷରେ ଏହି ଏନ୍.ସି.ସି ଉକ୍ତ ବିଦ୍ୟାଳୟରୁ ଉଠି ଯାଇଥିଲା।ପ୍ରାୟ ୪୦ ବର୍ଷ ଧରି ଏହି ଏନ୍.ସି.ସି ଦ୍ୱାରା ଛାତ୍ରଛାତ୍ରୀ ଲାଭବାନ ହେଉ ଥିବାବେଳେ ପ୍ରଧାନ ଶିକ୍ଷକଙ୍କ ଏପରି ନିଷ୍ପତ୍ତି ଗ୍ରାମବାସୀ ମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। ଅପରପକ୍ଷେ ଗତ ୧୬/୧/୨୪ ତାରିଖରେ ବିଜେପି ପଞ୍ଚାୟତ ସଭାପତି ଜଗଦୀଶ ପ୍ରଧାନ ଏହି ଏନ୍.ସି.ସି ଖୋଲିବା ଓ ଅନ୍ୟ ଦାବି ପୂରଣ ପାଇଁ ଅନିର୍ଦ୍ଦିଷ୍ଟ କାଳ ଆମରଣ ଅନଶନରେ ବସିଥିଲେ। ଶେଷରେ ଦାବୀ ପୂରଣ କରିବା ପାଇଁ ତତ୍କାଳୀନ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କ ଲିଖିତ ପ୍ରତିଶ୍ରୁତି ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଇତି ମଧ୍ୟରେ ୨ ବର୍ଷ ଅତିବାହିତ ହେବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେଣୁ ଶେଷରେ ଅନ୍ୟ ଉପାୟ ନ ପାଇ ଶ୍ରୀ ଦେ ଗତ ୯/୧/୨୬ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ, ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ସେଠାରେ କୌଣସି ସୁଫଳ ନ ପାଇବା ପରେ ଗତ ୧୮/୨/୨୬ ତାରିଖରେ ଭାରତର ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ପାଇଁ ୬୭ ବର୍ଷ ବୟସ୍କ ଶ୍ରୀ ଦେ ନିବେଦନ କରିଛନ୍ତି। ଆସନ୍ତା ଏକ ମାସ ମଧ୍ୟରେ ଯଦି ଏହି ଏନ୍.ସି.ସି ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ଯଦି ଖୋଲା ନ ଯାଏ, ଗ୍ରାମବାସୀମାନଙ୍କ ପକ୍ଷରୁ ଆନ୍ଦୋଳନ।।କ ପନ୍ଥା ଗ୍ରହଣ କରାଯିବ ବୋଲି ବରିଷ୍ଠ ଆଇନଜୀବୀ ସୁକୁମାର ରଣା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ଦତ୍ତ, ସମାଜସେବୀ ଜଗଦୀଶ ପ୍ରଧାନ, କେଦାରନାଥ ପରିଡ଼ା, ସତ୍ୟ ରଞ୍ଜନ ରଣା, ସୁଧୀର ଭୂୟାଁ, ବିଜୟ ପାତ୍ର, ପ୍ରଣବ ବାରିକ, ୱାର୍ଡସଭ୍ୟା ସୁନୀତା ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଚର୍ଚ୍ଚାରେ ସମ୍ବଲପୁରୀ ମ୍ୟୁଜିକ୍ ଭିଡିଓ 'ନଖରା ବାଲି'



ସମ୍ବଲପୁରୀ ମ୍ୟୁଜିକ୍ ଭିଡିଓ 'ନଖରା ବାଲି' ଏବେ ଚାରିଆଡ଼େ ଚର୍ଚ୍ଚାରେ । ସୋସିଆଲ୍ ମିଡ଼ିଆରେ ଏହାକୁ ନେଇ ଏବେ ସମସ୍ତେ ରିଲ୍ସ କରିବାରେ ବ୍ୟସ୍ତ । ଗୀତଟିରେ କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ ଓ ଅଙ୍କିତ୍ । ସେହିପରି ଭିଡିଓଟିରେ ଅଭିନେତା ସ୍ୱାଗ୍ ସାନୁଙ୍କ ସହ କୋଲକାତାର ଚର୍ଚ୍ଚିତ ଅଭିନେତ୍ରୀ ଡୋରି ଅଛନ୍ତି । ଭିଡିଓଟି ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ କୋରିଓଗ୍ରାଫି କରିଛନ୍ତି ଡି ଦୀପକ । ଏହାର ପ୍ରଯୋଜକ ଭାବରେ ଅଛନ୍ତି ରାଘବ ସ୍ୱାଇଁ । ଏହି ମ୍ୟୁଜିକ୍ ଭିଡିଓଟି ଓଡ଼ିଶା ମ୍ୟୁଜିକ୍‌ରେ ରିଲିଜ୍ ହୋଇଛି । ■

# ଛୋଟ ପରଦାରେ 'ଲାଗେ ପ୍ରେମ ନଜର'



'ଜୀ ସାର୍ଥକ' ପକ୍ଷରୁ ଦର୍ଶକଙ୍କ ପାଇଁ ଭେଟି ଦିଆଯାଉଛି ଏକ ହୃଦୟସ୍ପର୍ଶୀ ପାରିବାରିକ ଚଳଚ୍ଚିତ୍ର 'ଲାଗେ ପ୍ରେମ ନଜର' । ଆଜି ଅର୍ଥାତ୍ ଏପ୍ରିଲ୍ ୫ ତାରିଖ ଦିନ ୨ଟା ଏବଂ ପୁନର୍ବାର ସନ୍ଧ୍ୟା ୬ଟା ୩୦ ମିନିଟରେ ଏହାର ମେଗା ୱାର୍ଲ୍ଡ ପ୍ରିମିୟର ହେବ । ପ୍ରେମ, ପ୍ରତାରଣା ଏବଂ ପରିଶେଷରେ କୃତଜ୍ଞତାର ଏକ ନିଆରା ସମନ୍ୱୟ ହେଉଛି 'ଲାଗେ ପ୍ରେମ ନଜର' । ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅଭିନେତା ଅମ୍ଲାନ, ଅଭିନେତ୍ରୀ ପ୍ରିୟା ଚୌଧୁରୀ, ରିୟା ଦେ, ରାଗିଣୀ ସୁତ୍ରଧର, ରାକେଶ ଦେଓ ପ୍ରମୁଖ ନଜର ଆସିବେ । ପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିବା ଏହି ଚଳଚ୍ଚିତ୍ରକୁ ଛୋଟ ପରଦାରେ ପ୍ରଥମ ଥର ପାଇଁ ଦେଖିପାରିବେ 'ଜୀ ସାର୍ଥକ'ର ସମସ୍ତ ଦର୍ଶକ । 'ଲାଗେ ପ୍ରେମ ନଜର' କେବଳ ଏକ ସିନେମା ନୁହେଁ, ବରଂ ଏହା ସମ୍ପର୍କର ଏକ ଗଭୀର ପରୀକ୍ଷା । ଆମର ପ୍ରିୟ ଦର୍ଶକମାନେ ଚଳଚ୍ଚିତ୍ରର ଆନନ୍ଦ ନେବେ ବୋଲି ଜୀ ସାର୍ଥକର ବିଜିନେସ୍ ହେଡ୍ ରାହୁଲ ରାଓ କହିଛନ୍ତି । ■

# ଅମିତାଭଙ୍କ ଯୋଗୁଁ ଅଡୁଆରେ ଜୀନତ୍

ପରଦା ପଛର କାହାଣୀ

୧୯୭୮ ମସିହାରେ ମୁକ୍ତିଲାଭ କରିଥିଲା କ୍ଲଟ୍ କ୍ଲାସିକ୍ ଆକ୍ସନ୍ ଥ୍ରୀଲର୍ ଫିଲ୍ମ 'ଡନ୍' । ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା । ଏଥିରେ ଅମିତାଭ୍ ବଚ୍ଚନ, ଜୀନତ୍ ଅମାନ, ପ୍ରାଣ, ଇଫ୍‌ତେଖର, ହେଲେନ, ଓମ୍ ଶିବପୁରୀ ପ୍ରମୁଖ ତାରକା ଅଭିନୟ କରିଥିଲେ । ଫିଲ୍ମର କାହାଣୀ ଏକ ୱାଣ୍ଟେଡ୍ କ୍ରିମିନାଲ୍ ଉପରେ ଆଧାରିତ । ତେବେ ଏହି ସୁଟିଂ ସେଟ୍‌ରେ ଅମିତାଭଙ୍କ ପାଇଁ ଜୀନତ୍‌ଙ୍କୁ ଅଡୁଆ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିବା ନିକଟରେ ଜଣାପଡ଼ିଛି । ଫିଲ୍ମର ଏକ ଦୃଶ୍ୟରେ ଆଘାତ ଲାଗିଥିବା ଡନ୍ (ଅମିତାଭ)ଙ୍କୁ ରୋମା (ଜୀନତ) ନର୍ସ ହୋଇ ଡାକ୍ତରଖାନାରୁ ଖସିଯିବାରେ ସାହାଯ୍ୟ କରିଥିଲେ । ଏଥିରେ ଜୀନତ୍ ଅଭିନେତା ଅମିତାଭଙ୍କୁ ହ୍ୱିଲ୍‌ଚେୟାରରେ ବସାଇ ଫେରାର୍ ହୋଇଯିବାର ଥିଲା । ହେଲେ ହ୍ୱିଲ୍‌ଚେୟାର୍‌ରେ ହୃଷ୍ଟପୁଷ୍ଟ ଅମିତାଭଙ୍କୁ ବସାଇ ନେବା ଅଭିନେତ୍ରୀଙ୍କ ପାଇଁ ଖୁବ୍ କଠିନ ହୋଇପଡ଼ିଥିଲା । ଜୀନତ୍ ଅମାନ ନିଜେ 'ଡନ୍'ର ଏକ ଭିଡିଓ ପୋଷ୍ଟ କରି ଏହା ପ୍ରକାଶ କରିଛନ୍ତି । ସେ ଲେଖିଛନ୍ତି ଅମିତାଭ ବଚ୍ଚନଙ୍କ ଓଜନିଆ ଶରୀର ସହ ପୁରୁଣା ହ୍ୱିଲ୍‌ଚେୟାର୍ ଚଳାଇବା ତାଙ୍କ ପାଇଁ ଖୁବ୍ କଷ୍ଟକର ଥିଲା । ଏଥିରେ ତାଙ୍କୁ ମୁହଁରେ ମଧ୍ୟ କଷ୍ଟ ହେଉଥିବାର କୌଣସି ଭାବଭଙ୍ଗୀ ଦେଖାଇବାର ନଥିଲା । ତେଣୁ ଚେୟାର୍‌କୁ ଠେଲିବା ପାଇଁ ତାଙ୍କୁ ଅଧିକ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା । ଅବଶ୍ୟ ଡନ୍ ଫିଲ୍ମରେ କାମ କରିବା ଜୀନତ୍‌ଙ୍କ ପାଇଁ ଏତେ କଠିନ ନଥିଲା । କାରଣ ସେ ପୂର୍ବରୁ ଅମିତାଭ ବଚ୍ଚନ ଏବଂ ଅନ୍ୟ କ୍ରିଉ ମେମ୍ବରଙ୍କ ସହ କାମ କରିସାରିଥିଲେ । ଏଥିସହ ସେ 'ଡନ୍' ଫିଲ୍ମରେ ଅଭିନୟ କରିବା ପାଇଁ କାହିଁକି ରାଜି ହୋଇଥିଲେ ତାହା ମଧ୍ୟ ଉଲ୍ଲେଖ କରିଛନ୍ତି । ଜୀନତ୍‌ଙ୍କ କହିବାନୁଯାୟୀ ତାଙ୍କୁ ସର୍ବଦା ନିର୍ଭୟ, ସାହସୀ ଏବଂ ସ୍ମାର୍ଟ ମହିଳାର ଭୂମିକା ପସନ୍ଦ । 'ରୋମା' ଚରିତ୍ରରେ ସେ ସବୁ ରହିଥିଲା । ତେଣୁ ରୋମା ଚରିତ୍ର ପାଇଁ ଅଭିନୟ କରିବା ତାଙ୍କ ପାଇଁ ସୌଭାଗ୍ୟ ଥିଲା । ୧୯୭୮ ମସିହାରେ ସର୍ବାଧିକ ଆୟ କରିଥିବା ଫିଲ୍ମ ମଧ୍ୟରୁ 'ଡନ୍' ଅନ୍ୟତମ । ଏଥିରେ ଅମିତାଭ ବଚ୍ଚନ ଦ୍ୱୈତ ଭୂମିକାରେ ଅଭିନୟ କରିଥିଲେ । ଫିଲ୍ମର କାହାଣୀ ସଲିମ୍ ଯାବେଦ ଲେଖିଥିଲେ । ■



# ମନମୋହିଲା 'ଆଫା'



ଏକ ସାଧାରଣ ପରିବାରର ଅସାଧାରଣ କାହାଣୀକୁ ନେଇ ବଡ଼ ପରଦାକୁ ଆସିଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଆଫା' - ଲାଇଫ୍ ଆଫ୍ଟର୍ ଲାଇଫ୍ । ଏପ୍ରିଲ୍ ୩ ତାରିଖରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ ପରେ ଏହି ଫିଲ୍ମଟି ସିନେ ଦର୍ଶକଙ୍କ ମନକୁ ଛୁଇଁ ପାରିଛି । ବାପା, ମା', ଜେଜେବାପା ଓ ଝିଅକୁ ନେଇ ଗଢ଼ା ଏହି ପରିବାରର କାହାଣୀକୁ ଦେଖିଲେ ପ୍ରତ୍ୟେକ ଦର୍ଶକଙ୍କୁ ଏହା ନିଜର କାହାଣୀ ବୋଲି ମନେ ହେବ । ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ସୁନାମଧନ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ ସୁକନ୍ୟା ଅନମୋଲ ପତି ନିଜର ଅଭିନୟ ଯାତ୍ରା ଆରମ୍ଭ କରିଛନ୍ତି । ଅନ୍ୟାନ୍ୟ ମୁଖ୍ୟ ଭୂମିକାରେ ବରିଷ୍ଠ ଅଭିନେତା କୁନା ତ୍ରିପାଠୀ, ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ସିଦ୍ଧାର୍ଥ ତିୱାରୀ, ଶିଶୁ କଳାକାର ମିଭାନ୍ ସିଦ୍ଧାର୍ଥ ତିୱାରୀଙ୍କ ସମେତ ବହୁ ନାମୀ କଳାକାର ଅଭିନୟ କରିଛନ୍ତି । ପ୍ରୀତିରାଜ ଶତପଥୀ ଓ ନୈନା ଦାଶ ତିୱାରୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରକୁ ପ୍ରୀତିରାଜ ଶତପଥୀଙ୍କ ନିର୍ଦ୍ଦେଶନାରେ ସହ-ନିର୍ଦ୍ଦେଶନା ଦେଇଛନ୍ତି ରାଜେଶ କୁମାର ବାରିକ ଓ କ୍ରିଷ୍ଣା । ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ଅଭିନେତା କୁନା ତ୍ରିପାଠୀ । ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଏବଂ ଗୀତିକାର ବାପୁ ଗୋସ୍ୱାମୀ ଓ ଦିବ୍ୟ କୁମାର ସାହୁଙ୍କ ମିଳିତ ପ୍ରୟାସରେ ପ୍ରସ୍ତୁତ ଗୀତଗୁଡ଼ିକରେ ଦୀପ୍ତିରେଖା ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ଶଶାଙ୍କ ଶେଖର ପ୍ରମୁଖ କଣ୍ଠଦାନ କରିଛନ୍ତି । ଚଳଚ୍ଚିତ୍ରର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ । ବିଶ୍ୱଜିତ୍ କୁଲଡିଙ୍କ ଚିତ୍ତାକର୍ଷକ ସିନେମାଟୋଗ୍ରାଫି ଦର୍ଶକଙ୍କୁ ବାନ୍ଧି ରଖିଛି । ■

# ଏପ୍ରିଲ୍ ୧୭ରେ 'ବିନ୍ଦୁସାଗର'



ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର' ଚଳିତ ମାସ ୧୭ ତାରିଖରେ ସାରା ଦେଶରେ ମୁକ୍ତିଲାଭ କରିବାକୁ ଯାଉଛି । ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ସୁନ୍ଦର ସମ୍ମିଶ୍ରଣ ସହ 'ବିନ୍ଦୁସାଗର' ଏକ ଏମିତି କାହାଣୀ ନେଇ ଆସୁଛି, ଯାହା ଦର୍ଶକଙ୍କୁ ସିନେମା ସହିତ ଗଭୀର ଭାବେ ଯୋଡ଼ି ରଖିବ । ଫିଲ୍ମଟି ରିଲିଜ୍ ପୂର୍ବରୁ ଡିଜିଟାଲ୍ ମାଧ୍ୟମରେ ବ୍ୟାପକ ପ୍ରଭାବ ପକାଇ ପାରିଛି । ଟିଜର୍ ଓ ସଙ୍ଗୀତ ଦର୍ଶକମାନଙ୍କ ଭିତରେ ବିଶେଷ ଆକର୍ଷଣ ସୃଷ୍ଟି କରିବାରେ ସମର୍ଥ ହୋଇଛି । ବିଶେଷ କରି ଗାୟକ ହ୍ୟୁମାନ୍ ସାଗରଙ୍କ କଣ୍ଠରେ 'ଟାଙ୍ଗାରେ...' ଗୀତଟି ବର୍ତ୍ତମାନ ଟ୍ରେଣ୍ଡିଂରେ ରହିବା ସହିତ ଶ୍ରୋତାମାନଙ୍କ ହୃଦୟ ଜିତୁଛି । ଫିଲ୍ମରେ ରହିଛି ମୋଟ ନଅ'ଟି ଗୀତ । ଯେଉଁଥିରେ ହ୍ୟୁମାନ ସାଗର, ସୌରଭ ଭରଦ୍ୱାଜ, ଅନ୍ତରା ଚକ୍ରବର୍ତ୍ତୀ, କୁଲଦୀପ ପଟ୍ଟନାୟକ, ଅନନ୍ୟା ଶ୍ରୀତମ ନନ୍ଦ, ଅସୀମା ପଣ୍ଡା ଓ ଆଶିଷ ପ୍ରଧାନ କଣ୍ଠଦାନ କରିଛନ୍ତି । ମହାଦେବ ରାଉତଙ୍କ ସ୍ୱର ସଂଯୋଜନାରେ ଗୀତଗୁଡ଼ିକ ମନଛୁଆଁ ହୋଇ ପାରିଛି । ଏହି ଫିଲ୍ମରେ ଦ୍ୱୀପାନ୍ୱିତ, ପ୍ରକୃତି, ସୋନାଲି ଶର୍ମିଷ୍ଠା, ସତ୍ୟ ରଞ୍ଜନ, ସୁକାନ୍ତ ରଥ ଓ ରବିନ ଦାସ ପ୍ରମୁଖ ନଜର ଆସିବେ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ । 'ପ୍ଲାଟୁନ ୱାନ୍ ଫିଲ୍ମସ୍'ର ଶିଳାଦିତ୍ୟ ବୋରା, 'ବାଉଣ୍ଡଲେସ୍ ବ୍ଲାକ୍‌ବଜ ଫିଲ୍ମ'ର ବିନୟ ରେଡ୍ଡୀ ଓ ଶୁଭ ଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ 'ଏମ୍‌ଡିସି ଫିଲ୍ମ ୱାର୍କସ୍'ର ନିଖିଳ ଚୌଧୁରୀଙ୍କ ମିଳିତ ସହଯୋଗରେ ନିର୍ମିତ ହୋଇଛି ଫିଲ୍ମ 'ବିନ୍ଦୁ ସାଗର' । 'ବିନ୍ଦୁ ସାଗର' ଦର୍ଶକଙ୍କ ମନମୋହିବ ବୋଲି ପ୍ରଯୋଜନା ସଂସ୍ଥା ଆଶା କରିଛି । ■

## ସାକ୍ଷାତକାର

# 'ଅଭିନୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ରହିବା ଦରକାର'



ପ୍ରଭାସିନୀ ଜେନା, ଅଭିନେତ୍ରୀ

ମା'ଙ୍କର ଇଚ୍ଛା ଥିଲା ଝିଅ ଜଣେ ଆଗଧାଡ଼ିର ଅଭିନେତ୍ରୀ ହେଉ । ମା'ଙ୍କ ସ୍ୱପ୍ନ ପୂରା କରିବାକୁ ଝିଅ ସ୍କୁଲ ପଢ଼ା ସମୟରୁ ନୃତ୍ୟରେ ନିଜର ପ୍ରତିଭାକୁ ପ୍ରଦର୍ଶିତ କରିଥିଲେ । ଏହା ପରେ ସେ ଅଡିସନ୍ ଦେଇ ଧାରାବାହିକ 'ରାନୀ'ରେ ଅଭିନୟ ଆରମ୍ଭ କଲେ । ସେ ଏକାଧିକ ଧାରାବାହିକରେ କାମ କରିଛନ୍ତି । ନିଜର ଚମତ୍କାର ଅଭିନୟ ଦ୍ୱାରା ଦର୍ଶକଙ୍କ ହୃଦୟ ଜିଣିଥିବା ଏହି ଉଦୀୟମାନ ଅଭିନେତ୍ରୀ ଜଣକ ହେଉଛନ୍ତି କେନ୍ଦୁଝରର ପ୍ରଭାସିନୀ ଜେନା । 'ସୀମା' ନାଁରେ ସେ ଲୋକପ୍ରିୟ । ଧାରାବାହିକ 'ସୁନୟନା'ର ସୁନୟନା ଚରିତ୍ର ପାଇଁ ସେ ଘରେ ଘରେ ପରିଚିତ । ତେବେ ଅଭିନୟ କ୍ଷେତ୍ରରେ ତିଷ୍ଠି ରହିବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ ।

**ଅଭିନୟ ଯାତ୍ରା କେବେଠୁ ଆରମ୍ଭ ହେଲା?**

- ଅଭିନେତ୍ରୀ ହେବା ମୋର ସ୍ୱପ୍ନ ନଥିଲା । ଏହି ସ୍ୱପ୍ନ ମୋ ମା' ଦେଖିଥିଲେ । ତାଙ୍କ ସ୍ୱପ୍ନକୁ ପୂରା କରିବାକୁ ସ୍କୁଲରେ ପଢ଼ିବା ସମୟରେ ନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିଲି । ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ଗ୍ରହଣ କରିଛି । ସମୟକ୍ରମେ ଏହି ସାହସ ମୋତେ ଅଭିନେତ୍ରୀ ହେବାକୁ ସୁଯୋଗ ଦେଇଥିଲା । ବିଭିନ୍ନ ସ୍ଥାନରେ ଅଡିସନ୍ ଦେଲି । 'ରାନୀ' ଧାରବାହିକ ମୋର ପ୍ରଥମ ଧାରାବାହିକ । ଏଥିରେ ମୁଁ ନାୟିକାର ବାନ୍ଧବୀ ସନ୍ଧ୍ୟା ଭାବେ ଅଭିନୟ ଆରମ୍ଭ କରିଥିଲି । ଏହାପରେ 'ରହିଛି ରହିବି ତୋରି ପାଇଁ', 'ତୋ ପାଇଁ ମୁଁ ମୋ ପାଇଁ ତୁ', 'ସୁନୟନା', 'ଗୌରୀ' ଆଦି ଧାରବାହିକରେ ଅଭିନୟ କରିବାର ସୁଯୋଗ ମିଳିଛି ।

**କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା କି?**

- ପ୍ରଥମ ଥର କ୍ୟାମେରାକୁ ସାମ୍ନା କରିଲେ ଭୟ ଲାଗିବା ସାଧାରଣ କଥା । ହେଲେ ମୁଁ ଏଥିରୁ ବ୍ୟତିକ୍ରମ । କାରଣ ମୁଁ ଯେତେ ବି ମେଗା ଧାରିବାହିକରେ କାମ ଆରମ୍ଭ କରିଛି ପ୍ରତିଟି ଥର କ୍ୟାମେରାକୁ ସାମ୍ନା କଲେ ଭୟ ଥାଏ । ହେଲେ ସୁନୟନା ଚରିତ୍ରରେ ଅଭିନୟ କଲା ସମୟରେ ମୋର ସେହି ଡର ଛାଡ଼ି ଯାଇଥିଲା ।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

- ଆମ ଘରେ ପିଲାଙ୍କୁ କାହାକୁ ଫୋନ୍ ଦିଆଯାଏ ନାହିଁ । ଏ ଲାଇନ୍‌କୁ ଆସିବା ପରେ ବି ମୋ' ପାଖେ ଫୋନ୍ ନ ଥିଲା । ତେଣୁ ପ୍ରଥମ ପାରିଶ୍ରମିକରୁ କିଛି ପଇସା ଘରକୁ ଦେଇଥିଲି । ନିଜ ପାଇଁ ପ୍ରଥମ ଥର ପାଇଁ ଏକ ଫୋନ୍ କିଣିଥିଲି ।

**ମୁଖ୍ୟ ଚରିତ୍ରରେ କାମ ମିଳିବା ପରେ କେତେ ଖୁସି ଥିଲେ?**

- ଆରମ୍ଭରୁ ତିନି ଚାରିଟି ଧାରାବାହିକରେ ସେକେଣ୍ଡ ଲିଡ୍‌ରେ କାମ କରିଥିଲି । ହେଲେ ଏହାରି ଭିତରେ ମୋ କାମକୁ ଦେଖି 'ସୁନୟନା' ନିର୍ମାତା ମୋତେ ସେହି ଧାରାବାହିକରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ । ଏହି ଖବର ମୋତେ ବହୁତ ଖୁସି ଦେଇଥିଲା । ଅଭିନୟ କ୍ଷେତ୍ରରେ ଆଗକୁ ବଢ଼ିବାକୁ ଭରପୂର ସୁଯୋଗ ମଧ୍ୟ ଦେଇଛି ।

**'ସୁନୟନା'କୁ ନେଇ କ'ଣ କହିବେ?**

- ପ୍ରଭାସିନୀ ଯେମିତି ଜଣେ ଟିପିକାଲ୍ ଗାଉଁଲି ଝିଅ, ସୁନୟନା ଚରିତ୍ର ବି ସମାନ ଥିଲା । ସୁନୟନା ପ୍ରଭାସିନୀ ପରି ବହୁତ ସାଧାସିଧା, ଗଛ ଚଢ଼ିବାଠୁ ପହଁରିବା, ଠାକୁର ପୂଜା କରିବା ଆଦି ସବୁ କ୍ଷେତ୍ରରେ ସେ ପାରଙ୍ଗମ । ସୁନୟନା ଚରିତ୍ରକୁ ଦର୍ଶକ ବହୁତ ଭଲପାଇବା ଦେଇଛନ୍ତି । ହେଲେ ଦୁର୍ଭାଗ୍ୟବଶତଃ ମୋର ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଏହି କିଛି ଦିନ ହେବ ଧାରାବାହିକରୁ ଦୂରେଇ ଯାଇଛି ।

**ସୁଟିଂ ସେଟ୍‌ର ସ୍ମରଣୀୟ ମୁହୂର୍ତ୍ତ?**

- ଯେଉଁଦିନ ମୁଁ ସୁନୟନା ଧାରାବାହିକରୁ କାମ ଛାଡୁଥିଲି, ମୋର ସହକଳାକାର ତଥା ଯେଉଁମାନଙ୍କ ସହିତ ବହୁତ ମିଶିଥିଲି ସେମାନଙ୍କ ଆଖିରେ ମୋ ପ୍ରତି ଥିବା ଇମୋସନ୍, ଆତ୍ମୀୟତାକୁ ମୁଁ କେବେ ବି ଭୁଲି ପାରିବିନି ।

**ଫାଙ୍କା ସମୟରେ ସୀମା କ'ଣ କରନ୍ତି?**

- ସେଟ୍‌ରେ ସମସ୍ତଙ୍କ ସହିତ ମଜାମସ୍ତି କରେ । ଗାଁ'ର କିଛି ପୁରୁଣା ଖେଳ ଖେଳେ ।

**ଆଗକୁ ଯୋଜନା କ'ଣ ରହିଛି?**

- ବର୍ତ୍ତମାନ ସରକାରୀ ଚାକିରି ପାଇଁ ମୁଁ ପ୍ରସ୍ତୁତି କରୁଛି । ଭବିଷ୍ୟତରେ ଭଲ କାହାଣୀ ଓ ଚରିତ୍ର ମିଳିଲେ ନିଶ୍ଚୟ କରିବି ।

**ନୂଆ ପିଲାଙ୍କୁ କ'ଣ କହିବେ?**

- ଭଲ କଳାକାରଟିଏ ହେବାକୁ ହେଲେ, ସବୁବେଳେ ଅଭିନୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ରହିବା ଦରକାର । ତା'ସହିତ ଶୃଙ୍ଖଳିତ ରହି କୌଣସି କଥାକୁ ଶିଖିବା ମନୋବୃତ୍ତି ରଖିବା ଗୁରୁତ୍ୱ ବହନ କରେ । ଏସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ■



# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## ୱାର୍ଲ୍ଡ ଆର୍ଚରୀ ପାରା ସିରିଜ୍

# ଓଡ଼ିଶାର ପାୟଲଙ୍କୁ ସ୍ୱର୍ଣ୍ଣପଦକ

ଭୁବନେଶ୍ୱର,୪।୪(ସମିସ)

ଓଡ଼ିଶାର ପାୟଲ ନାଗ୍ ଥାଇଲାଣ୍ଡରେ ଚାଲିଥିବା ୱାଲର୍ଡ ଆର୍ଚରୀ ପାରା ସିରିଜ୍‌ରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ମହିଳା ପାରା କମ୍ପାଉଣ୍ଡ ଇଣ୍ଡିଭିଜୁଆଲ ଫାଇନାଲରେ ସେ ଅଲିମ୍ପିକ୍ କାଂସ୍ୟ ପଦକ ବିଜେତା ଶିତଲ ଦେବୀଙ୍କୁ ପରାସ୍ତ କରି ଏହି ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଏହା ଫଳରେ ଓଡ଼ିଶାର ପାୟଲ ତୀରନ୍ଦାଜିରେ ଏକ ବଡ଼ ତାରକା ଭାବେ ଉଭା ହୋଇଛନ୍ତି। ଅନ୍ତର୍ଜାତୀୟସ୍ତରରେ ବିଶ୍ୱର ଶ୍ରେଷ୍ଠ ପାରା ଆର୍ଚର ବିବେଚିତ ଜଣେ ଅଲିମ୍ପିକ୍ ପଦକ ବିଜେତାଙ୍କୁ ଫାଇନାଲ ମୁକାବିଲାରେ ହରାଇ ଚାମ୍ପିଅନ ହେବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ। ଫାଇନାଲରେ ପାୟଲ ୧୩୯-୧୩୬ ପଏଣ୍ଟରେ ଶିତଲଙ୍କୁ ପରାସ୍ତ କରିଥିଲେ। ଗତକାଲି ପାୟଲ ଓ ଶିତଲ ମହିଳା କମ୍ପାଉଣ୍ଡ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଉଭୟ ଟୁର୍ଣ୍ଣାମେଣ୍ଟ ସାରା ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତର ଏହି ଦୁଇ ପାରା ଆର୍ଚର ଆଜି ଅନୁଷ୍ଠିତ ଫାଇନାଲରେ କାଜାଖସ୍ତାନର ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୫୦-୧୪୭ ପଏଣ୍ଟରେ ପରାସ୍ତ କରିଥିଲେ। ଉଭୟଙ୍କର ଜନ୍ମରୁ ହାତ ନ ଥିବା ବେଳେ କଠିନ ପରିଶ୍ରମ, ନିଷ୍ଠା ଓ ଦୃଢ଼ ମାନସିକତା ବଳରେ ସଫଳତାର ଶିଖରରରେ ପହଞ୍ଚିବାରେ ସମର୍ଥ ହୋଇଛନ୍ତି। ଉଭୟ





ଶୀତଲ ଓ ପାୟଲଙ୍କ ଇଚ୍ଛାଶକ୍ତି ନିକଟରେ ସେମାନଙ୍କ ଶାରିରୀକ ଅକ୍ଷମତା ହାର ମାନିଛି। ପାୟଲଙ୍କ ସଫଳତା ଓଡ଼ିଶାର କ୍ରୀଡ଼ା ଜଗତରେ ଆନନ୍ଦର ଲହରୀ ଖେଳାଇଦେଇଛି। ପାୟଲଙ୍କ ରୂପରେ ଓଡ଼ିଶା ଜଣେ ବିଶ୍ୱ ଚାମ୍ପିଅନଙ୍କୁ ଏବେଠାରୁ ଦେଖିବାକୁ ପାଇଛି। ଏହି ସଫଳତା ଲାଗି ତାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।

## ସମୀର ରିଜ୍‌ଭୀଙ୍କ କ୍ରମାଗତ ଅର୍ଦ୍ଧଶତକ

# ମୁମ୍ବାଇକୁ ହରାଇଲା ଦିଲ୍ଲୀ

ଦିଲ୍ଲୀ,୪।୪(ଏଜେନ୍ସି): ଯୁବ ଖେଳାଳି ସମୀର ରିଜଭୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସହାୟତାରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଚଳିତ ଆଇପିଏଲ୍‌ର ପ୍ରଥମ ଦୁଇଟି ଲିଗ୍ ମ୍ୟାଚ୍‌ରେ କ୍ରମାଗତ ବିଜୟ ହାସଲ କରିଛି। ଏହି ମ୍ୟାଚ ଜିତିବାକୁ ମୁମ୍ବାଇ ଘରୋଇ ଟିମ୍ ଦିଲ୍ଲୀ ଆଗରେ ୧୬୩ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ ସମୀର ରିଜଭୀଙ୍କ ୯୦ ଓ ପାଥୁମ ନିଶାଙ୍କାଙ୍କ ୪୪ ରନ୍ ସହାୟତାରେ ୧୧ଟି ବଲ ବାକିଥାଇ ୬ ୱିକେଟରେ ଜିତିନେଇଥିଲା। ସେହିପରି ଏଲଏସ୍‌ଜି ବିପକ୍ଷ ପ୍ରଥମ ଲିଗ୍ ମ୍ୟାଚ୍‌ରେ ସମୀର ଅପରାଜିତ ୭୦ ରନ୍ କରି ଦିଲ୍ଲୀକୁ ଜିତାଇଥିଲେ। ଉଭୟ ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ଉଭୟ ଦଳ ପ୍ରଥମ ୧୦ ଓଭରରେ ସମାନ ପ୍ରଦର୍ଶନ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ପାୱାର ପ୍ଲେ'ରେ (ରିକେଲଟନ-ତିଲକ) ଓ ଦିଲ୍ଲୀ କ୍ୟାପିଟାଲ୍ସ (ରାହୁଲ-ରାଣା)ଙ୍କ ୱିକେଟ ହରାଇଥିଲା। ଓପନର ରୋହିତ ଶର୍ମାଙ୍କ ୩୫ ରନ୍ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଉଥିବା ସୂର୍ଯ୍ୟକୁମାର ଯାଦବଙ୍କ ୩୬ ବଲ୍‌ରେ ୫୧ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟରେ ୧୬୨ ରନ୍ କରିଥିଲା। ଜବାବରେ ଓପନର ପାଥୁମ ନିଶାଙ୍କା ୪୪ ଓ ଇମ୍ପାକ୍ଟ ପ୍ଲେୟର ସମୀର ୯୦ ରନ୍ କରିବା ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ୧୮.୧ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ୧୬୩ ରନ୍‌ର ଟାର୍ଗେଟକୁ ପିଛା କରି ଦ୍ୱିତୀୟ ଓଭରରେ ଦଳ ୭ ରନ୍‌ରେ ୨ ୱିକେଟ ହରାଇଥିଲା। ଏହି ସମୟରେ ବ୍ୟାଟିଂ କରିବାକୁ ଆସି ସମୀର ତୃତୀୟ ୱିକେଟରେ ନିଶାଙ୍କାଙ୍କ ୪୯ ବଲ୍‌ରୁ ୬୬ ଓ ଚତୁର୍ଥ ୱିକେଟରେ ଡେଭିଡ ମିଲରଙ୍କ ସହ ୩୯ ବଲ୍‌ରୁ ୭୮ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ମ୍ୟାଚ୍ ଜିତିବାକୁ ୧୨ରନ୍ ବାକିଥିଲାବେଳେ ଏକ ଅନାବଶ୍ୟକ ବଡ଼ ସଟ୍ ଖେଳିବାକୁ ଯାଇ ସମୀର ଆଉଟ ହୋଇଥିଲେ। ସେ ୫୧ବଲ୍ ଖେଳି ୭ଟି ଲେଖାଏଁ ଚୌକା ଓ ଛକା ମାରିଥିଲେ।



### ସଂକ୍ଷିପ୍ତ ସ୍କୋର

ମୁମ୍ବାଇ ଇଣ୍ଡିଆନ୍ସ : ୧୬୨/୬, ୨୦ ଓଭର (ସୂର୍ଯ୍ୟକୁମାର-୫୧, ରୋହିତ-୩୫, ନମନ-୨୮, ମୁକେଶ କୁମାର-୨/୨୬)।

ଦିଲ୍ଲୀ କ୍ୟାପିଟାଲ୍ସ : ୧୬୪/୪, ୧୮.୧ ଓଭର (ରିଜ୍‌ଭୀ- ୯୦, ନିଶାଙ୍କା-୪୪, ମିଲର-୨୧*, ଦୀପକ-୧/୨୦)।

## ନ୍ୟୁଜିଲାଣ୍ଡ ମହିଳା ଦଳର ସିରିଜ୍ କବ୍‌ଜା

ୱେଲିଂଟନ,୪।୪(ଏଜେନ୍ସି): ମ୍ୟାଡ୍ଡୀ ଗ୍ରୀନ୍‌ଙ୍କ ଅପରାଜିତ ୧୪୧, ବ୍ରୁକ୍ ହ୍ୟାଲିଡେଙ୍କ ୯୮ ରନ୍ ଓ ରୋଜ୍‌ମେରୀ ମେୟାରଙ୍କ ୫ ୱିକେଟ ଅକ୍ତିଆର ବଳରେ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ୬୬ ରନ୍‌ରେ ବିଜୟୀ ହୋଇଛି। ଏହା ଫଳରେ ଘରୋଇ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତିନେଇଛି। ଦଳର ଯୁବ ବ୍ୟାଟର ମ୍ୟାଡ୍ଡୀ ଗ୍ରୀନ୍‌ଙ୍କୁ ତୃତୀୟ ମ୍ୟାଚ୍‌ର ଓ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପୂର୍ବରୁ ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ନ୍ୟୁଜିଲାଣ୍ଡ ୪-୧ ବ୍ୟବଧାନରେ ଜିତିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ୩୦୭ ରନ୍ କରିଥିଲା। ଜବାବ୍‌ରେ ଦ.ଆଫ୍ରିକା ୨୪୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

# ୱାର୍ଲ୍ଡ ଟିମ୍ ଚେସ୍‌ରେ ଭାଗନେବେ କିସ୍‌ର ୪ ଖେଳାଳି



ଭୁବନେଶ୍ୱର,୪।୪(ସମିସ): ଓଡ଼ିଶା ଲାଗି ଗର୍ବର ମୁହୂର୍ତ୍ତ। କାଜାଖସ୍ଥାନର ଆଲମାଟିରେ ଏପ୍ରିଲ ୬ରୁ ୧୧ ତାରିଖଯାଏ ଖେଳାଯିବାକୁ ଥିବା ୧୪ ବର୍ଷରୁ କମ୍ ଆଇଏସ୍‌ସିଏଫ୍ ୱାର୍ଲ୍ଡ ଟିମ୍ ଚେସ୍‌ରେ ଭାଗନେବାକୁ କିସ୍‌ର ୪ଜଣ ଖେଳାଳି ମନୋନୀତ ହୋଇଛନ୍ତି। ପ୍ରଥମଥର ଲାଗି ୪ଜଣ ଆଦିବାସୀ ଖେଳାଳି ଏଭଳି ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେଇ ଓଡ଼ିଶାର ଗୌରବ ବଢ଼ାଇଛନ୍ତି। ସେମାନେ ସମେସ୍ତ କିସ୍‌ରେ ରହି ପାଠ ପଢୁଛନ୍ତି ଟିମ୍ ଇଣ୍ଡିଆ ୱାଇଲ୍ଡ କାର୍ଡ ଏଣ୍ଟ୍ରିରେ ଏହି ପ୍ରତିଯୋଗିତାରେ ଭାଗନେଉଛି। ଏହି ୪ଜଣ ଖେଳାଳି ହେଲେ ମୋହିନୀ ନାଏକ, ମୋନାଲିସା ଭୋଇ, ଶ୍ରୀୟା ନାୟକ ଓ ହୁମେଶ୍ୱରୀ ମଲ୍ଲିକ। କିସ୍‌ର ଗୌରହରି ମହାପାତ୍ରଙ୍କୁ ଟିମ୍ ଇଣ୍ଡିଆର ହେଡ୍ କୋଚ୍ ଓ କିଟ୍‌ର ଜଏଣ୍ଟ ଡାଇରେକ୍ଟର ରଶ୍ମିତା ମହାନ୍ତିଙ୍କୁ ଏହି ଟିମ୍‌ର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। କିଟ୍ ପକ୍ଷରୁ ଏହି ଟିମ୍‌ର ସମସ୍ତ ଖର୍ଚ୍ଚ ବହନ କରାଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଓ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅଧିନାୟକ ଆହତ: ଖେଳିଲେନି ପାଣ୍ଡ୍ୟା, ଗିଲ୍

ନୂଆଦିଲ୍ଲୀ/ଅହମଦାବାଦ, ୪।୪ (ଏଜେନ୍ସି): ଶନିବାର ଆଇପିଏଲ୍‌ରେ ଦୁଇଟି ମ୍ୟାଚ୍ ଖେଳା ଯାଇଥିଲା। ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସ ଅଧିନାୟକ ହାର୍ଦିକ ପାଣ୍ଡ୍ୟା ଖେଳିନଥିଲେ। ସୂର୍ଯ୍ୟକୁମାର ଯାଦବ ଦଳର ନେତୃତ୍ୱ ନେଇଥିବା ବେଳେ ମୁମ୍ବାଇ ପରାସ୍ତ ହୋଇଥିଲା। ଶନିବାର ସନ୍ଧ୍ୟାରେ ରାଜସ୍ଥାନ ରୟାଲ୍‌ସ ବିପକ୍ଷରେ ଗୁଜରାଟ ଟାଇଟାନ୍‌ସର ଅଧିନାୟକ ଶୁବମନ ଗିଲ୍ ଖେଳିନଥିଲେ। ତାଙ୍କ ସ୍ଥାନରେ ଲେଗ୍‌ସ୍ପିନର ରସିଦ୍ ଖାଁ ଗୁଜରାଟର ନେତୃତ୍ୱ ନେଇଥିଲେ। ଟସ୍ ପରେ ରସିଦ୍ କହିଥିଲେ ହେଁ ମାଂସପେଶୀ ଟାଣି ହୋଇ ଯାଇଥିବାରୁ ଗିଲ୍ ଖେଳୁନାହାନ୍ତି। ସେ ଶୀଘ୍ର ସୁସ୍ଥ ହୋଇଯିବେ। ଗିଲ୍‌ଙ୍କ ସ୍ଥାନରେ ଗୁଜରାଟର ଚୂଡ଼ାନ୍ତ ଏକାଦଶରେ ଝାଡ଼ଖଣ୍ଡର ଯୁବ ୱିକେଟ୍ ରକ୍ଷକ ବ୍ୟାଟ୍‌ସମ୍ୟାନ କୁମାର କୁଶାଗ୍ର ଖେଳିଥିଲେ।

## ଆଇପିଏଲ୍‌ରେ କୁଲଦୀପ ଯାଦବଙ୍କ ଶତକୀୟ ମ୍ୟାଚ୍

ନୂଆଦିଲ୍ଲୀ, ୪।୪ (ଏଜେନ୍ସି): ଭାରତୀୟ ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବ ୧୦୦ ଆଇପିଏଲ୍ ମ୍ୟାଚ୍ ଖେଳିବାର କୃତିତ୍ୱ ହାସଲ କରିଛନ୍ତି। ଶନିବାର ମୁମ୍ବାଇ ଇଣ୍ଡିଆନ୍‌ସ ବିପକ୍ଷ ମ୍ୟାଚ୍ ଦିଲ୍ଲୀ କ୍ୟାପିଟାଲ୍‌ସର କୁଲଦୀପଙ୍କ ୧୦୦ତମ ଆଇପିଏଲ୍ ମ୍ୟାଚ୍ ଥିଲା। ଏହି ମ୍ୟାଚ୍‌ରେ ୩୧ ବର୍ଷ ବୟସ୍କ କୁଲଦୀପ ୩ ଓଭରରୁ ୩୧ ରନ୍ ଦେଇ ୱିକେଟ୍ ପାଇନଥିଲେ। ଅଦ୍ୟାବଧି କୁଲଦୀପ ୧୦୦ ଆଇପିଏଲ୍ ମ୍ୟାଚ୍‌ରୁ ୧୦୪ଟି ୱିକେଟ୍ ନେଇଛନ୍ତି। ସେ ଚାରି ଥର ଏକ ଇନିଂସରେ ୪ କିମ୍ବା ଅଧିକ ୱିକେଟ୍ ନେଇଛନ୍ତି। ୨୦୨୨ ସଂସ୍କରଣରେ କୁଲଦୀପ ସର୍ବାଧିକ ୨୧ଟି ୱିକେଟ୍ ନେଇଥିଲେ। କୁଲଦୀପ ଦିଲ୍ଲୀ କ୍ୟାପିଟାଲ୍‌ସ ପାଇଁ ଖେଳିବା ଆରମ୍ଭକରି ମୁମ୍ବାଇ ଇଣ୍ଡିଆନ୍‌ସ ଓ କୋଲକାତା ନାଇଟ୍ ରାଇଡର୍ସ ପାଇଁ ଖେଳିଛନ୍ତି। ଗତବର୍ଷ କୁଲଦୀପ ଦିଲ୍ଲୀ କ୍ୟାପିଟାଲ୍‌ସ ପାଇଁ ସର୍ବାଧିକ ୧୫ଟି ୱିକେଟ୍ ନେଇଥିଲେ। ୨୦୨୪ରେ ଭାରତ ଟି-୨୦ ବିଶ୍ୱକପ୍ ଜିତିଥିବା ବେଳେ ସ୍ପିନରଙ୍କ ମଧ୍ୟରେ କୁଲଦୀପ ସର୍ବାଧିକ ୱିକେଟ୍ ନେଇଥିଲେ।

# ସୁପର କିଙ୍ଗ୍‌ସକୁ ହରାଇଲା କିଙ୍ଗ୍‌ସ

ଚେନ୍ନଇ,୪।୪(ଏଜେନ୍ସି): ଶ୍ରେୟସ ଆୟର ଓ ତାଙ୍କ ବ୍ରିଗେଡ୍‌ର ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ଆଇପିଏଲ୍‌ର ୭ମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୫ୱିକେଟରେ ଚେନ୍ନଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିଛି। ଏହା ଫଳରେ ଚଳିତ ଟୁର୍ଣ୍ଣାମେଣ୍ଟରେ ପଞ୍ଜାବ କିଙ୍ଗ୍‌ସ ୨ଟି ମ୍ୟାଚ୍‌ରୁ ୨ଟିରେ ବିଜୟ ହାସଲ କରିଛି। ଅନ୍ୟ ପକ୍ଷରେ ସୁପର କିଙ୍ଗ୍‌ସ ୨ଟି ମ୍ୟାଚ୍ ଖେଳି ୨ଟିରେ ପରାଜିତ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସୁପର କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୦୯ ରନ୍ କରିଥିଲା। ଜବାବରେ ପ୍ରମୁଖ ବ୍ୟାଟରଙ୍କ ସଫଳତା ବଳରେ ପଞ୍ଜାବ କିଙ୍ଗ୍‌ସ ୧୮.୪ ଓଭରରେ ୫ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରରୁ ଓପନର ପ୍ରିୟାଂଶ ଆର୍ଯ୍ୟ ୧୧ବଲ୍‌ରୁ ୩ ଚୌକା ଓ ୪ଛକା ସହ ୩୯ ରନ୍ କରି ଭଲ ଆରମ୍ଭ କରିଥିଲେ। ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଭସିମରନ ସିଂହ ୩୪ବଲ୍‌ରୁ ୪୩ରନ୍, କୁପର କୋନ୍ନୋଲୀ ୨୨ବଲ୍‌ରୁ ୬ଚୌକା ସହ ୩୬, ଅଧିନାୟକ ଶ୍ରେୟସ ଆୟର ୨୯ବଲ୍‌ରୁ ୪ଚୌକା ଓ ୩ଛକା ସହ ୫୦ ରନ୍ କରି ଦଳକୁ ବିଜୟର ନିକଟତର କରାଇବା ପରେ ଆଉଟ ହୋଇଥିଲେ। ଶଶାଙ୍କ ସିଂ ୬ବଲ୍‌ରେ ୧୪ ଓ ମାର୍କସ ଷ୍ଟୋଇନିସ୍ ୩ବଲ୍‌ରେ ୯ରନ୍ କରି ଶେଷଯାଏ ଅପରାଜିତ ରହିବା ସହ ଦଳକୁ ୫ ୱିକେଟରେ ଏହି ଦମ୍‌ଦାର ବିଜୟ ପ୍ରଦାନ କରିଥିଲେ। ଚେନ୍ନଇର ମ୍ୟାଟ୍ ହେନରୀ ଓ ଅଂଶୁଲ କାମ୍ବୋଜ ୨ଟି ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ ତାହା କିଛି କାମଦେଇ ନ ଥିଲା।

| ଆଜିର ଆଇପିଏଲ୍ ମ୍ୟାଚ୍ |
|---|
| ହାଇଦରାବାଦ ବନାମ ଲକ୍ଷ୍ନୌ |
| ଭେନ୍ୟୁ-ହାଇଦରାବାଦ |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

| ଆଜିର ଆଇପିଏଲ୍ ମ୍ୟାଚ୍ |
|---|
| ବେଙ୍ଗାଲୁରୁ ବନାମ ଚେନ୍ନଇ |
| ଭେନ୍ୟୁ-ବେଙ୍ଗାଲୁରୁ |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

## ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟାନ୍ସ

# ଜୟସ୍ୱାଲ-୫୫, ଜୁରେଲ- ୭୫



ଅହମ୍ମଦାବାଦ୍,୪।୪(ଏଜେନ୍ସି): ଏଠାରେ ଶନିବାର ଅନୁଷ୍ଠିତ ଆଇପିଏଲ୍‌ର ଦ୍ୱିତୀୟ ତଥା ଟୁର୍ଣ୍ଣାମେଣ୍ଟର ଗୁଜରାଟ ଟାଇଟାନ୍ସ ବିପକ୍ଷ ମୁକାବିଲାରେ ରାଜସ୍ଥାନ ରୟାଲ୍ସର ଓପନର ଯଶସ୍ୱୀ ଜୟସ୍ୱାଲ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲ ଅର୍ଦ୍ଧଶତକ ହାସଲ କରିଛନ୍ତି। ଜୟସ୍ୱାଲ ୩୬ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ୫୫ ରନ୍ କରିଥିବା ବେଳେ ଜୁରେଲ ୪୨ବଲ ଖେଳି ୫ଟି ଲେଖାଏଁ ଚୌକା ଓ ଛକା ବଳରେ ୭୫ ରନ୍ କରିଥିଲେ। ଏମାନଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୧୦ ରନ୍ କରିବାକୁ ସମର୍ଥ ହୋଇଛି। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ବିସ୍ଫୋରକ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ୧୮ ବଲ୍‌ରେ ୫ଚୌକା ଓ ୧ଛକା ସହ ୩୧, ଅଧିନାୟକ ରିୟାନ ପରାଗ ୪ ବଲ୍‌ରେ ୮, ସିମରନ ହେଟମାୟର ୮ବଲ୍‌ରେ ୧୮, ଡୋନୋଭାନ ଫେରେରା ୧ ରନ୍ କରି ଆଉଟ ହୋଇଛନ୍ତି। ଗୁଜରାଟ ପକ୍ଷରୁ କାଗିସୋ ରାବାଡା ୨ଟି, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଅଶୋକ ଶର୍ମା ଓ ଶୁବମନ ଗିଲ୍‌ଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଉଥିବା ରଶିଦ୍ ଖାନ୍ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି। ଗୁଜରାଟ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରବାକୁ ନିଷ୍ପତ୍ତି ନେଇଥିଲା।

# ଆଜି ଐତିହ୍ୟ ଗଣଦୌଡ଼

ଭୁବନେଶ୍ୱର,୪।୪ (ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ଼ର ଦ୍ୱିତୀୟ ସଂସ୍କରଣ ଆସନ୍ତାକାଲି ଅନୁଷ୍ଠିତ ହେବ। ଏହା ମୁକ୍ତେଶ୍ୱର ମନ୍ଦିରରୁ ସକାଳ ୫ଟା ୩୦ ମିନିଟ୍‌ରେ ଆରମ୍ଭ ହେବ। ଏହା ପରେ ରାମେଶ୍ୱର ମନ୍ଦିର, ବିବେକାନନ୍ଦ ମାର୍ଗ, ଉତ୍କଳ କନିକା ଗ୍ୟାଲେରିଆ ମଲ୍, ଲୁଇସ ରୋଡ, ବିଜେବି କଲେଜ ଓ ରବି ଟକିଜ୍ ଛକ ଦେଇ ରାଜାରାଣୀ ମନ୍ଦିରରେ ଶେଷ ହେବ। ଏଥିରେ ସମସ୍ତ ପ୍ରକାର ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

## ଏନ୍‌ସିଏ ୧୯ ବର୍ଷରୁ କମ୍ ଶିବିର

# ଓଡ଼ିଶାରୁ ସୟଦ, ସମ୍ବିତ ଓ ପ୍ରିୟାଂଶୁ



ସୟଦ ତୁଫାଏଲ ଅହମ୍ମଦ୍



ସମ୍ବିତ କୁମାର ବେଜା



ପ୍ରିୟାଂଶୁ ମହାନ୍ତି

ଭୁବନେଶ୍ୱର, ୪।୪ (ସମିସ): ଏନ୍‌ସିଏ ବା ଜାତୀୟ କ୍ରିକେଟ ଏକାଡେମୀ ପକ୍ଷରୁ ୧୯ବର୍ଷରୁ କମ୍ ଖେଳାଳିଙ୍କ ଏଲିଟ ଶିବିର ମେ' ମାସ ୧୧ରୁ ଜୁନ୍ ୬ ତାରିଖଯାଏ ଆୟୋଜିତ ହେବ। ବିନୁ ମଙ୍କଡ ଟ୍ରଫି ଓ କୁଚ୍ ବିହାର ଟ୍ରଫିରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ଓଡ଼ିଶାର ୩ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏହି ଖେଳାଳିମାନେ ହେଲେ ସ୍ପିନର ସୟଦ ତୁଫାଏଲ ଅହମ୍ମଦ୍, ସମ୍ବିତ କୁମାର ବେଜା ଓ ପ୍ରିୟାଂଶୁ ମହାନ୍ତି। ଏହି ୩ ଜଣ ଖେଳାଳି ଓଡ଼ିଶା ଲାଗି ଚଳିତ ସିଜନରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଏପରିକି ସୟଦ ତୁଫାଏଲ୍ ମଧ୍ୟ ଓଡ଼ିଶା ପକ୍ଷରୁ ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲେ। ସୟଦ ଓ ସମ୍ବିତ ମୋହାଲିରେ ଏବଂ ପ୍ରିୟାଂଶୁ ପଣ୍ଡିଚେରୀରେ ଥିବା ନ୍ୟାସନାଲ କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ନେବେ ବୋଲି ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

# ସେମିରେ ପାରାମାଉଣ୍ଟ ସ୍ପୋର୍ଟିଂ

ଭୁବନେଶ୍ୱର,୪।୪ (ସମିସ): ଭୁବନେଶ୍ୱରର ପାରାମାଉଣ୍ଟ ସ୍ପୋର୍ଟିଂ ୧୨୧ ରନ୍‌ର ବିଶାଳ ବ୍ୟବଧାନରେ ଓସ୍କାର ସ୍ପୋର୍ଟିଂକୁ ପରାସ୍ତ କରି ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୭ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଚତୁର୍ଥ ତଥା ଶେଷ କ୍ୱାର୍ଟରଫାଇନାଲ ମୁକାବିଲା ଭାରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ) ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ (ଆଇଆଇସି) ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ପରେ ସେମିଫାଇନାଲରେ କିଏ କାହା ସହ ଖେଳିବେ ତାହା ସ୍ଥିର ହେବ। ଆଜି ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ସୁନ୍ଦର ଅଲରାଉଣ୍ଡ (୨୮ରନ୍, ୫ରନ୍‌ରେ ୪ୱିକେଟ) ପ୍ରଦର୍ଶନ କରିଥିବା ସ୍ୱାଗତ ଏସ୍. ମିଶ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।





ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୯ ୱିକେଟ ହରାଇ ୧୬୪ ରନ୍ କରିଥିଲା। ଦଳ ପକ୍ଷରୁ କ୍ରିଷ୍ଣା ସାସ୍‌ମଲ ସର୍ବାଧିକ ୪୫, ସ୍ମୃତିରଞ୍ଜନ ମହାରଣା ୨୯ ଓ ସ୍ୱାଗତ ମିଶ୍ର ୨୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଲୋକେଶ କୁମାର, କୌଶିକ ଦତ୍ତ ଓ ଆର୍ଯ୍ୟବୀର ଲେଙ୍କା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଜବାବରେ ସ୍ୱାଗତ ଓ ସାହାଜେବ୍ ଆଲାମଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି ଓସ୍କାର ୧୪.୨ ଓଭରରେ ମାତ୍ର ୪୩ ରନ୍ କରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ଉଭୟ ବୋଲର ୫ରନ୍ ଲେଖାଏଁ ବ୍ୟୟ କରି ୪ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ସତ୍ୟବ୍ରତ ମହାପାତ୍ର ଓ ରଣଜିତ ମହାରଣା ଖେଳ ପରିଚାଳନା କରିଥିଲେ। ମେଟ୍ରୋ ଗ୍ରୁପ୍ ଅଧ୍ୟକ୍ଷ ପୀୟୁଷ ମହାନ୍ତି, ପ୍ରକାଶ ଜେନା ଓ ଆଇନଜୀବି ସତ୍ୟବ୍ରତ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS